

ଟେଷ୍ଟରୁ ସନ୍ୟାସ ନେବେ ବୁମ୍ରା!

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 126 | ଭାଗ ୩୩ | ସଂଖ୍ୟା ୧୨୬ | Bhubaneswar | Sunday 27 July 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୨୭ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### 'ମର୍ଣ୍ଣିଂ କନ୍‌ସଲ୍ଟ' ମାରିଲା ମୋହର

## ମୋଦି ପୁଣି ବିଶ୍ୱଗୁରୁ




**ୱାଶିଂଟନ୍,୨୬।୭:** ୧୧ ବର୍ଷ ତଳେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ନରେନ୍ଦ୍ର ମୋଦି କ୍ରମାଗତ ଭାବେ ବିଶ୍ୱକୁ ତାଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ କରିଆସିଛନ୍ତି। ଦିନକୁ ଦିନ ବିଶ୍ୱ ସ୍ତରରେ ତାଙ୍କ ଲୋକପ୍ରିୟତା ବଢୁଥିବା ବେଳେ ଏବେ ଏଥିରେ ଆମେରିକାର ପ୍ରମୁଖ ବ୍ୟାବସାୟିକ ଗୁଇନ୍ଦା କମ୍ପାନୀ 'ମର୍ଣ୍ଣିଂ କନସଲ୍ଟ' ତାଙ୍କୁ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ବୋଲି ଏକ ସର୍ଭେରେ ସ୍ପଷ୍ଟ କରିଛି। ଏହି କମ୍ପାନୀ ପକ୍ଷରୁ ଜୁଲାଇ-୨୦୨୫ର ସଦ୍ୟତମ ସର୍ଭେ ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏଥିରେ ମୋଦିଙ୍କୁ ୭୫ ପ୍ରତିଶତ ଲୋକଙ୍କ ପସନ୍ଦ କରିଛନ୍ତି। ଅର୍ଥାତ୍ ମୋଦିଙ୍କୁ ୭୫ ପ୍ରତିଶତ ଅନୁମୋଦନ ରେଟିଂ ମିଳିଛି। ଏହି ସର୍ଭେରେ ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌କୁ ବେଶ୍ ପଛରେ ପକାଇ ଦେଇଛନ୍ତି। ମୋଦି ଏକ ନମ୍ବରରେ ଥିବା ବେଳେ ଟ୍ରମ୍ପ୍ ୮ ନମ୍ବରରେ ରହିଛନ୍ତି। ଏହି ସର୍ଭେ ଗତ ଜୁଲାଇ ୪ରୁ ୧୦ ତାରିଖ ମଧ୍ୟରେ କରାଯାଇଥିବା ବେଳେ ଏଥିରେ ୨୦ଟି ଦେଶର ନେତାଙ୍କ ମୂଲ୍ୟାଙ୍କନ ସାମିଲ୍ ରହିଛି। ଏହି ତାଲିକାରେ ମୋଦିଙ୍କ ପରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜା ମ୍ୟୁଙ୍ଗ। ତାଙ୍କୁ ୫୯ ପ୍ରତିଶତ ଅନୁମୋଦନ ରେଟିଂ ମିଳିଛି। ଏହାଛଡ଼ା ଟ୍ରମ୍ପଙ୍କୁ ୪୫ ପ୍ରତିଶତରୁ କମ୍ ରେଟିଂ ମିଳିଥିବା ଜଣାପଡ଼ିଛି। 'ମର୍ଣ୍ଣିଂ କନସଲ୍ଟ'ର ଏହି ସର୍ଭେ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତିଷ୍ଠା ଦେଶ ଭିତରେ ହେଉ କି ବାହାରେ, ➪ପୃଷ୍ଠା-୬

### ପରିମଳ କର୍ମଚାରୀଙ୍କ ପାଇଁ ପେଡ଼ି ଖୋଲିଦେଲେ ମୁଖ୍ୟମନ୍ତ୍ରୀ

# ୧୦ ଲକ୍ଷର ବୀମା, ମୃତ୍ୟୁରେ ୩୦ ଲକ୍ଷ ସହାୟତା

**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ଆଜି ଏଠାରେ ଗରିମା ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଥିବା ବେଳେ ଏହା ଏକ ବୈଠକ ନୁହେଁ, ବରଂ ସହରକୁ ନିରନ୍ତର ପରିଚ୍ଛନ୍ନ ରଖୁଥିବା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପରିମଳ କର୍ମଚାରୀମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ ସରକାରଙ୍କ ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ପେଡି ଖୋଲିଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେ ଘୋଷଣା କରି କହିଛନ୍ତି ଯେ ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ କର୍ମଚାରୀ)ଙ୍କୁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା ମିଳିବ। ସେହିପରି କର୍ମ କ୍ଷେତ୍ରରେ ଜୀବନହାନୀ ପରିପ୍ରେକ୍ଷୀରେ ୩୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି

- ଦୁଇ ଦିନିଆ ଗରିମା ଜାତୀୟ କର୍ମଶାଳା ଉଦ୍‌ଘାଟିତ
- ୭ ରାଜ୍ୟ ଅଧିକାରୀ ଓ ପରିମଳ କର୍ମଚାରୀଙ୍କ ଯୋଗଦାନ
- ମୋବାଇଲ ସହ ଯୋଗାଇଦିଆଯିବ ବାସଗୃହ
- ଅଗଷ୍ଟ ୧୫ରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ

ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଫେଇ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଜାତୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି। ଏହି ଦୁଇଦିନିଆ କର୍ମଶାଳାର ବିଷୟବସ୍ତୁ 'ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ- ସୁରକ୍ଷା, ସମ୍ମାନ ଓ ସମାବେଶନ ରହିଥିବା ବେଳେ ଏହି ପ୍ରଦାନ ବ୍ୟବସ୍ଥା ହେବ। ଆହୁରି ପ୍ରମୁଖ ପରିମଳ କର୍ମଚାରୀଙ୍କୁଙ୍କୁ ମୋବାଇଲ ଫୋନ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ପ୍ରଦାନ ଏବଂ ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ଦିନିଆ ରାଜ୍ୟବ୍ୟାପୀ ଆଇଇସି ଆକ୍ଟିଭିଟି କରାଯିବ। ଏହା ସହିତ




ପ୍ରତିବର୍ଷ ଓଡିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ୭ଟି ରାଜ୍ୟ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସରକାରୀ ଅଧିକାରୀ ଓ ସଫେଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଆମ ଜଗନ୍ନାଥ ସଂସ୍କୃତିରେ ସ୍ୱଚ୍ଛତା ବିଷୟରେ ଦର୍ଶାଯାଇଛି। ରଥଯାତ୍ରା ସମୟରେ ଛେରାପହରା ଏହାର ଏକ ପ୍ରମୁଖ ଉଦାହରଣ। ଏଥିରେ ସଫେଇ କାର୍ଯ୍ୟର ମର୍ଯ୍ୟାଦା ଉପରେ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶାର ଗରିମା ଯୋଜନା ପରିମଳ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରୁଛି। ଗରିମା ଯୋଜନା ଜାତୀୟ ପରିମଳ ଲକ୍ଷ୍ୟକୁ ପୂରଣ କରିବା ସହ ଅନେକ ରାଜ୍ୟ ପାଇଁ ପ୍ରେରଣାଦାୟୀ ହୋଇଛି। ପରିମଳ କର୍ମଚାରୀମାନଙ୍କ ସୁରକ୍ଷା ଓ ସମ୍ମାନ ପ୍ରଦର୍ଶନ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ସର୍ବାଗ୍ରେ ରହିବ। ମୋଦିଜୀ ଦେଶର ଆର୍ଥିକ ବିକାଶ ସହ ପରିମଳ ପରି ଏକ ନଜରଅନ୍ଦାଜ ବିଷୟ ଉପରେ ମଧ୍ୟ ଗୁରୁତ୍ୱ ଦେଇ ଗତ ୨୦୧୪ ଅଗଷ୍ଟ ୧୫ରେ ସ୍ୱଚ୍ଛ ଭାରତ ଆନ୍ଦୋଳନ ଜରିଆରେ ଘରେ ଘରେ ଶୌଚାଳୟ ନିର୍ମାଣ ପାଇଁ ଆହ୍ୱାନ ➪ପୃଷ୍ଠା-୬

## ନୂଆ ରୂପରେ ଆସିବ ଭୁବନେଶ୍ୱର ମେଟ୍ରୋ

**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ନୂଆ ରୂପରେ ଆସିବ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ, ଯେଉଁଥିପାଇଁ ଏନେଇ ହୋଇଥିବା ଟେଣ୍ଡରକୁ ବାତିଲ କରାଯାଇଥିବା ବେଳେ ମନ୍ତ୍ରୀସ୍ତରୀୟ କମିଟି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରୁଛନ୍ତି। ଏହି ପ୍ରକଳ୍ପ ଏଣିକି ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ନ ହୋଇ କଟକ ହାଇକୋର୍ଟ ଛକ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ମନ୍ତ୍ରୀସ୍ତରୀୟ କମିଟିରେ ଏ ସମ୍ପର୍କରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବା ପରେ କେନ୍ଦ୍ରକୁ ପ୍ରସ୍ତାବ ଦିଆଯିବ। ରାଜ୍ୟରେ ଦୀର୍ଘ ୮ ମାସରୁ ଅଧିକ ସମୟ ଧରି ବନ୍ଦ ପଡ଼ିଥିବା ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦାୟିତ୍ୱରେ ଥିବା ଦିଲ୍ଲୀ ମେଟ୍ରୋ ରେଳ ନିଗମ ଗତକାଲି ସମସ୍ତ ଟେଣ୍ଡରକୁ ବାତିଲ କରିଦେଇଛି। ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ଦର୍ଶାଇ ଏହି ଟେଣ୍ଡରଗୁଡ଼ିକୁ ବାତିଲ କରାଯାଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟ କରୁଥିବା କମ୍ପାନୀ 'ସୈଗଲ୍ ଇଣ୍ଡିଆ' ଓ ରଞ୍ଜିତ୍ ବିଲଡକନ୍ ସହ ➪ପୃଷ୍ଠା-୬

- ମନ୍ତ୍ରୀସ୍ତରୀୟ କମିଟି କରୁଛି ତର୍ଜମା
- ସାନି ଡିପିଆର ପ୍ରସ୍ତୁତ କରିବେ ସରକାର
- କେନ୍ଦ୍ର ସହଭାଗିତାରେ ହେବ ପ୍ରକଳ୍ପ



### ଉଦବେଗ ପ୍ରକାଶକଲେ ନବୀନ

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଟେଣ୍ଡର ବାତିଲ ହେବା ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ଥିଲା ବିଜେଡି ସରକାରଙ୍କ ସ୍ୱପ୍ନ। ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସାଙ୍ଗକୁ ଆନ୍ତର୍ଜାତିକ ସ୍ତରର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିସହ ଆଧୁନିକ ପରିବହନ ➪ପୃଷ୍ଠା-୬

## ଫୁଲୁଛି ବୈତରଣୀ ଓ ସୁବର୍ଣ୍ଣରେଖା, ଆସୁଛି ବଡ଼ ବନ୍ୟା



**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ଗତ କିଛି ଦିନ ହେଲା ଲଗାଣ ବର୍ଷା ହେବା ଫଳରେ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକର ଜଳ ସ୍ତର କ୍ରମାଗତ ଭାବେ ବଢୁଥିବା ଜଣାପଡ଼ିଛି। ତେଣୁ ରାଜ୍ୟରେ ପୁଣିଥରେ ବନ୍ୟା ସ୍ଥିତି ଉପୁଜିବା ଆଶଙ୍କା ରହିଛି। ବିଶେଷକରି ଉତ୍ତର ଓଡ଼ିଶାର ତିନି ପ୍ରମୁଖ ଜିଲ୍ଲା ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ନିକଟରେ ହୋଇଥିବା ବନ୍ୟାଜନିତ କ୍ଷତିରୁ ଜନସାଧାରଣ ମୁକୁଳିନଥିବା ବେଳେ ପୁଣିଥରେ ସେମାନଙ୍କୁ ବନ୍ୟା ଭୟ ଘାରିଲାଣି। ଗୋଟିଏ ପଟେ ବୈତରଣୀରେ ଜଳସ୍ତର ବଢୁଥିବା ବେଳେ ସୁବର୍ଣ୍ଣରେଖା ଜଳ ସ୍ତର ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଧାମନଗରରେ ସ୍ଥିତି ସମୀକ୍ଷା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଆହୁରି ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଲଗାଣ ବର୍ଷା ଯୋଗୁଁ ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳିପୁରା ପଞ୍ଚାୟତରେ ବୁଢ଼ାବଳଙ୍ଗ ଜଳ ସ୍ତର ବୃଦ୍ଧି ପାଇଛି। ବନ୍ୟା ପରିସ୍ଥିତି ଆଶଙ୍କା କରି ତଳିଆ ଅଞ୍ଚଳର ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ➪ପୃଷ୍ଠା-୬

## ବଳଙ୍ଗା ପୀଡ଼ିତାଙ୍କ ବୟାନରେ ରହୁନି ତାଳମେଳ




- ପୁଣିଥରେ ପଚରାଉଚରା କରିପାରେ କ୍ରାଇମ୍ ବ୍ରାଞ୍ଚ୍
- ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ସମ୍ପ୍ରତି ଗୁରୁତର ଅବସ୍ଥାରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ବଳଙ୍ଗା ପୀଡ଼ିତାଙ୍କର ଦ୍ୱିତୀୟ ଥର ପାଇଁ ଗତକାଲି କ୍ରାଇମ୍‌ବ୍ରାଞ୍ଚ୍ ବୟାନ ରେକର୍ଡ କରିଛି। ତେବେ ଏଥର ସେ ତାଙ୍କ ବୟାନ ବଦଳାଇଥିବା କୁହାଯାଉଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ସମୟରେ ସେ ଯେଉଁ ବୟାନ ଦେଇଥିଲେ, ତାହା ସଦ୍ୟ ବୟାନ ସହ ମେଳ ଖାଉନାହିଁ। ତେଣୁ ତାଙ୍କୁ ପୁଣିଥରେ ପଚରାଉଚରା କରିବା ସକାଶେ କ୍ରାଇମ୍ ବ୍ରାଞ୍ଚ୍ ଦିଲ୍ଲୀ ଯିବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଆଜି ଦିଲ୍ଲୀରୁ ଫେରିଥିବା କ୍ରାଇମବ୍ରାଞ୍ଚ ଟିମ୍ ସହ ଘଟଣା ସମ୍ପର୍କରେ ପୁରୀ ଏସ୍‌ପି ପିନାକ ମିଶ୍ର ଆଲୋଚନା କରିଛନ୍ତି। ବଳଙ୍ଗା ଥାନାରେ କ୍ରାଇମବ୍ରାଞ୍ଚ ଟିମ୍ ସହ ସେ ବିଚାରବିମର୍ଶ କରିଛନ୍ତି। କିନ୍ତୁ ସେ ବଳଙ୍ଗା ପୀଡ଼ିତା ବୟାନ ବଦଳାଉଥିବା ପ୍ରସଙ୍ଗରେ କିଛି ବି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ସେ କେବଳ କହିଛନ୍ତି ଯେ ସବୁ ଦିଗରୁ ତଦନ୍ତ ଜାରି ରହିଛି। ଗତ କିଛିଦିନ ଧରି ଚାଲିଥିବା ଅନୁସନ୍ଧାନ ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣ ମିଳିଛି। ଖୁବଶୀଘ୍ର କ୍ରାଇମ୍ ➪ପୃଷ୍ଠା-୬

## ଆସୁଛି ଟ୍ୱିଟ୍ ମାଷ୍ଟରଙ୍କ ନୂଆ ଫିଲ୍ମ

### ଭିନ୍ନ ଢଙ୍ଗରେ ଆସିବ 'ୱାକଫ୍-୨'



**ଭୁବନେଶ୍ୱର, ୨୬।୭ (ସଂଚାର ବ୍ୟୁରୋ):** ଉପରାଷ୍ଟ୍ରପତି ପଦରୁ ହଠାତ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଅଡୁଆରେ ପଡ଼ିଯାଇଛି ବିଜେଡି। ଆଗକୁ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଦଳର ଆଭିମୁଖ୍ୟ କ'ଣ ହେବ, ତାକୁ ନେଇ ଦଳ ମଧ୍ୟରେ ଭାଳେଣି ପଡ଼ିଛି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ପୂର୍ବ ଇତିହାସ ଦେଖିଲେ ଅନ୍ୟ ସବୁ ପ୍ରସଙ୍ଗ ଭଳି ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ମଧ୍ୟ ସମର୍ଥନ କରିବେ ବୋଲି ଆପାତତଃ ଜଣାପଡୁଛି। କିନ୍ତୁ ଦଳର କିଛି ବରିଷ୍ଠ ନେତାଙ୍କ ମତ ଭିନ୍ନ। ତେଣୁ ନବୀନ ନିଜ ଷ୍ଟାଇଲରେ ପୁଣି ଗୁଗ୍‌ଲି ଖେଳିବା ଆରମ୍ଭ କରିଦେଇଛନ୍ତି। ଏଥର ନବୀନ ଯେଉଁ ଗୁଗ୍‌ଲି ଖେଳିବାକୁ ଯାଉଛନ୍ତି ତାହା 'ୱାକଫ ବିଲ' ସିନେମାର ରିମେକ୍ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି। ୱାକଫ ବିଲ୍‌ରେ ସଂଖ୍ୟାଲଘୁ ତୁଷ୍ଟୀକରଣ ପାଇଁ ପ୍ରଥମେ ବିଜେଡି ଏହାକୁ ବିରୋଧ କରିବ ବୋଲି ନିଷ୍ପତ୍ତି ନେଇଥିଲା। କିନ୍ତୁ ଏନଡିଏ ଚାପରେ ସିଧାସଳଖ ଭାବେ ସମର୍ଥନ ଘୋଷଣା ନ କରି ସସ୍ମିତ ପାତ୍ରଙ୍କ ଜରିଆରେ ବିବେକାନୁମୋଦିତ ଭୋଟ ଦେବାକୁ କୁହାଗଲା। ଏହାକୁ ନେଇ ସେ ସମୟରେ ବିଜେଡିରେ ବିରାଟ ଝଡ଼ ସୃଷ୍ଟି ହୋଇଥିଲା। ଦଳ ବିରୋଧରେ ବହୁ ବରିଷ୍ଠ ➪ପୃଷ୍ଠା-୬

## ଏନ୍‌କାଉଣ୍ଟରରେ ଟଳିଲେ ୪ ମାଓବାଦୀ



**ମାଲକାନଗିରି,୨୬।୭(ସଂଚାର ବ୍ୟୁରୋ):** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଶନିବାର ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। ମାଓବାଦୀମାନଙ୍କ ସହ ଚାଲିଥିବା ଏନ୍‌କାଉଣ୍ଟରରେ ସୁରକ୍ଷା ବାହିନୀ ଗୁଳିରେ ୪ ଜଣ ମାଓବାଦୀଙ୍କୁ ନିପାତ ହୋଇଛନ୍ତି। ଏ ସଂକ୍ରାନ୍ତରେ ସୂଚନା ଦେଇ ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ଜାରି ରହିଛି। ଅଦ୍ୟାବଧି ଏହି ଏନ୍‌କାଉଣ୍ଟର୍‌ରେ ୪ ଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ବେଳେ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏଥିସହ ସୁରକ୍ଷା ବାହିନୀକୁ ଘଟଣାସ୍ଥଳରୁ ଗୋଟିଏ ଏସ୍‌ଏଲ୍‌ଆର୍ ଓ ଇନ୍‌ସାସ୍ ବନ୍ଧୁକ ମଧ୍ୟ ମିଳିଛି। ପୂର୍ବରୁ ଜିଲ୍ଲାର ଦକ୍ଷିଣ-ପଶ୍ଚିମାଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂତ୍ରରୁ ସୂଚନା ପାଇବା ପରେ ସୁରକ୍ଷା ବାହିନୀ ମାଓବିରୋଧୀ ଅପରେସନରେ ବାହାରିଥିଲା। ଶନିବାର ସନ୍ଧ୍ୟାରୁ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଏନ୍‌କାଉଣ୍ଟର୍ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚାଲିଥିବା ଜଣାପଡ଼ିଛି।



### କାନ ଡେରିଆ

କାଠ ବିକି ଦେଇ ଜଙ୍ଗଲ
ମାଫିଆ
ହାବୁଡ଼ରେ ପଡିଗଲେ
କୋଟି କୋଟି ଟଙ୍କା ଜବତ
ହୋଇଲା
ବାବୁ ପୁରା ସ୍ୱଚ୍ଛ ଥିଲେ
ଲୋଭାଗ୍ରସ୍ତ ବେଶୀ ହେଲେ...
ନିଆଁ ମଝିରେ କ୍ଷୀର ପଶିଯିବ
କ୍ଷୀରଟା ଉତୁରି ଗଲେ ।

■ ଦେବାଶିଷ

## ବିଜେଡି ଟିଙ୍କଙ୍କ ଉପରେ ମୋହନଙ୍କ ପାହାର

**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୁର୍ନୀତିବିରୋଧୀ ହୁଙ୍କାର ଏବେ କାମ ଦେଉଛି। ବିଜେଡି ସରକାର ସମୟରେ ଟଙ୍କା ଖାଇ ଖାଇ ଟିଙ୍କ ପାଲଟିଥିବା ବାବୁମାନେ ନିଇତି ଭିଜିଲାନ୍ସ ଜାଲରେ ପଡୁଛନ୍ତି। ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ଜେଠୱାଙ୍କ ଟିମ୍ ହାତରେ ଧରାପଡୁଥିବା ଏହି ଟିଙ୍କ ମଧ୍ୟରୁ କିଏ ଜମିଦାର ପାଲଟିଛନ୍ତି ତ ଆଉ କିଏ ଧନକୁବେର। ଟିଙ୍କମାନଙ୍କ ଜମିଜମା, ସୁନା ଓ ଗଦା ଗଦା ଟଙ୍କା ଏବେ ଅନେକଙ୍କୁ ଆଚମ୍ବିତ କରିଛି।

ବିଜେଡି ସରକାର ସମୟରେ ନିଜ ନିଜ ପଦବୀର ଅପବ୍ୟବହାର କରି ଏବେ ଅବସର ନେଇ ଖସିଯିବାକୁ ବସିଥିବା ଟିଙ୍କମାନେ ଧରାପଡୁଛନ୍ତି। ଧରାପଡୁଥିବା ଏହି ବାବୁମାନଙ୍କ ମଧ୍ୟରୁ କାହାର ପ୍ଲଟ ସଂଖ୍ୟା ଶହେ ପାର ତ ଆଉ କାହା ଘରୁ କିଲୋ କିଲୋ ସୁନା ବାହାରୁଛି। ନଗଦ ଉପରେ ଧରାପଡ଼ିଥିବା ଜଣେ ଜଙ୍ଗଲ ବାବୁଙ୍କର ଆୟଠାରୁ ୫ ଶହ ପ୍ରତିଶତରୁ ଅଧିକ ସମ୍ପତ୍ତି ଠାବ ହେବା ପରେ ତାଙ୍କୁ ହାଜତକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ବିଭାଗ ଯେଉଁଦିନ ଯେଉଁଠି ଚଢାଉ କରୁଛି, ସେଠାରୁ ଏହି କୁବେରମାନେ ଧରାପଡୁଛନ୍ତି।

ନିକଟରେ ଜାରି ତାଲିକାରୁ ଜଣାପଡିଛି ଯେ ଭିଜିଲାନ୍ସ ଜାଲରେ




- କିଏ କୁବେର ତ କିଏ ଜମିଦାର
- ଜେଠୱାଙ୍କ ଟିମ୍‌କୁ ସାବାସୀ

ପଡ଼ିଥିବା ୨୪ ଜଣ ସରକାରୀ ବାବୁଙ୍କର ଯେତିକି ଜମି ପଦାକୁ ଆସିଛି, ତାହା ଏକାଧିକ ଜମିଦାରଙ୍କୁ ବି ପଛରେ ପକାଇଦେବ। ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କର ୧୧୫ଟି ପ୍ଲଟ ଠାବ ହୋଇଥିବା ବେଳେ ଯନ୍ତ୍ରୀ ପ୍ରଭାସ ପ୍ରଧାନଙ୍କର ୧୦୫ଟି ପ୍ଲଟ ଠାବ କରାଯାଇଛି। ଅବକାରୀ ବାବୁ ରାମଚନ୍ଦ୍ର ମିଶ୍ରଙ୍କର ୫୨ଟି ପ୍ଲଟ ଠାବ ହୋଇଥିବା ବେଳେ ମୁଖ୍ୟଯନ୍ତ୍ରୀ ପ୍ରଦୀପ ରଥଙ୍କର ୫୦ଟି ପ୍ଲଟ୍ ଥିବା ସାମ୍ନାକୁ ଆସିଛି। ସେହିପରି ରାୟଗଡାର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ୮୨ ଏକର ଜମି କିଣିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଖାଲି ଜମି ନୁହେଁ, ଯାବତୀୟ ଦୁର୍ନୀତିରେ ଲିପ୍ତ ରହି ହାତେଇଥିବା କଳା ଟଙ୍କାରେ ଜମି ସହ ରାଜ୍ୟର ଏକାଧିକ ସ୍ଥାନରେ ସୁଉଚ୍ଚ କୋଠା, ମାର୍କେଟ କମ୍ପ୍ଲେକ୍ସ, ଫାର୍ମହାଉସ୍ ଆଦି କରିଛନ୍ତି।

ତେବେ ଚାକିରି ସରିଆସୁଥିବା ଏହି ବାବୁମାନେ ବିଜେଡି ଶାସନ କାଳରେ ହିଁ ଟଙ୍କା ଖାଇ ଖାଇ ଟିଙ୍କ ପାଲଟିଛନ୍ତି। ବିଜେଡି ସରକାର କିଭଳି ଏହି ଟିଙ୍କମାନଙ୍କ ଟଙ୍କା ଶୋଷାକୁ ଠାବ କରିପାରିନଥିଲା, ତାହା ଏବେ ଆଲୋଚନାର ବିଷୟବସ୍ତୁ ହୋଇଛି। ସବୁବେଳେ ଆଇନ୍‌କୁ ତା' ବାଟରେ ଯିବାକୁ ଦେଉଥିବା ସରକାରଙ୍କ ନାକ ତଳେ ବାବୁମାନେ ଶହ ଶହ କୋଟି ଟଙ୍କା ଲୁଟୁଥିବା ବେଳେ ସରକାରରେ ମାମଲତକାର ସାଜିଥିବା ନେତାମାନେ କିଭଳି ଆଖିବୁଜି ଦେଇଥିଲେ ତାହାକୁ ନେଇ ପ୍ରଶ୍ନ ଉଠିବା ସହ ଅନେକ ଏହି ଟିଙ୍କମାନଙ୍କର ➪ପୃଷ୍ଠା-୬

### ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

## ୧୪ ଦିନ ବଢ଼ିଲା ନିଲମ୍ବିତ ଅଧ୍ୟାପକଙ୍କ ଜେଲ୍ ଅବଧି



**ବାଲେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ୧୪ ଦିନ ବଢ଼ିଲା ଫକୀର ମୋହନ ମହାବିଦ୍ୟାଳୟର ନିଲମ୍ବିତ ଅଧ୍ୟାପକ ସମୀର କୁମାର ସାହୁଙ୍କ ଜେଲ ଅବଧି। ଉକ୍ତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ୍ ବିଇଡି ଛାତ୍ରୀଙ୍କ ମୃତ୍ୟୁ ମାମଲାରେ ଜେଲ୍‌ରେ ଥିବା ଏହି ଅଧ୍ୟାପକଙ୍କ ଜାମିନ୍ ଆବେଦନ ଆଜି ପୁଣିଥରେ ନାମଞ୍ଜୁର ହେବା ଫଳରେ ତାଙ୍କୁ ଆହୁରି ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିବ। ଗତକାଲି ଆଭାସୀ ମାଧ୍ୟମରେ ଶ୍ରୀ ➪ପୃଷ୍ଠା-୬

# ଯନ୍ତ୍ରଣା ଦେଉଛି ନଦୀବନ୍ଧ

**କାଦୁଅ ପଚପଚ ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ**

**ପଶିପାରୁନି ଆମ୍ବୁଲାନ୍ସ**



**ମହାକାଳପଡ଼ା,୨୬।୭ (ସଂଚାର ବ୍ୟୁରୋ):** ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ଗାଡ଼ି ଚାଲିବା ଦୂରର କଥା ରାସ୍ତାରେ ପାଦ ରଖିବାକୁ ଭୟ କରୁଛନ୍ତି ଲୋକେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପଡିକି ଖଣ୍ଡିଆ ଖାବରା ହେଉଛନ୍ତି। ଏନେଇ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ୍ ତେର ଗାଁ ପଞ୍ଚାୟତର ତେର ଗାଁ ଘାଟ ଗୋଡା ଠାରୁ ଘୋଡ଼ା ବନ୍ଧ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। କାଦୁଅ ପଚପଚ ରାସ୍ତାରେ ମଝିରେ ଗାତ ସୃଷ୍ଟି ହୋଇଛି। ପଞ୍ଚାୟତର ପଟଣା, ବାଲିସାହି, ସାନ ତେର ଗାଁ, ବଡ଼ ତେର ଗାଁ, ଘୋଡ଼ା ବନ୍ଧ ଆଦି ୫ ଗ୍ରାମର ପାଖାପାଖି ୨୫୦୦ ଲୋକ ଏହି ରାସ୍ତା ପାଇଁ ହନ୍ତସନ୍ତ ହେଉଛନ୍ତି। କେବଳ ସେତିକି ନୁହେଁ ପଟଣା ପ୍ରାଇମେରୀ ସ୍କୁଲ, ତେର ଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଘୋଡ଼ା ବନ୍ଧ ପ୍ରାଥମିକ ବିଦ୍ୟାଳୟ ଭଳି ୩ ବିଦ୍ୟାଳୟର ପାଖାପାଖି ୧୦୦୦ ଛାତ୍ରଛାତ୍ରୀ ଏହି ରାସ୍ତା ପାଇଁ ସମସ୍ୟା ଭୋଗୁଛନ୍ତି।

ବର୍ଷା ପୂର୍ବରୁ କାଁ ଭାଁ ଡଷ୍ଟ ପକାଇଥିଲା ବିଭାଗ। ହେଲେ ବର୍ତ୍ତମାନର ଅବସ୍ଥା ଦେଖିଲେ ଯଥା ପୂର୍ବଂ ତଥା ପର ଭଳି କଥା। ରାସ୍ତା ପାଇଁ ଲୋକେ ତ ଯାହା ସମସ୍ୟା ଭୋଗୁଛନ୍ତି ସବୁଠାରୁ ବଡ଼ କଥା ହେଉଛି ଯେ ଗାଁ ରାସ୍ତାର ଅବସ୍ଥା ଦେଖି ଆମ୍ବୁଲାନ୍ସ ବି ପଶୁନି। ନିକଟରେ ଦେବେନ୍ଦ୍ର ସାହୁଙ୍କ ମାଆଙ୍କ ଦେହାନ୍ତ ହେବାରୁ ମହାପ୍ରୟାଣ ଗାଡ଼ିରେ ଗାଁ'କୁ ଅଣାଯାଇଥିଲା ହେଲେ କାଦୁଅ ରାସ୍ତା ପାଇଁ ଗାଡ଼ି ଆଗକୁ ବଢ଼ିଲା ନାହିଁ। ଏନେଇ ଲୋକେ ଅସନ୍ତୋଷ ପ୍ରକଟ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଆଇନ ଆବାହକ ପ୍ରତାପ ମହାନ୍ତି କହିଛନ୍ତି ଏହି ରାସ୍ତା ବିଭାଗୀୟ ଅଧିକାରୀଙ୍କ ପାଇଁ ନେଉଟିଆ କିଆରି ପାଲଟିଛି। ବର୍ଷା ଆସିଲେ ଏହି ରାସ୍ତା ଉପରେ ଡଷ୍ଟ ପକାଇ ନାହିଁରେ ତେଲ ଦେଇ ଶୋଇ ପଡୁଛି ବିଭାଗ। ପରେ ଲୋକେ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ଲୋକଙ୍କ ବର୍ତ୍ତମାନର ସୁବିଧା ପାଇଁ ବିଭାଗୀୟ ଅଧିକାରୀ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହିତ ବର୍ଷା ପରେ ସ୍ଥାୟୀ ରାସ୍ତା ନିର୍ମାଣ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପୋଖରୀରୁ ୨ଟି ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର,୨୬।୭ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ରାଜନଗର ରେଞ୍ଜ ଅନ୍ତର୍ଗତ ଏଣ୍ଡୁଲାପୁର ଗ୍ରାମର ଦିବାକର ସେଠୀଙ୍କ ପୋଖରୀରୁ ୬.୬ ଫୁଟର ଏକ ମାଈ ବଉଳା କୁମ୍ଭୀର ଉଦ୍ଧାର କରାଯାଇ ଗୁପ୍ତି ନିକଟସ୍ଥ ହବଲ କ୍ରିକରେ ଛଡାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀ ମଧ୍ୟକୁ ଚାଲି ଆସିଥିବା ଅନୁମାନ କରାଯାଉଛି । ଡିଏଫଓ ଗୋପୀନାଥ ସୁଦର୍ଶନ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ପ୍ରବଳ ବର୍ଷା ସତେ ସକାଳ ୧୧ଟା ସମୟରେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ସବିତା ବେହେରା, ଦୋଳଗୋବିନ୍ଦ ନାୟକ,ସଂଗୀତ ସ୍ୱାଇଁ ବନ କର୍ମଚାରୀ ମନୋରଞ୍ଜନ ସାହୁ, ଚନ୍ଦନ ମଲିକ,ସୁବାସ ମାଝୀ, ଦୁର୍ଯ୍ୟୋଧନ ଦାସ, ରତ୍ନାକର ବିଶ୍ୱାଳ, ଅକ୍ଷୟ ଜେନା, ବୁଦ୍ଧଦେବ ରାଉତ, ଅଞ୍ଜନ ସେଠୀ ପ୍ରମୁଖ ବନ କର୍ମଚାରୀ ବହୁତ ପରିଶ୍ରମ କରି କୁମ୍ଭୀରଟିକୁ ଉଦ୍ଧାର କରିଥିଲେ।



ସେହିପରି ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଡାଙ୍ଗମାଳ ଗ୍ରାମର କାର୍ତ୍ତିକ ବେହେରାଙ୍କ ପୋଖରୀରୁ ୫ ଫୁଟ ଲମ୍ବର ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ସକାଳ ୧୧ଟା ବେଳେ ଡାଙ୍ଗମାଳ ସେକ୍ସନ ଷ୍ଟାଫଙ୍କ ଦ୍ୱାରା ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନ ସ୍ଥିତ ଭିତରକନିକା ନଦୀରେ ଛାଡ଼ି ଦିଆଯାଇଛି। ଉକ୍ତ ଉଦ୍ଧାର କାର୍ଯ୍ୟରେ ବନପାଳ ପ୍ରଶାନ୍ତ କୁମାର ସିଂ, ବନରକ୍ଷୀ କଳ୍ପତରୁ ସେଠୀ, ବନରକ୍ଷୀ ବବୁଲ୍ କୁମାର ପରିଡ଼ା, ଯଶବନ୍ତ ବେହେରା, ଅର୍ଜୁନ ଦଳାଇ, ସଞ୍ଜୟ ଦଳାଇ, ପ୍ରମୁଖ ସାମିଲ ହୋଇଥିଲେ ।

## ବୋଲବମ୍ ଭକ୍ତଙ୍କ ଧ୍ୱନିରେ ରାଜନଗର ପ୍ରକମ୍ପିତ



**ରାଜନଗର,୨୬।୭ (ସଂଚାର ବ୍ୟୁରୋ):** ସକଳ ଶକ୍ତିର ଆଧାର ମହାଦେବଙ୍କ ଅପାର କରୁଣା ଓ କୃପା ଲାଭ କରିବା ପାଇଁ ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାରରେ ଜଳାଭିଷେକ ପାଇଁ ଆଜି ରାଜନଗର ଏବଂ ଆଖ ପାଖ ଅଞ୍ଚଳର ବୋଲବମ ଭକ୍ତ ମାନେ ପାଣି ଉଠାଇବା ଦୃଶ୍ୟ ଭାବମୟ ପରିବେଶ ସୃଷ୍ଟି କରିଛି। ଆଜି ଶହ ଶହ ବୋଲବମ ଭକ୍ତ ମାନେ ଜଳାଭିଷେକ କରିବା ପାଇଁ ସୁଦୂର ଆରଡିସ୍ଥିତର ମହାପ୍ରଭୁ ଆଖଣ୍ଡଳମଣି, କପିଳାସ, ଧବଳେଶ୍ୱର, ମହାବିନାୟକ, ହରପାର୍ବତୀ, ଚନ୍ଦ୍ରମୌଳି, ଗ୍ରତେଶ୍ୱର ପ୍ରଭୃତି ମହାଦେବଙ୍କ ଶୈବପୀଠରେ ସୋମବାର ଦିନ ଜଳାଭିଷେକ କରିବା ପାଇଁ କାଉଡି ଯାତ୍ରା ଆରମ୍ଭ କରିଛନ୍ତି। ଆଜି ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ଏବଂ ରାଜନଗରରେ ପ୍ରବାହିତ ହଂସୁଆ ନଦୀରୁ ଭକ୍ତମାନେ ପୂଜାର୍ଚ୍ଚନା କରି ଜଳ ଉଠାଇ ଖାଲି ପାଦରେ ବାହୁଙ୍ଗି କାନ୍ଧେଇ ରୁଦ୍ରଙ୍କ ମନ୍ତ୍ର ଉଚ୍ଚାରଣ କରିବା ସମୟରେ ରାଜନଗର ପ୍ରକମ୍ପିତ ହୋଇଥିଲା।

## ବିଜ୍ଞାନ ଶିକ୍ଷକଙ୍କ ନାଁରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

- ଶିକ୍ଷକଙ୍କୁ ସ୍କୁଲରୁ ଉଠାଇନେଲା ପୁଲିସ

**ରାଜନଗର,୨୬।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ଆସିଛି। ୧୫ ଜଣ ଛାତ୍ରୀ ଶିକ୍ଷକଙ୍କ ଅସଦାଚରଣ ନେଇ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକଙ୍କୁ ବିଦ୍ୟାଳୟରୁ ଉଠାଇ ନେଇଛି। ଅଭିଯୋଗ ମୁତାବକ ବିଜ୍ଞାନ ଶିକ୍ଷକ ଅମର ପ୍ରସାଦ ମଲ୍ଲିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ଦୀର୍ଘଦିନ ହେଲା ଅସାଦାଚରଣ କରି ଆସୁଥିଲେ। ଗତକାଲି ୭ ଜଣ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଦେହର ବିଭିନ୍ନ ସ୍ଥାନରେ ହାତ ମାରିବା ସହିତ ମୋ ସହିତ ଆମ ଘରକୁ ଚାଲ, ମୋ ପାଖରେ ଶୋଇବ ତାପରେ ଆସିବ ବୋଲି କହିଥିଲେ। ଜଣେ ଛାତ୍ରୀ କାନ୍ଦି କାନ୍ଦି ଏନେଇ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ।ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଳଚୁଆ ସାମୁଦ୍ରିକ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ବିମଲ କୁମାର ମଲ୍ଲିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ, ଅଭିଭାବକ, ପୀଡିତ ଛାତ୍ରୀମାନଙ୍କୁ ପଚରାଉଚରା କରିବା ପରେ ବିଜ୍ଞାନ ଶିକ୍ଷକଙ୍କୁ ଉଠାଇ ଥାନାକୁ ନେଇ ଯାଇଛନ୍ତି।

## ବସ ଚଢିଗଲା, ଶଳା ଭିଣୋଇଙ୍କ ମୃତ୍ୟୁ

**ପ୍ରତିବାଦରେ ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତା ଅବରୋଧ**




**ରାଜନଗର,୨୬।୭ (ସଂଚାର ବ୍ୟୁରୋ):** ରାଜନଗର ପଟାମୁଣ୍ଡାଇ ରାସ୍ତାରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଶଳା ଭିଣୋଇଙ୍କର ମୃତ୍ୟୁ ଘଟିଛି। ସ୍କୁଟି ଉପରେ ବସ ଚଢି ଯିବାରୁ ଘଟଣାସ୍ଥଳରେ ଭିଣୋଇଙ୍କର ମୃତ୍ୟୁ ଘଟିଥିବା ବେଳେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶଳାର ମୃତ୍ୟୁ ଘଟିଛି। ବସଟି ଦ୍ରୁତ ଗତିରେ ଆସି ଏପରି ଦୁର୍ଘଟଣା ଘଟାଇଥିବାରୁ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ପ୍ରତିବାଦରେ ଲୋକେ ମଦନପୁର ନିକଟରେ ରାଜନଗର ପଟାମୁଣ୍ଡାଇ ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି।

## ଜିଲ୍ଲା ପ୍ରାଣୀଧନ ସହାୟକ ସଂଘର ସାଧାରଣ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ

**କେନ୍ଦ୍ରାପଡା,୨୬।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରାଣୀଧନ ସହାୟକ ସଂଘର ଦ୍ୱାଦଶତମ ସଧାରଣ ଅଧିନେଶନ ଓ ନୂତନ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂଘ ପକ୍ଷରୁ ସଂପାଦକ ଲଳିଟେନ୍ଦୁ ଦଳାଇ, ସଂଗଠନ ସଂପାଦକ ରାମଚନ୍ଦ୍ର ନାୟକ, ଜୋନ ସଂପାଦକ ଗିରିଶ ଚନ୍ଦ୍ର ବାରିକ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ପୂର୍ବତନ ସଭାପତି ରଜନୀକାନ୍ତ ନାଥଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତା ନିର୍ବାଚନ କରା ଯାଇଥିଲା । ସଭାପତି ଭାବେ ଜ୍ୟୋତି ପ୍ରକାଶ ମହାନ୍ତି, ସଂପାଦକ ପିନାକ ବରୁଣ ରାଉତ, ସହ ସଂପାଦକ ଗୋଲେଖ ପରମାଣିକ, ଉପ ସଭାପତି ପ୍ରଶାନ୍ତ କୁମାର ଜେନା, ସ୍ନେହଲତା ବାରିକ, ଅର୍ଥ ସଂପାଦକ ମାଧବ କୁମାର ଗୋଲ, ସଂଗଠନ ସଂପାଦକ ସଚ୍ଚିଦାନନ୍ଦ ସାହୁ ଓ ଅଫିସ ସଂପାଦକ ଭାବେ ବିଶ୍ୱରଂଜନ ସ୍ୱାଇଁ ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ଅବସର ଗ୍ରହଣ କରିଥିବା ବିବେକାନନ୍ଦ ଜେନା, ଅଶୋକ ପ୍ରଧାନ, ଯୋଗାନ୍ଦ୍ର ମାହାଲିକ, ପ୍ରଶାନ୍ତ କୁମାର ଜେନାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରା ଯାଇଥିଲା ।

**୩ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଥିବା ଘଟଣା**

# ଡେପୁଟେସନରେ ଗଲେ ଦୁଇ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ

**ଡେରାବିଶ,୨୬।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକର ତିନୋଟି ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟତ୍ରୀ ଥିବା ଘଟଣାରେ ଡେରାବିଶ ଶିକ୍ଷା ବିଭାଗ ପକ୍ଷରୁ ୩ଟି ବିଦ୍ୟାଳୟକୁ ୨ଜଣ ଶିକ୍ଷକ ଓ ଜଣେ ଶିକ୍ଷୟତ୍ରୀଙ୍କୁ ଡେପୁଟେଶନରେ ପଠାଇ ଥିବା ଜଣାପଡ଼ିଛି।

ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଥିବା ଶିକ୍ଷୟତ୍ରୀ ଉର୍ମିଳା ସାହୁଙ୍କୁ ରାଏତୁଣ୍ଡି ପ୍ରାଥମିକ ବିଦ୍ୟାଳୟକୁ ଯାଇଛନ୍ତି। ସେହିପରି ସାନ୍ତାଳ ସାହି ପ୍ରାଇମେରି ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରଦୀପ କୁମାର ବେହେରାଙ୍କୁ ଡେରାକେସପୁର ପ୍ରାଥମିକ ବିଦ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ମୁଣ୍ଡିଲୋ ପ୍ରାଥମିକ ବିଦ୍ୟାଳୟରେ ଥିବା ଜ୍ୟୋତିରଂଜନ ପାଢ଼ୀଙ୍କୁ ବାରୋଇଲୋ ତରଜଙ୍ଗା ବିଦ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଭଗବତୀ କ୍ଲଷ୍ଟରର ସିଆରସିସି ମାମୁନି ସିଂ କହିଛନ୍ତି। ସରକାର ଛାତ୍ର ଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଅନେକ ଯୋଜନା କରୁଥିବା ବେଳେ ବିଦ୍ୟାଳୟରେ




ଶିକ୍ଷକ ଅଭାବରୁ ପିଲାଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦିଆଯାଉଥିବା ବୋଲି ସ୍ଥାନୀୟ ଲୋକମାନେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ।

ସୂଚନା ଥାଉକି ଏହି ସବୁ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷୟିତ୍ରୀ ଥିବାରୁ ବିଭିନ୍ନ ପ୍ରକାରର କାଗଜ ପତ୍ର କାମ ସହ ଅଫିସ କାମ କରିବାକୁ ପଡୁଛି। ଏଥିପାଇଁ ପିଲାଙ୍କୁ ପାଠ ପଢ଼ାଇବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା।ଏଥିପାଇଁ ପିଲାଙ୍କୁ ପାଠ ପଢ଼ାଇବା ରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା। ସରକାର ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ିକୁ ପୂରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଜିଲ୍ଲାପାଳଙ୍କ ଆଳି ଓ ପଟ୍ଟାମୁଣ୍ଡାଇ ଗସ୍ତ**

## ବନ୍ୟା ପ୍ରସ୍ତୁତିର କଲେ ସମୀକ୍ଷା

**କେନ୍ଦ୍ରାପଡ଼ା,୨୬।୭ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ଆଳି ଏବଂ ପଟ୍ଟାମୁଣ୍ଡାଇ ବ୍ଲକ ଗସ୍ତ କରି ବନ୍ୟା ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଏହି ବ୍ଲକ ଅନ୍ତର୍ଗତ ନଦୀପାର୍ଶ୍ୱବର୍ତ୍ତୀ ଅବସ୍ଥିତ ଗ୍ରାମ ପଞ୍ଚାୟତ ଗୁଡିକ ଗସ୍ତ କରିଥିଲେ। ପରେ ଜିଲ୍ଲାପାଳ ବନ୍ୟା ପ୍ରସ୍ତୁତିକୁ ନେଇ ସମସ୍ତ ଲାଇନ ବିଭାଗର ଅଧିକାରୀ ମାନଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ, ରାଜସ୍ୱ) ନବକ୍ରିଷ୍ଣ ଜେନା ଓ ରବୀନ୍ଦ୍ର କୁମାର ମଲ୍ଲିକ, ଆଳି ଓ ପଟ୍ଟାମୁଣ୍ଡାଇ ବିଡ଼ିଓ, ତହସିଲଦାର ଏବଂ ସମସ୍ତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।



## ପଟ୍ଟାମୁଣ୍ଡାଇରେ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ



**ପଟ୍ଟାମୁଣ୍ଡାଇ,୨୬।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ନବ ନିଯୁକ୍ତ ଜିଲ୍ଲାପାଳ ରଘୁରାମ ଆର ଆୟାର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ପ୍ରଥମ ଥର ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଗସ୍ତରେ ଆସିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ପାଇଁ ବ୍ଲକ ପ୍ରଶାସନ ଚଳଚଞ୍ଚଳ ହୋଇପଡିଥିଲା । ଆଜି ସକାଳ ୯ଟା ସମୟରେ ନୂତନ ଜିଲ୍ଲାପାଳ ବ୍ଲକ ପରିସରକୁ ପ୍ରବେଶ କରିବା ମାତ୍ରେ ପଟ୍ଟାମୁଣ୍ଡାଇ ବିଡ଼ିଓ ଅଶୋକ ମହାନ୍ତି ବ୍ଲକ କର୍ମଚାରୀଙ୍କ ସହିତ ଜିଲ୍ଲାପାଳଙ୍କୁ ଫୁଲ ତୋଡ଼ା ଦେଇ ଅନୁଷ୍ଠାନିକ ଭାବେ ଭବ୍ୟ ସ୍ୱାଗତ କରିଥିଲେ । ଜିଲ୍ଲାପାଳ ବ୍ଲକର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ସରକାରୀ ଯୋଜନା ଓ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି,ଆବାସ ଯୋଜନା, ଭତ୍ତା ଓ ରାସନ କାର୍ଡ, ମହିଳା ଓ ଶିଶୁ ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା କରି ପ୍ରତ୍ୟେକ ସରକାରୀ ଯୋଜନା ସଫଳ ରୂପାୟନ କରିବାକୁ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଏହି ସମୀକ୍ଷା ବୈଠକ ରେ ପଟ୍ଟାମୁଣ୍ଡାଇ ବିଡ଼ିଓ ଅଶୋକ ମହାନ୍ତି, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କ ସମସ୍ତ ବିଭାଗର ଅଧିକାରୀମାନେନ ଉପସ୍ଥିତ ଥିଲେ। ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ବ୍ଲକ ସମେତ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ସନ୍ତୋଷ ପ୍ରକାଶ କରି ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ।

# ଇଟା ଖୁଣ୍ଟରେ ନିର୍ମିତ ପୋଲ ଅବସ୍ଥା ଶୋଚନୀୟ

**ସାଲେପୁର,୨୬।୭ (ସଂଚାର ବ୍ୟୁରୋ):** ରୋଧପୁର ଗ୍ରାମର ୬ନଂ କେନାଲ୍ ଉପରେ ଇଟା ପିଲାର୍‌ରେ ନିର୍ମିତ ହୋଇଥିବା ବହୁପୁରାତନ ପୋଲଟି ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଅଛି। ପ୍ରକାଶ ଯେ ପ୍ରାୟ ୨୦ରୁ ୨୫ ବର୍ଷ ତଳେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳୀନ୍ଦି ବେହେରାଙ୍କ ଉଦ୍ୟମରେ ୬ନଂ କେନାଲ ଉପରେ ରୋଧପୁର, ଉତ୍ତରବଟେଶ୍ୱର ଗ୍ରାମର ଜନସାଧାରଣ ଯାତାୟତ କରିବା ପାଇଁ ଏହି ପୋଲଟି ନିର୍ମାଣ କରାଯାଇଥିଲା। ଅପର ପକ୍ଷରେ ଯଦି କୌଣସି ଅଘଟଣ ଘଟି କଟକ-ଚାନ୍ଦବାଲି ରାସ୍ତା ବନ୍ଦରହେ ତେବେ ଏହି ପୋଲ ଦେଇ ଅଧିକାଂଶ ୨ଚକିଆ ଯାନ ଓ ୪ଚକିଆ ଯାନରେ ଲୋକେ ଜାତାୟତ କରୁଥିବାରୁ ଏହି ପୋଲଟି ସାଲେପୁର ବାଇପାସ୍ ରାସ୍ତାର ଭୂମିକା ମଧ୍ୟ ଲିଭାଇଥାଏ। କିନ୍ତୁ ଏବେ ଏହି ପୋଲଟି



ଅଣଚଉଡା ହୋଇଥିବା ବେଳେ ଅଧିକାଶଂ ସମୟରେ ପଥଚାରୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ୨୫ବର୍ଷର ପୁରାତନ ପୋଲ ହୋଇଥିବା ବେଳେ ପୋଲର ବାଡ଼ା ଓ ଏକାଧିକସ୍ଥାନରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ଏହି ପୋଲଟି ଏବେ ବିପଦ ଶଙ୍କୁଳ ଅବସ୍ଥାରେ ରହିଅଛି। ତେଣୁ ଏହି ସ୍ଥାନରେ ନୂତନ ପୋଲ ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଯୌନ ଶୋଷଣ ନିବାରଣ ଆଇନ ସମ୍ପର୍କିତ ସଚେତନତା ବୈଠକ



**କେନ୍ଦ୍ରାପଡ଼ା,୨୬।୭ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଯୌନ ଶୋଷଣ ନିବାରଣ ଆଇନ ସମ୍ପର୍କିତ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ସମେତ ସମସ୍ତ ଉଚ୍ଚ ମାଧମିକ ବିଦ୍ୟାଳୟ, ମହାବିଦ୍ୟାଳୟ ମୁଖ୍ୟ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁସମା ମହାନ୍ତି ପୋଷ ଆଇନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ପୋଷ ଆଇନ ସମ୍ପର୍କରେ ସଚେନତା କରିବା ସହିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନକୁ ସୁନିଶ୍ଚିତ କରିବା ଏବଂ ଅନୁଷ୍ଠାନକୁ ସୁରକ୍ଷିତ ଏବଂ ଛାତ୍ରଛାତ୍ରୀ ଏବଂ କର୍ମଚାରଙ୍କ ମଧରେ ଏକ ଉତ୍ତମ ପରିବେଶ ଗଠନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ଚୋରି ସମୟର ସିସିଟିଭି ଫୁଟେଜ କଏଦ**

## ୩ ମୁଖାଧାରୀ ଦୁର୍ବୃତ୍ତଙ୍କୁ କେବେ ଧରିବ ପୁଲିସ ?

- ଶାବଳ, ସେଲୋଟେପ ଓ ଆଲମାରୀ ହ୍ୟାଣ୍ଡେଲ ଜବତ

**କାକଟପୁର/ଅସ୍ତରଙ୍ଗ,୨୬।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ରସୁଲପୁର ଗ୍ରାମର ସୁଲତାନା ବେଗମ୍ ଘରେ ଗୁରୁବାର ଭୋର ୩ଘ ୧୦ମିନିଟ ସମୟରେ ୩ ଜଣ ମୁଖାଧାରୀ ଅଚାନକ ପଶି ସୁଲତାନା ବେଗମ୍‌ଙ୍କୁ ଆକ୍ରମଣ କରି ତାଙ୍କ ଘରୁ ୧ଲକ୍ଷ ୧୫ହଜାର ଟଙ୍କା, ସୁନା ଚେନ ୨ଭରି, କାନଫୁଲ ୬ଟା (୩ ଭରି )ନେଇ ଫେରାର ହୋଇଯାଇଥିଲେ ବୋଲି ସୁଲତାନା ବେଗମ୍ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ଘଟଣା ସମ୍ପର୍କରେ କାକଟପୁର ଥାନାକୁ ଜଣାଇବା ପରେ ପୁଲିସ ଘଟଣା ସ୍ଥଳରେ ପହଂଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ। କିନ୍ତୁ ସିସିଟିଭିରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଚୋରି ସମୟରେ ଗତିବିଧି ଉପରେ ନିକଟରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟ ପୁଲିସ ପାଇଥିବା ବେଳେ ଘର ଭିତରୁ ଦୁର୍ବୃତ୍ତ ଛାଡି ଯାଇଥିବା ଶାବଳ, ସେଲୋଟେପ ଓ ଘର ଆଲମାରୀ ହାଣ୍ଡେଲକୁ ପୁଲିସ ଜବତ କରିଛି। ଅନେକ ଚୋରି ଅଭିଯୋଗ କେବଳ ଧର୍ମକୁ ଆଖି ଠାର ଭଳି ତଦନ୍ତ ହେଉଛି। ଚୋରଙ୍କ ପତ୍ତା ପାଇପାରୁନି ପୁଲିସ। ଲୁଟେରା ପୁଲିସ ଆଖିରେ ଧୂଳି ଦେଇ ବୁଲୁଛନ୍ତି, ଗୋଟିଏ ପରେ ଗୋଟିଏ ଚୋରି କରୁଛନ୍ତି। ଚୋରିକୁ ଅଣଦେଖା କରିବା ଦ୍ୱାରା ଏବେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି। ଚୋରଙ୍କ ସାହସ ବଢ଼ି ବଢ଼ି ଚାଲିଛି । ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ୩ ଜଣ ମୁଖାଧାରୀ କିଏ ତୁରନ୍ତ ଧରିବାକୁ ।



## ମହିଳା ଓ ଶିଶୁ ସୁରକ୍ଷା ପାଇଁ ସଚେତନତା

**କାକଟପୁର/ଅସ୍ତରଙ୍ଗ,୨୬।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମନ୍ୱିତ ଶିଶୁବିକାଶ କାର୍ଯ୍ୟାଳୟ ତରଫରୁ ବ୍ଲକର ୧୫ଗୋଟି ପଂଚାୟତରେ ଥିବା ୧୭୮ଟି ଅଙ୍ଗନବାଡି କେନ୍ଦ୍ର ଅଧୀନରେ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁବିକାଶ ଅଧିକାରିଣୀ ଲୋଚନା ସେଠୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ସ୍ଥାନୀୟ ଅଂଚଳର ଛାତ୍ରୀ ମାନଙ୍କୁ ନେଇ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ତେବେ ଝିଅ ମାନଙ୍କ ପ୍ରତି ଅବହେଳା ନ କରି ସେମାନଙ୍କୁ ମଧ ଅଗ୍ରାଧିକାର ଦିଆଯାଇ କିଭଳି ଭାବରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ତାହା କାର୍ଯ୍ୟକ୍ରମ ମୂଳଲକ୍ଷ୍ୟ ଥିବା ବେଳେ ସମାଜରେ ନାରୀ ସଶକ୍ତିକରଣ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ଭ୍ରୁଣହତ୍ୟା ଆଇନ, ବେଟି ବଚାଅ ଉପରେ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟରେ କାହା ଠାରୁ ଇଙ୍ଗିତ ମିଳେ ତେବେ ତତକ୍ଷଣାତ ମହିଳା ମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଜରୁରୀ କାଳୀନ ନମ୍ବର ୧୧୨ ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସଚେତନ କରାଯାଇଥିଲା। ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କ ରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠିତ ହୋଇଥିବାରୁ ଏହାର ସହାୟତା ନେବା ପାଇଁ ଅନୁରୋଧ କରାଯାଇଥିଲା।

## ନିଆଁ ଜାଳିଦେଲା ସ୍ୱପ୍ନ, ୩ ବଖରା ଭସ୍ମୀଭୂତ

- ଝିଅ ବାହାଘର ସାମଗ୍ରୀ ପାଉଁଶ ଗଦାରୁ ସାଉଣ୍ଟୁଛନ୍ତି ବାପା-ମା'



**କାକଟପୁର/ଅସ୍ତରଙ୍ଗ,୨୬।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲି ଅନ୍ତର୍ଗତ ଶିଶୁଅ ପଂଚାୟତ ଅଧୀନ ଉଦୟକଣି ଗ୍ରାମର ୫ନମ୍ବର ୱାର୍ଡ କପିଳ କାଣ୍ଡି ପରିବାର ସଦସ୍ୟ ଶୋଇଥିବା ବେଳେ ଶୁକ୍ରବାର ହଠାତ ବିଳମ୍ବିତ ରାତ୍ରରେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ହୋଇଥିଲା। ଅଗ୍ନିକାଣ୍ଡ ପ୍ରଖର ଏତେ କ୍ଷିପ୍ରତର ଥିଲା କ୍ଷଣିକ ମଧରେ ଜଳିଗଲା ୩ ବଖରା ଚାଳଘର ସମେତ ଘର ଭିତରେ ଥିବା ସ୍କୁଟି ଗାଡି, ସାଇକେଲ, ଟ୍ରଙ୍କ ମଧରେ ଥିବା ଘରର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର, ମୋବାଇଲି ଫୋନ, ବସ୍ତ୍ର ସମେତ ଅନ୍ୟାନ୍ୟ ସାମଗ୍ରୀ ଜଳି ଭସ୍ମିଭୂତ ହୋଇଯାଇଛି। ଏଥିସହିତ ଝିଅ ବାହାଘର ପାଇଁ ରଖିଥିବା ଜିନିଷ ପତ୍ର ସହ ବର୍ଷକର ଆହାର। ଖବର ପାଇଁ କୋଣାର୍କ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ୍ତ କରିଥିଲେ। ଏବେ ଝିଅ ବାହାଘର କେମିତି ହେବ ସେହି ଚିନ୍ତାରେ ଅଗ୍ନିବିପନ୍ନ କପିଳ କାଣ୍ଡି ଓ ତାଙ୍କ ପତ୍ନୀ। ଏ ଘଟଣା ଖବର ପାଇ ସ୍ଥାନୀୟ ଅଞ୍ଚଳ କିଛି ବ୍ୟକ୍ତି ପହଂଚି ପରିବାରକୁ ଆଶ୍ୱାସନା ଦେବା ସହ ସ୍ଥାନୀୟ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କୁ ଯୋଗାଯୋଗ କରିବାରୁ ସଂଗେ ସଂଗେ ରାଜସ୍ୱ ନିରୀକ୍ଷକକୁ ପଠାଇ ସ୍ଥିତି ଅନୁଧ୍ୟାନ କରିବା ସହ ଅଗ୍ନିବିପନ୍ନ କପିଳ କାଣ୍ଡିଙ୍କୁ ପାଲ ଯୋଗାଇ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି ଖୁବ ଶୀଘ୍ର ଅଗ୍ନିବିପନ୍ନ କପିଳ କାଣ୍ଡିଙ୍କୁ ସହାୟତା ଯୋଗାଇ ଦିଆଯିବ ସୂଚନା ଦେଇଛନ୍ତି ।

# ବିଶ୍ୱଭୂଷଣଙ୍କୁ ଉତ୍କଳ ରତ୍ନ ପୁରସ୍କାର




**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ଆଧୁନିକ ସମୟରେ ଆଂଚଳିକ ସାହିତ୍ୟର ଉନ୍ନତି ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଆଜି କଟକଠାରେ ଉତ୍କଳ ସାହିତ୍ୟ ସମାଜର ୧୨୩ତମ ବାର୍ଷିକ ସମାବର୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଏକବିଂଶ ଶତାବ୍ଦୀରେ ଆମର ଆଂଚଳିକ ଭାଷା ଏବଂ ସାହିତ୍ୟ କେବଳ ଅଭିଲେଖାଗାର କିମ୍ବା ସ୍ମୃତିରେ ସୀମିତ ହେବା ଉଚିତ ନୁହେଁ । ଏହା ଏକ ଜୀବନ୍ତ ଓ ବିକଶିତ ଶକ୍ତି ହେବା ଉଚିତ, ଯାହା ସମୟ ସହିତ ପ୍ରେରଣା ଯୋଗାଇବ ଓ ଜଡିତ ରହିବ । ଉତ୍କଳ ସାହିତ୍ୟ ସମାଜର ଐତିହାସିକ ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରି କହିଥିଲେ ଯେ, ଏହା ଓଡ଼ିଆ ଭାଷା ଏବଂ ସାହିତ୍ୟର ଏକ ଦୃଢ଼ ରକ୍ଷକ ହୋଇ ରହିଛି । ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏହା ସାହିତ୍ୟିକ ନବଜାଗରଣର ଏକ ଆଲୋକବର୍ତ୍ତିକା ଭାବରେ ଛିଡ଼ା ହୋଇଛି । ଉତ୍କଳ ସାହିତ୍ୟ ସମାଜ ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ହରିହର ମର୍ଦ୍ଦରାଜ ଦେଓଙ୍କ ଭଳି ମହାନ ବ୍ୟକ୍ତିଙ୍କ ପୃଷ୍ଠପୋଷକତା ସହିତ ମଧୁସୂଦନ ରାଓ, ବିଶ୍ୱନାଥ କର, ଫକୀର ମୋହନ ସେନାପତି, ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଭଳି ମହାନ ସାହିତ୍ୟିକଙ୍କ ଅବଦାନକୁ ରାଜ୍ୟପାଳ ସ୍ମରଣ କରିଥିଲେ । ଭାଷାଗତ ଆଧାରରେ ଓଡ଼ିଶା ରାଜ୍ୟ ଗଠନ ଆନ୍ଦୋଳନରେ ଉତ୍କଳ ସାହିତ୍ୟ ସମାଜର ଭୂମିକା ଉପରେ ଆଲୋକପାତ କରି ଓଡ଼ିଆ ପରିଚୟକୁ ସୁରକ୍ଷା ଏବଂ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ଆମର ସାଂସ୍କୃତିକ ଗୌରବର ମୂଳଦୁଆ ସ୍ଥାପନ କରିଥିଲା ବୋଲି ରାଜ୍ୟପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଆକର୍ଷଣ ଭାବେ ସମ୍ମାନନୀୟ ରାଷ୍ଟ୍ରନେତା, ପ୍ରତିଷ୍ଠିତ ଜନ ସେବକ, ଓଡିଆ ସଂସ୍କୃତି ଓ ସାହିତ୍ୟର ମହାନ ପ୍ରବକ୍ତା ତଥା ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କୁ ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ ମାନ୍ୟତା "ଉତ୍କଳ ରତ୍ନ ପୁରସ୍କାର"ରେ ସମ୍ମାନିତ କରି ରାଜ୍ୟପାଳ କହିଥିଲେ ଯେ ହରିଚନ୍ଦନ ମାଟିର ଗର୍ବିତ ପୁଅ । ଜଣେ ରାଜନେତା ଏବଂ ସାହିତ୍ୟିକ ଭାବେ ତାଙ୍କର ଅବଦାନକୁ ପ୍ରଶଂସା କରିଥିଲେ ।

### ଅଟଳ ପ୍ରତିଭା ସମ୍ମାନ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ

- ଅଟଳଙ୍କ ଯୁଗ ସୁଜଳାମ୍ ସୁଫଳାମ୍ ଭାରତର ପ୍ରତୀକ
- ଜନତାଙ୍କ ମନରେ ଥିଲେ ଅଟଳଜୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ଯେତେବେଳେ ବି ଅଟଳ ବିହାରୀ ବାଜପେୟୀଙ୍କ କଥା ଆଲୋଚନା ହେବ, 'ପୋଖରାନ ପରମାଣୁ ପରୀକ୍ଷଣ' ଏବଂ 'କାର୍ଗିଲ ବିଜୟ' କଥା ସର୍ବାଗ୍ରେ ଆସିବ। ଅଟଳଜୀ କେବଳ ଏକ ରାଜନେତା ନୁହଁ, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି। ଅଟଳ ଯୁବଶକ୍ତି ଅନୁଷ୍ଠାନ, ଯୁଗ ପୁରୁଷ ପୂଜ୍ୟ ବାଜପେୟୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏକ ସ୍ୱତନ୍ତ୍ର ସମାରୋହ ତଥା ଓଡିଶାର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଭାମାନଙ୍କୁ ସମ୍ମାନିତ କରିବା ଏକ ଅନନ୍ୟ ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଜୟଦେବ ଭବନଠାରେ ଅଟଳ ଯୁବଶକ୍ତି, ଓଡ଼ିଶା ପକ୍ଷରୁ ଆୟୋଜିତ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବ ଅବସରରେ କହିଥିଲେ।




ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅଟଳଜୀଙ୍କ ଓଡ଼ିଶାପ୍ରତି ପ୍ରଗାଢ଼ ଭଲ ପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦିରେ ଏକ ନୂଆ ଯୁଗର ଆରମ୍ଭ କରିଥିଲେ। ତାଙ୍କ ଯୁଗ ହେଉଛି ସୁଜଳାମ୍ ସୁଫଳାମ୍ ଭାରତର ପ୍ରତୀକ। ସେହି ଯୁଗପୁରୁଷଙ୍କ ସ୍ମରଣରେ ଏହି ସ୍ମରଣିକା 'ଯୁଗଜନ୍ମା ଅଟଳ' ଦ୍ୱାରା ଅଟଳଜୀଙ୍କ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନେ ସଂପ୍ରେକ୍ଷଣ କରିବାକୁ ଚେଷ୍ଟା କରାଯାଇଛି। ଏହା କେବଳ ସ୍ମୃତି ନୁହଁ, ଏହା ଏକ ଦିଗଦର୍ଶନ- ଏକ ଅଟଳ ମାର୍ଗ ଯାହା ଆସନ୍ତା ପିଢ଼ିଙ୍କୁ ଅନୁପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଅଟଳଜୀଙ୍କର ଯୁବଶକ୍ତି ଉପରେ ଅଗାଧ ବିଶ୍ୱାସ ଥିଲା। ସେ ମାନୁଥିଲେ ଯେ ଯୁବପିଢ଼ି କେବଳ ଆଗାମୀ ନୁହେଁ, ବରଂ ବର୍ତ୍ତମାନର ନୈତିକ ଶକ୍ତି ଓ ପରିବର୍ତ୍ତନର ନାୟକ। ଆମେ ଯଦି ଅଟଳଜୀଙ୍କ ପଥ ଅନୁସରଣ କରିବାକୁ ଚାହୁଁଛୁ। ତେବେ ଆମେ ଯୁବପିଢ଼ି ଭାବେ ନିଜ ଜୀବନକୁ ନୀତି, ସଂଗଠନ, ଶିକ୍ଷା ଓ ଦେଶପ୍ରେମରେ ଗଠିତ କରିବାକୁ ପଡିବ। ଆଜିର ଓଡ଼ିଶା ଓ ଭାରତ ତାଙ୍କ ପଦଚିହ୍ନକୁ ଅନୁସରଣ କରି ଅଟଳ ଭାବନା ଓ ଅଟଳ ନିଷ୍ଠାରେ ଏକ ନୂଆ ଯୁଗ ଗଢ଼ିପାରିବ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବି ଦେଶର ସୁରକ୍ଷା ସହ ବିକାଶକୁ ଗୁରୁତ୍ୱ ଦେଇ ଭାରତକୁ 'ନୂଆ ଭାରତ'ର ସଂଜ୍ଞା ଦେଇଛନ୍ତି। 'ଅପରେସନ ସିନ୍ଦୂର' ଏହାର ଜୀବନ୍ତ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଶ୍ରୀ ବାଜପାୟୀଙ୍କ ଚିନ୍ତାଧାରାକୁ ଏକ ସମ୍ପୂର୍ଣ୍ଣ ଅନୁଷ୍ଠାନ ବୋଲି କହିଛନ୍ତି। ସେହିପରି ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଟଳଜୀ କେବଳ ଏକ ନାମ ନୁହେଁ, ଏକ ବିଚାରଧାରା ବୋଲି କହିଛନ୍ତି। ଏହି ଅବସରରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଦେଶକୁ ଗର୍ବିତ କରୁଥିବା ବ୍ୟକ୍ତିବିଶେଷଙ୍କୁ 'ଅଟଳ ସମ୍ମାନ ୨୦୨୫' ପ୍ରଦାନ କରାଯାଇଛି। ବିଶିଷ୍ଟ ସାରସ୍ୱତ ସାଧିକା ଡକ୍ଟର ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସମାଜସେବୀ ତଥା ରାଜନେତା ସମୀର ମହାନ୍ତିଙ୍କୁ ଅଟଳ ମିତ୍ର ରତ୍ନ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଦେବ ପ୍ରସାଦ ଦାଶଙ୍କୁ ଅଟଳ ସାହିତ୍ୟ ରତ୍ନ, ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳ ରତ୍ନ ସମ୍ମାନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଅଟଳ ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିକାଶ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଧନ୍ୟବାଦ ଦେଇଥିଲେ।



### ନାରୀ ନିର୍ଯାତନା ଘଟଣାର ପ୍ରତିବାଦ

# ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଅଫିସ ଘେରିଲା ବିଜେଡି

## ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ଅହେତୁକ ଭାବେ ନାରୀ ନିର୍ଯାତନା ବୃଦ୍ଧି ପାଇଥିବା ବେଳେ ଏହା ପ୍ରତିବାଦରେ ଆଜି ବିଜେଡି ପକ୍ଷରୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ପରେ ଦଳ ପକ୍ଷରୁ ଡିଆଇଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ରାଜ୍ୟରେ ବିଜେପି ସରକାରଙ୍କ ୧୩ ମାସର ଶାସନ କାଳରେ ନାରୀ ନିର୍ଯାତନା ବିଶେଷକରି ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଆଦି ଘଟଣା ଅହେତୁକ ଭାବେ ବୃଦ୍ଧି ପାଇଛି। ନିକଟରେ କୋରାପୁଟ ଜିଲ୍ଲାରେ ଘଟିଥିବା ଦୁଇ ଦୁଇଟି ଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ମାଲକାନଗିରି ଜିଲ୍ଲାରେ ୧୫ ବର୍ଷୀୟା ଅନୁସୂଚିତ ଜାତିର ନାବାଳିକାଙ୍କୁ ଦୁଇ ଦୁଇ ଥର ଦୁଷ୍କର୍ମ ହୋଇଛି। ଡବଲ ଇଞ୍ଜିନ ସରକାରରେ ଡବଲ ଦୁଷ୍କର୍ମ ଭଳି ଏକ ଅବାଭନୀୟ କାଣ୍ଡ ଘଟିଛି। ଏହାଛଡ଼ା ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ଜଣେ ନର୍ସିଂ ଛାତ୍ରୀ ମୁମୂର୍ଷୁ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ସେ ଜୟପୁର ସହରର ବିଚ୍ ବଜାରରେ ଜଣେ ଦୁର୍ବୃତ୍ତର ଆକ୍ରମଣର ଶିକାର ହୋଇଥିଲେ। ପୁଲିସ୍‌ର ଟାଳଟୁଳ ନୀତି ଯୋଗୁଁ ଉକ୍ତ ଅଭିଯୁକ୍ତ ଜଣଙ୍କ ପୀଡ଼ିତାଙ୍କ ଗାଁରେ ପହଞ୍ଚି ତାଙ୍କ ସହ କୁକର୍ମ କରିବା ସହ ଭିଡିଓ ଭାଇରାଲ କରିଥିଲା। ଏଥିରେ ମର୍ମାହତ ହୋଇ ପୀଡ଼ିତା ଜଣଙ୍କ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବାରୁ ଏଥିପାଇଁ ସରକାର ଦାୟୀ ବୋଲି ବିଜେଡି ପକ୍ଷରୁ ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି। ଏଥିସହ ସରକାର ନାରୀମାନଙ୍କ ସୁରକ୍ଷା ଦିଗରେ ଠୋସ୍ ପଦକ୍ଷେପ ନେବା ସକାଶେ ମଧ୍ୟ ଉକ୍ତ ସ୍ମାରକପତ୍ରରେ ଦାବି କରାଯାଇଛି।

ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ରବି ନାରାୟଣ ନନ୍ଦ, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ, ଝିନ୍ନ ହିକକା, ରମେଶ ମାଝୀ, ଭୃଗୁ ବକ୍ସିପାତ୍ର, ରଘୁରାମ ପଡାଲ, ପ୍ରୀତମ ପାଢ଼ୀ, ପଦ୍ମିନୀ ଦିଆନ, ମାନସ ମାଡକାମୀ, ଜଗନ୍ନାଥ ସାରକା, କୌଶଲ୍ୟା ହିକକା, ଲଲାଟ ରଞ୍ଜନ ସେଠୀ, ଲକ୍ଷ୍ମୀ ନାୟକ, ସଦାଶିବ ପ୍ରଧାମୀ, ଅନସୂୟା ମାଝୀ, ସସ୍ମିତା ମେଲକା, ସମାରୀ ଟାଙ୍ଗୁଲୁ, କୁନି ଅଧିକାରୀ, ଦେବାଶିଷ ଖାଡ଼ଙ୍ଗା, ସରସ୍ୱତୀ ମାଝୀ, ରାଧା ଭତ୍ରା, ପ୍ରଭୁ ଜାନୀ, ପ୍ରଫୁଲ୍ଲ ପାଙ୍ଗୀ ପ୍ରମୁଖ ସାମିଲ୍ ହୋଇଥିଲେ।



# ଡିଏଭି କଳିଙ୍ଗନଗରରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରର ସଭାଗୃହରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କର ନିରୀକ୍ଷଣ ତଥା ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମହାପାତ୍ର ମୁଖ୍ୟ ଅତିଥି ୧(ଓ) କମାଣ୍ଡିଙ୍ଗ୍ ଅଫିସର୍, ଏନ୍‌ସିସି ଭୁବନେଶ୍ୱରର କର୍ଣ୍ଣେଲ ସଞ୍ଜୀବ ଦେୱାନ୍ ତଥା ୧(ଓ) ଗାର୍ଲସ୍ ବ୍ୟାଟାଲିଅନ୍ ଏନସିସି ଭୁବନେଶ୍ୱରର ଜିସିଆଇ ନିବେଦିତା ଦାସ, ବିଦ୍ୟାଳୟର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜୀବନର ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ନେତୃତ୍ୱ ଗୁଣର ବିକାଶ ଆବଶ୍ୟକ ବୋଲି ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ। ୨୦୧୪ରୁ ଅଦ୍ୟାବଧି ବିଭିନ୍ନ କ୍ରିୟାକଳାପରେ ସକ୍ରିୟ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା କ୍ୟାଡେଟ୍‌ମାନଙ୍କୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ଅଧ୍ୟକ୍ଷ ବଳରାମ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ସର୍ବଦା ଏକତା ଓ ଅନୁଶାସନରେ ବାନ୍ଧି ହୋଇ ରହିବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଯୋଗ ଓ ନୃତ୍ୟ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ଅଙ୍କିତା ଚୌହାନ୍ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଆର୍ମି ୱିଙ୍ଗ୍‌ର ଏଏନ୍‌ଓ ସେକେଣ୍ଡ ଅଫିସର ସ୍ନାତାସ୍ମିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଏୟାର୍ ୱିଙ୍ଗ୍‌ର ଏଏନ୍‌ଓ ଥାର୍ଡ ଅଫିସର ଦିଲୀପ ଶତପଥୀ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।




# ନୀଳମଣି ବିଦ୍ୟାରତ୍ନଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ, ସ୍ୱାଧୀନତା ସଂଗ୍ରାମ, ସାମ୍ବାଦିକତାର ଅତୁଳନୀୟ ପ୍ରତିଭା ଥିଲେ ନୀଳମଣି ବିଦ୍ୟାରତ୍ନ। ୧୦୨ତମ ଶ୍ରାଦ୍ଧବାର୍ଷିକୀ ତଥା ମହାନ ଶିକ୍ଷାବିତ, ସଂଗ୍ରାମୀ, ସାହିତ୍ୟିକ, ପୂର୍ବତନ ମନ୍ତ୍ରୀ ଗୋଦାବରୀଶ ମିଶ୍ରଙ୍କ ୭୦ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଜୟଦେବ ବିହାର ଓ ମହାଡାକପାଳଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଭିଯାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଯୋଜକ ନାରାୟଣ ଓଝା, ସରୋଜିନୀ ମିଶ୍ର, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ମନୋଜ କୁମାର ସାହୁ, ସଂଯୁକ୍ତା ମିଶ୍ର ଉପସ୍ଥିତ ଥିଲେ। ଉତ୍କଳ ଦୀପିକା, ପ୍ରଜାବନ୍ଧୁ ଖବରକାଗଜର ପ୍ରମୁଖ ବଳିଷ୍ଠ ସମ୍ପାଦନା କରିବା ସହ ଓଡ଼ିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରିଥିଲେ। ଜଣେ ମହାନ ଶିକ୍ଷା ବିତ, ସଂଗ୍ରାମୀ, ପ୍ରାକ୍ତନ ମନ୍ତ୍ରୀ, ସାହିତ୍ୟିକ,ଓଡ଼ିଆଙ୍କ ଆଦର୍ଶ ଭାବେ ଚିରସ୍ମରଣୀୟ ରହିବେ ବୋଲି ଗୋଦାବରୀଶ ମିଶ୍ର ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିଗଣ ମତ ବ୍ୟକ୍ତ କରିଥିଲେ। ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧାହେଲେ ଡେପୁଟି ରେଞ୍ଜର ରାମଚନ୍ଦ୍ର



**ଭୁବନେଶ୍ୱର, ୨୬।୭ (ସଂଚାର ବ୍ୟୁରୋ) :** ଜୟପୁର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ ଶନିବାର ଗିରଫ ହୋଇଛନ୍ତି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ ତାଙ୍କୁ ଗିରଫ କରିଛି। ଗୋଟିଏ ଦିନ ପୂର୍ବରୁ ରାମଚନ୍ଦ୍ରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ତାଙ୍କ ଘରୁ ନଗଦ ୧ କୋଟି ୪୩ ଲକ୍ଷ ଟଙ୍କା ଓ ଦେଢ଼ କେଜି ସୁନା ମିଳିଥିଲା। ଘରେ ରଖିଥିଲେ ସୁନା ବିସ୍କୁଟ ସମେତ ସୁନା କଏନ ଓ ନାନା ଅଳଙ୍କାର। ସିକ୍ରେଟ୍ ଚାମ୍ବରରେ ଲୁଚାଇ ରଖିଥିଲେ ପ୍ରାୟ ଦେଢ଼ କୋଟି ଟଙ୍କା। ଆଉ ମାତ୍ର ୫ ମାସରେ ଚାକିରିରୁ ଅବସର ନେଇଥାନ୍ତେ। ହେଲେ ଏହାପୂର୍ବରୁ ଜୟପୁର ବନାଞ୍ଚଳର ଉପ ବନପାଳ (ଡେପୁଟି ରେଞ୍ଜର) ରାମ ଚନ୍ଦ୍ର ନେପାକ୍ ଶୁକ୍ରବାର ଭିଜିଲାନ୍ସ ଜାଲରେ ଫସିବା ପରେ ତାଙ୍କର ସମ୍ପତ୍ତି ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟ ବିହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ରାମଚନ୍ଦ୍ରଙ୍କ ଜୟପୁର ଓ ଭୁବନେଶ୍ୱରର ୬ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ଜୟପୁରସ୍ଥିତ ଅଫିସ ଚାମ୍ବର ଓ ଜୟପୁର ଟାଉନସ୍ଥିତ ଶ୍ୱଶୁର ଘର ଓ ବାସଭବନ ଆଦି ରହିଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ରାମଚନ୍ଦ୍ରଙ୍କ କୋରାପୁଟ ଜିଲା ଜୟପୁର ଟାଉନ ପିଆର୍ ପେଟା ଏନ୍‌କେଟି ରୋଡରେ ପ୍ରାୟ ୪୦୦୦ ବର୍ଗଫୁଟ ଅଞ୍ଚଳରେ ଏକ ୩ ମହଲା କୋଠା ଠାବ ହୋଇଛି। ସେହିପରି ଭୁବନେଶ୍ୱର ରଘୁନାଥପୁର ଜାଲିରେ ଏକ ୩ ବିଏଚ୍‌କେ ଫ୍ଲାଟ୍ ଓ ଜୟପୁର ଟାଉନ ପିଆର୍ ପେଟାସ୍ଥିତ ଏକ ଆପାର୍ଟମେଣ୍ଟରେ ୨ଟି ୨ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଛି। ଘରୁ ମୋଟ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା ଜବତ ହୋଇଛି। ଏହା ମଧ୍ୟରୁ ଜୟପୁରସ୍ଥିତ ଫ୍ଲାଟ୍‌ର ସିକ୍ରେଟ୍ ଟ୍ରେଜେରିରୁ ୧ କୋଟି ୩୮ ଲକ୍ଷ ୯୦ ହଜାର ମିଳିଥିବା ବେଳେ ଜୟପୁର ଟାଉନସ୍ଥିତ ବାସଭବନରୁ ୪ ଲକ୍ଷ ୪୪ ହଜାର ଟଙ୍କା ମିଳିଛି। ୧.୫ କେଜି ସୁନା ଓ ୪.୬୩୭ କେଜି ରୁପା ମିଳିଛି। ମିଳିଛି। ଏଥିରେ ୧୦ ଗ୍ରାମର ୧୬ଟି ସୁନା ବିସ୍କୁଟ ଓ ଏକାଧିକ ସୁନା କଏନ୍ ଓ ବିଭିନ୍ନ ଅଳଙ୍କାର ରହିଛି। ଜୟପୁର ଟାଉନରେ ଦୁଇଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଛି। ତେବେ ରାମଚନ୍ଦ୍ର ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ୪ଟି ବ୍ୟାଙ୍କରେ ୧୦ ଆକାଉଣ୍ଟ ଥିବା ବେଳେ ଏସବୁରେ ୧ କୋଟି ୩୨ ଲକ୍ଷ ୧୯ ହଜାର ୭୩୦ ଟଙ୍କା ଓ ଜୀବନବୀମା ଜମା ୬୬ ହଜାର ରହିଛି। ରାମଚନ୍ଦ୍ରଙ୍କ ଘରୁ ଦୁଇଟି ଚାରି ଚକିଆ ଯାନ (କିଆ କାରେନ୍ସ ଓ ଟାଟା ଏସିଇ) ଓ ୩ଟି ଦୁଇ ଚକିଆ ଯାନ ଠାବ ହୋଇଛି।

# ୱାର୍କର୍ସ କ୍ଲବର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




**କଟକ,୨୬।୭(ସଂଚାର ବ୍ୟୁରୋ):** କଟକ ୱାର୍କର୍ସ କ୍ଲବ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରଠାରେ ଅନୁଷ୍ଠିତ ହୋଇଛି। କ୍ଲବର ସଭାପତି ବିଚାରପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଦନ୍ତରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଡାକ୍ତର ସାହୁଙ୍କ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ବନମାଳୀ ଶୁକ୍ଳ, ପ୍ରଶାନ୍ତ କୁମାର କାନୁନ୍‌ଗୋ, ଶ୍ୟାମ ସୁନ୍ଦର ସାହୁ, ଶଶୀ ଭୂଷଣ ସ୍ୱାଇଁ, ଶ୍ରୀନିବାସ ପାତ୍ର, ଗୋକୁଳାନନ୍ଦ ପଟ୍ଟନାୟକ, ବିଦ୍ୟୁତ ଲାଲା, ବିଜୟ ପୃଷ୍ଟି, ଗୌତମ କର, ମହେଶ୍ୱର ମହାନ୍ତି, ଫନିନ୍ଦ୍ର ମଲ୍ଲିକ, ପ୍ରଫୁଲ କୁମାର ସାହୁ ପ୍ରମୁଖ ସଦସ୍ୟଙ୍କ ସହ କୁଟୀରର ଅନ୍ତେବାସୀ ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ କୁଟୀରର ପରିଚାଳକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯବାନ ପରିବାରଙ୍କ ନିମନ୍ତେ ଆଇନ ସେବା କ୍ଲିନିକ ଉଦ୍‌ଘାଟିତ



**ଭୁବନେଶ୍ୱର,୨୬।୭(ସଂଚାର ବ୍ୟୁରୋ):** ଦେଶର ଗର୍ବ ବୀର ଯବାନ ଓ ସେମାନଙ୍କ ପରିବାର ଲୋକଙ୍କୁ ଆବଶ୍ୟକ ସମୟରେ ଆଇନଗତ ଓ ସାମାଜିକ ସହଯୋଗ ପ୍ରଦାନ କ୍ଷେତ୍ରରେ ସ୍ଥାନୀୟ ରାଜ୍ୟ ସୈନିକ ବୋର୍ଡ ପରିସରରେ ଏକ ଆଇନ ସେବା କ୍ଲିନିକ ଉଦ୍‌ଘାଟିତ ହୋଇଛି। ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଏହାକୁ ଲୋକାର୍ପିତ କରାଯାଇଛି। ସୁପ୍ରିମକୋର୍ଟ ବିଚାରପତି ତଥା ଜାତୀୟ ଆଇନ ସେବା ପ୍ରାଧିକାରଣ କାର୍ଯ୍ୟକାରୀ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ ଆଭାସୀରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ବୀର ଯବାନଙ୍କ ପ୍ରତି ସମ୍ମାନର ସହ ଆବଶ୍ୟକ ତ୍ୱରିତ ଆଇନ ସେବା ପ୍ରଦାନ ସୁବିଧା ନିମନ୍ତେ ଏହି କ୍ଲିନିକ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତି, ଓଡ଼ିଶା ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ, ଜେନେରାଲ ଜେକେ ମହାନ୍ତି, ଏୟାର ମାର୍ଶାଲ ଜେଏନ୍ ବର୍ମା, ରାଜ୍ୟ ସୈନିକ ବୋର୍ଡ ସମ୍ପାଦକ ଘନଶ୍ୟାମ ଓଝା, ଓଡ଼ିଶା ଆଇନ ସେବା ପ୍ରାଧିକରଣ ଉପସଚିବ ଚିତ୍ତରଞ୍ଜନ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଲୋମୀ ସାହୁ, ଆସିଷ୍ଟାଣ୍ଟ ସେକ୍ରେଟାରୀ ବିବେକ ସାସମଲ ଉପସ୍ଥିତ ଥିଲେ ।

# ଓଡ଼ିଶା ହସ୍ତତନ୍ତ ଚାହିଦା ଅନୁଯାୟୀ ରପ୍ତାନି ନାହିଁ



**ଭୁବନେଶ୍ୱର,୨୬।୭:** ଓଡ଼ିଶା ତିଆରି ହସ୍ତତନ୍ତର ବିଦେଶରେ ବିଶେଷକରି ୟୁରୋପ, ଆମେରିକା ଓ ମଧ୍ୟପ୍ରାଚ୍ୟରେ ବେଶ୍ ଚାହିଦା ଥିଲେ ମଧ୍ୟ ଓଡ଼ିଶା ଏହି ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣରେ ରପ୍ତାନି କରିପାରୁନାହିଁ । ରାଜ୍ୟର ହସ୍ତତନ୍ତ କଳତନ୍ତ ଉତ୍ପାଦନ ବୃଦ୍ଧି କରାଯାଇ ପାରିଲେ ଓଡ଼ିଶା ବିଦେଶକୁ ବର୍ଷରେ ଅନ୍ୟୁନ ୫୦୦୦ କୋଟି ଟଙ୍କାର କପଡା ରପ୍ତାନି କରିପାରିବ ବୋଲି ଅଭିଜ୍ଞ ବୟନଶିଳ୍ପୀମାନେ କହୁଛନ୍ତି।

ରାଜ୍ୟ ସରକାର ଇତି ମଧ୍ୟରେ ହସ୍ତତନ୍ତ ବୁଣାକାରମାନଙ୍କ ଭତ୍ତା ବଢ଼ାଇଛନ୍ତି । ଏହାଛଡା ବଲାଙ୍ଗିର, ଜଗତ୍‌ସିଂହପୁର, କେନ୍ଦୁଝର, ଗଞ୍ଜାମ, ସମ୍ବଲପୁର ଓ କଟକ ଜିଲ୍ଲାରେ ୬ଟି ବୟନଶିଳ୍ପ ପାର୍କ ପ୍ରତିଷ୍ଠା କରିବାକୁ ଯାଉଛନ୍ତି । ଏହି ପାର୍କଗୁଡ଼ିକ ଲାଗି ଅଣଓଡିଆ ବ୍ୟବସାୟୀମାନେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । ଓଡ଼ିଶାର ଶିଳ୍ପଦ୍ୟୋଗୀ ଓ ବ୍ୟବସାୟୀମାନେ ଏ କ୍ଷେତ୍ରରେ ଯଦି ପୁଞ୍ଜି ନିବେଶ ନକରିବେ ତେବେ ଅଣଓଡିଆ ଶିଳ୍ପପତି ଓ ବ୍ୟବସାୟୀମାନେ ଓଡ଼ିଶାର ବୟନଶିଳ୍ପରୁ ପ୍ରଚୁର ଫାଇଦା ଉଠାଇବେ ।

ଓଡ଼ିଶା ପାଇଁ ବାର୍ଷିକ ଅନ୍ୟୁନ ୪୦ହଜାର କୋଟି ଟଙ୍କାର କପଡା ଦରକାର ବୋଲି କୁହାଯାଉଥିବାବେଳେ ରାଜ୍ୟର ଉତ୍ପାଦନ ଏ କ୍ଷେତ୍ରରେ ୧୦୦୦ କୋଟି ଟଙ୍କା ଭିତରେ ସୀମିତ ରହୁଛି। ବିଶେଷକରି ହସ୍ତତନ୍ତ ମାଧ୍ୟମରେ କେବଳ କପଡା ଉତ୍ପାଦନ ଚାଲୁଥିବା ବେଳେ ରାଜ୍ୟର ପ୍ରାୟ ସମସ୍ତ କଳତନ୍ତ ବନ୍ଦହୋଇ ପଡିଛି ।

ପୂର୍ବରୁ ଓଡ଼ିଶାର ଉଚ୍ଚସ୍ତରୀୟ ପ୍ରତିନିଧିମାନେ ୟୁରୋପ ସମେତ ବିଦେଶର ଅନେକ ରାଷ୍ଟ୍ରକୁ ଗସ୍ତରେ ଯାଇ ସେଠାରେ ଆମ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନ କରିବା ସହିତ କିଭଳି ଓଡ଼ିଶା ତିଆରି ହସ୍ତତନ୍ତ ସାମଗ୍ରୀ ବିଦେଶକୁ ଅଧିକ ପରିମାଣରେ ରପ୍ତାନି ହେବ ସେଥିଘେନି କେବଳ ଆଲୋଚନା କରି ଫେରୁଛନ୍ତି । ଅଥଚ ଭାରତ ବିଦେଶକୁ ଯେତେ କପଡା ରପ୍ତାନି କରୁଛି ଓଡ଼ିଶାରୁ ତାହାର ୫ ପ୍ରତିଶତ ମଧ୍ୟ ଭାଗ ପଡୁନାହିଁ।

ଗୋଟିଏ ସମୟରେ ଚୌଦ୍ୱାର ଓଟିଏମ୍ ନିର୍ମିତ କପଡା, ମୟୁରଭଞ୍ଜର ଗଞ୍ଜି, ଖୋରଧାର ଗାମୁଛା ଓ ଲୁଙ୍ଗିର ଚାହିଦା ରାଜ୍ୟ ଭିତରେ ଓ ବାହାରେ ଢେର ଥିଲା । ଏହାଛଡା ସମ୍ବଲପୁର, ବରଗଡ, ସୋନପୁର, ବଲାଙ୍ଗିର, ଝାରସୁଗୁଡା, ସୁନ୍ଦରଗଡ, କଟକ, ଗଞ୍ଜାମ ଆଦି ଜିଲ୍ଲାରେ ପ୍ରସ୍ତୁତ ହସ୍ତତନ୍ତ ଶାଢ଼ୀ ଓ କପଡା ମଧ୍ୟ ଦେଶ ବିଦେଶରେ ବେଶ୍ ଆଦୃତି ଲାଭ କରିଥିଲା । ଏମିତିକି ଓଡ଼ିଶା ବାହାରେ ଏହି ସାମଗ୍ରୀର ବିପଣନ ପାଇଁ ଦିଲ୍ଲୀ, କଲିକତା, ମୁମ୍ବାଇ, ଚେନ୍ନାଇ ଆଦି ବିଭିନ୍ନ ସହରରେ ମଧ୍ୟ ସ୍ୱତନ୍ତ୍ର ବିକ୍ରୟକେନ୍ଦ୍ର ରହୁଥିଲା । ଏବେ ହସ୍ତତନ୍ତ ବିଭାଗର ବିକ୍ରୟକେନ୍ଦ୍ର ବିଦେଶ ତ ଦୂରରକଥା, ପ୍ରାୟତଃ ଅନ୍ୟ ରାଜ୍ୟର ବ୍ୟବସାୟିକ କେନ୍ଦ୍ରମାନଙ୍କରେ ଦେଖିବାକୁ ମିଳୁନାହିଁ ।

ଓଡ଼ିଶାରେ ଥିବା ୧୩ଟି ଯାକ ସୂତାକଳ ଓ ଓଟିଏମ୍ ସମେତ ୧୩ଟି ଯାକ ଲୁଗାକଳ ଦୀର୍ଘବର୍ଷ ଧରି ବନ୍ଦହୋଇ ରହିଛି। ସୂତାକଳ ଓ ଲୁଗାକଳ ବନ୍ଦ ଥିବାରୁ ରାଜ୍ୟ ଭିତରେ କଳସୂତା ଉତ୍ପାଦନ ନାହିଁ। ତେଣୁ ହସ୍ତତନ୍ତ କ୍ଷେତ୍ରରେ ଆବଶ୍ୟକ ପଡୁଥିବା ସୂତାର ଚାହିଦା ମେଣ୍ଟାଇବାକୁ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଏଭଳି ସ୍ଥିତିରେ ରାଜ୍ୟର ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ଉତ୍ପାଦିତ ହେଉଥିବା ଉନ୍ନତମାନର ପ୍ରଚୁର କପାକୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ନାମମାତ୍ର ଦରରେ କିଣି ନେଉଥିବାରୁ ଓଡ଼ିଶା ଚାଷୀ ଆଳୁ ଭଳି କପା ଚାଷ କରିବାକୁ ଚାହୁଁନାହାନ୍ତି ।

ରାଜ୍ୟର ସୂତାକଳଗୁଡ଼ିକ ପୁର୍ନଜୀବିତ ହେଲେ କପାଚାଷୀ ଉପକୃତ ହୁଅନ୍ତେ ଏବଂ ସେହି ସୂତାରୁ ରାଜ୍ୟରେ ଉଭୟ ବୟନଶିଳ୍ପ ଓ ହସ୍ତତନ୍ତ ଶିଳ୍ପ ଚାଲିବା ସହିତ ଓଡ଼ିଶା ବି ଅନ୍ୟ ରାଜ୍ୟକୁ ସୂତା ଓ କପଡା ରପ୍ତାନି କରିପାରନ୍ତା । ଏହା କରାଗଲେ ଓଡ଼ିଶାର ଶ୍ରମିକ ଓ କାରିଗର ଅନ୍ୟ ରାଜ୍ୟର ସୂତା ଓ ଲୁଗାକଳରେ ଦାଦନ ଖଟିବାକୁ ଧାଡି ବାନ୍ଧନ୍ତେ ନାହିଁ । (ତଥ୍ୟ)



## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ସମ୍ପାଦକୀୟ



# କେନ୍ଦ୍ରୀୟ ସଂସ୍ଥାର ଦୁରୂପଯୋଗ

ବିଭିନ୍ନ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୂପଯୋଗ ଅଭିଯୋଗ ନୁଆ ନୁହେଁ। ଇନ୍ଦିରାଙ୍କ ସମୟରୁ ଏହି ଅଭିଯୋଗ ହୋଇଆସୁଛି। ସିବିଆଇ, ଇଡି, ଏନଆଇଏ ଭଳି କେନ୍ଦ୍ରୀୟ ସଂସ୍ଥାକୁ ଶାସନ କ୍ଷମତାରେ ଥିବା ଦଳ ବା ସରକାର ବିରୋଧୀ ନେତାଙ୍କ ବିରୋଧରେ ଏକ ଅମୋଘ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ସବୁ ସରକାର ସମୟରେ ହୋଇଆସୁଛି। ଜରୁରୀ ପରିସ୍ଥିତି ବେଳେ ଏହା ସର୍ବାଧିକ ସଂଖ୍ୟାରେ ଦେଖିବାକୁ ମିଳିଥିଲା। ୟୁପିଏ ସରକାର ସମୟରେ ମଧ ଏଭଳି ଅଭିଯୋଗ ହେଉଥିଲା। ଏକଦା ସୁପ୍ରିମକୋର୍ଟ ସିବିଆଇକୁ ଏକ ପିଞ୍ଜରାବଦ୍ଧ ଶୁଆ ଭାବେ ଅଭିହିତ କରିଥିଲେ। ସିବିଆଇର ମୁଖ୍ୟ ପଦରେ ସବୁ ବେଳେ ଶାସକ ଦଳର ସମର୍ଥକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବାର ନଜିର ରହିଛି। ଏବେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଅମଳରେ ଏହି ଅଭିଯୋଗ ଟିକେ ଅଧିକ ହୋଇଛି। କାରଣ ସିବିଆଇ, ଇଡି ଏବଂ ଅନ୍ୟ ତଦନ୍ତକାରୀ ସଂସ୍ଥା ଅଧିକ ସକ୍ରିୟ ହୋଇଛି। ବିରୋଧୀ ଦଳର ଅନେକ ନେତା ଭିନ୍ନ ଭିନ୍ନ ଅଭିଯୋଗରେ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। କେତେକ ଗିରଫ ହୋଇ ଜେଲ ଯାଇଛନ୍ତି। ଦୁଇ ବର୍ଷ ତଳେ୧୪ଟି ବିରୋଧୀ ଦଳ ମିଳିତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୂପଯୋଗ ଅଭିଯୋଗ କରିଥିଲେ ଏବଂ ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି କହିଥିଲେ। ଏହା ପରେ ସମ୍ପୃକ୍ତ ନେତାମାନେ ମିଳିତ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରେ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ସିବିଆଇ ଓ ଇଡି ଭଳି ତଦନ୍ତକାରୀ ସଂସ୍ଥାକୁ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟରେ ଉପଯୋଗ କରୁଛନ୍ତି। ବିରୋଧୀ ନେତାଙ୍କ ମୁହଁ ବନ୍ଦ କରିବା ଏବଂ ସେମାନଙ୍କୁ ଅପମାନିତ ବା ବଦନାମ କରିବା ପାଇଁ ମିଛ ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଉଛି। ଯେଉଁମାନେ ବିଜେପିରେ ସାମିଲ ହେଉଛନ୍ତି ସେମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥିଲେ ମଧ ସେମାନଙ୍କ ବିରୋଧରେ ତଦନ୍ତକୁ ଜାଣିଶୁଣି ଶିଥିଳ କରାଯାଉଛି। ପଶ୍ଚିମବଙ୍ଗରେ ଟିଏମସି, ବିହାରରେ ଆରଜେଡି, ମହାରାଷ୍ଟ୍ରରେ ଏନସିପି ଓ କଂଗ୍ରେସ ତଥା ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା, ଦିଲ୍ଲୀରେ ଆପ, ମଧପ୍ରଦେଶ, କର୍ଣ୍ଣାଟକ ଏବଂ ୟୁପିରେ କଂଗ୍ରେସକୁ ଟାର୍ଗେଟ କରାଯାଉଛି। କିନ୍ତୁ ସୁପ୍ରିମକୋର୍ଟ ବିରୋଧୀ ଦଳର ଏହି ଅଭିଯୋଗକୁ ଗ୍ରହଣ କରିନାହାଁନ୍ତି ଏବଂ ପିଟିସନର ଶୁଣାଣୀ କରିବାକୁ ମନା କରି ଦେଇଛନ୍ତି। ଏହା ପରେ ମିଳିତ ବିରୋଧୀ ଦଳ ପକ୍ଷରୁ ଓକିଲ ଅଭିଷେକ ମନୁ ସିଂହଭି ପିଟିସନକୁ ପ୍ରତ୍ୟାହାର କରି ନେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧୀ ଦଳମାନଙ୍କ ପାଇଁ ଶକ୍ତ ଚାପୁଡ଼ା ସଦୃଶ ହୋଇଛନ୍ତି। ଏହି ମାମଲା ନେଇ ପ୍ରଧାନବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୁଡ଼ କହିଛନ୍ତି ଯେ, ରାଜନେତାମାନେ ନିଜକୁ ସାଧାରଣ ଲୋକଙ୍କଠାରୁ ବଡ଼ ବୋଲି ଭାବିବା ଅନୁଚିତ। ଆଇନ ସମସ୍ତଙ୍କ ପାଇଁ ସମାନ। ଏଭଳି ଏକ ସାମଗ୍ରୀକ ଅଭିଯୋଗ ଆଧାରରେ ଶୁଣାଣୀ କରାଯାଇପାରିବ ନାହିଁ। ଯଦି କୌଣସି ନିର୍ଦ୍ଦିଷ୍ଟ ଘଟଣାରେ କିଛି ଅଭିଯୋଗ ରହିଛି ତେବେ ଏହାକୁ ପ୍ରମାଣ ସହ ଉପସ୍ଥାପନ କରାଯାଇପାରିବ। କିନ୍ତୁ ସବୁ କଥାକୁ ଏକାଠି କରି ସାମଗ୍ରୀକଭାବେ ସିବିଆଇ ବା ଇଡିର ଦୁରୂପଯୋଗ ଅଭିଯୋଗ ଗ୍ରହଣୀୟ ନୁହେଁ। ଯେଉଁମାନଙ୍କ




ବିରୋଧରେ ଦୁର୍ନୀତି ବା ଅପରାଧିକ ମାମଲା ରହିଛି ସେମାନଙ୍କ ବିଚାର କୋର୍ଟ କରିବ। ସିବିଆଇ ବା ଇଡି ନୁହେଁ। ତଦନ୍ତକାରୀ ସଂସ୍ଥା କେବଳ ଚାର୍ଜସିଟ ଦାଖଲ କରିବ। ଏହାର ବୈଧତା, ସତ୍ୟତା ଏବଂ ଗ୍ରହଣୀୟତା କୋର୍ଟ ବିଚାର କରିବ। ଯଦି ଅଭିଯୁକ୍ତଙ୍କ ବିରୋଧରେ କିଛି ପ୍ରମାଣ ନଥିବ ତେବେ ସେ ନିର୍ଦ୍ଦୋଷରେ ଖଲାସ ହେବ। ଏଥିରେ ରାଜନୈତିକ ଅଭିସନ୍ଧିର କୌଣସି ଗୁରୁତ୍ୱ ନାହିଁ। ରାଜନୈତିକ ଦୃଷ୍ଟିଭଙ୍ଗୀ ରଖି ସିବିଆଇ ବା ଇଡି ଭଳି ସଂସ୍ଥାର ବିଶ୍ୱସନୀୟତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ରାଜନୈତିକ ଦୃଷ୍ଟି ଭଙ୍ଗୀରେ ସ୍ୱାଗତଯୋଗ୍ୟ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ମନ୍ତବ୍ୟ ପରେ ବିରୋଧୀ ଥମି ଯାଇଛନ୍ତି। ପଶ୍ଚିମବଙ୍ଗରେ ଚିଟଫଣ୍ଡ ଦୁର୍ନୀତିରେ ଶାସକ ଟିଏମସିର ଅନେକ ନେତା ସମ୍ପୃକ୍ତ ଥିଲେ। ତେଣୁ ସିବିଆଇ ଏହି ମାମଲାରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସ୍ୱାଭାବିକ। ସେହିପରି ବିହାରରେ ଲାଲୁ ଯାଦବଙ୍କ ବିରୋଧରେ ଅଭିଯୋଗର ଲମ୍ବା ଫର୍ଦ୍ଦ ରହିଛି। ଝାଡ଼ଖଣ୍ଡରେ କ୍ଷମତାସୀନ ଜେଏମଏମ ଖଣି ଦୁର୍ନୀତିରେ ସମ୍ପୃକ୍ତ ଥିବା ସମସ୍ତେ ଜାଣନ୍ତି। ମହାରାଷ୍ଟ୍ରରେ ଏନସିପି ଓ କଂଗ୍ରେସ ନେତାମାନେ ମାଫିଆଙ୍କ ସହ ସମ୍ପର୍କ ରକ୍ଷା କରି ବିପୁଳ ପରିମାଣର ଚାନ୍ଦା ଆଦାୟ କରନ୍ତି। ତେଣୁ ସେମାନଙ୍କୁ ବାନ୍ଧିବାରେ କିଛି ଅସୁବିଧା ନାହିଁ। ଦିଲ୍ଲୀରେ ମନିଷ ସିସୋଦିଆ ବା ସତ୍ୟେନ୍ଦ୍ର ଜୈନ ଯଦି ବାସ୍ତବରେ ନିର୍ଦ୍ଦୋଷ ଏବଂ ସ୍ୱଚ୍ଛ ତେବେ ସେମାନେ ଦିନେ କୋର୍ଟରେ ନିର୍ଦ୍ଦୋଷ ପ୍ରମାଣିତ ହେବେ। ବିରୋଧୀ ନେତାମାନେ ବିଚଳିତ ନହୋଇ ଆଇନ ଉପରେ ଭରସା ରଖିବା ଉଚିତ। ଏକଥା ସତ୍ୟ ଯେ, ଅନେକ ସମୟରେ ସିବିଆଇ ବା ଇଡି ଅଭିଯୁକ୍ତଙ୍କ ବିରୋଧରେ ଉପଯୁକ୍ତ ପ୍ରମାଣ ସଂଗ୍ରହରେ ବିଫଳ ହେଉଛି। ବିନା ଚାର୍ଜସିଟରେ ଅଭିଯୁକ୍ତ ମାସ ମାସ ଧରି ଜେଲରେ ସଡ଼ୁଛନ୍ତି। ସେମାନଙ୍କ ଜାମିନ ଆବେଦନକୁ କୋର୍ଟରେ ତଦନ୍ତକାରୀ ସଂସ୍ଥା ବିରୋଧ କରୁଛି। ସୁପ୍ରିମକୋର୍ଟ ଏହାକୁ ଅନୁଚିତ ବୋଲି ଦର୍ଶାଉଛନ୍ତି। ଅନ୍ୟ ସରକାରୀ ବିଭାଗ ଭଳି ସିବିଆଇ ଏବଂ ଇଡିରେ ମଧ ଦୁର୍ନୀତିଗ୍ରସ୍ତ ଅଫିସର ଅଛନ୍ତି। କିଛି ଦୁର୍ନୀତିଗ୍ରସ୍ତଙ୍କ ପାଇଁ ବିଭାଗ ବଦନାମ ହେଉଛି। କିନ୍ତୁ ସାମଗ୍ରୀକଭାବେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଗୁରୁତ୍ୱ ବା ନିରପେକ୍ଷତା ପ୍ରତି ପ୍ରଶ୍ନ ଉଠାଇବା ଅନୁଚିତ। ଆଇନ ସମସ୍ତଙ୍କ ପାଇଁ ସମାନ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ବିନା ପ୍ରମାଣରେ କାହାକୁ ଜେଲରେ ରଖିପାରିବ ନାହିଁ। ବିନା ଦୋଷରେ କେହି ଦଣ୍ଡିତ ହେବେ ନାହିଁ। ତେଣୁ ସିବିଆଇ, ଇଡି, ଏନଆଇଏ ବା ଆୟକର ବିଭାଗ ବିରୋଧରେ ପକ୍ଷପାତ ଅଭିଯୋଗ ଏବଂ ସେମାନେ ଆତଙ୍କରାଜ ଚଳାଉଥିବା ଅଭିଯୋଗ ଠିକ ନୁହେଁ। ତେବେ ସମୟ ଆସିଛି ଏହିସବୁ ସଂସ୍ଥାର ନିରପେକ୍ଷତା ଏବଂ ବିଶ୍ୱସନୀୟତା ବଢ଼ାଇବାକୁ, ଭାବମୂର୍ତ୍ତୀ ଅକ୍ଷୁର୍ଣ୍ଣ ରଖିବାକୁ ଆଇନରେ କିଛି ପରିବର୍ତ୍ତନ କରାଯିବା ଉଚିତ।

# ଶ୍ରାବଣରେ ଶିବାଭିଷେକ ଓ ବୋଲବମ୍ ଯାତ୍ରା



**ହୃଷିକେଷ ପୁହାଣ**

ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ। ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ। ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି। ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତ ମାନଙ୍କୁ କାଉଡିଆ କୁହାଯାଏ। ବର୍ତ୍ତମାନ ଶ୍ରାବଣ ମାସ ଆରମ୍ଭ ହୋଇଯାଇଛି। ଏହି ମାସ ହେଉଛି ଭଗବାନ ଶିବଙ୍କ ମାସ। କୁହାଯାଏ ଯେ ଏହି ମାସରେ ପୂଜା କରିବା ଦ୍ୱାରା ମନସ୍କାମନା ପୂର୍ଣ୍ଣ ହୁଏ ଓ ଆଶୀର୍ବାଦ ମଧ ମିଳେ। କାରଣ ହିନ୍ଦୁ ଧର୍ମ ଅନୁସାରେ ଶ୍ରାବଣ ମାସରେ କରାଯାଉଥିବା ଶିବଙ୍କ ପୂଜା ଅର୍ଚ୍ଚନା ଦ୍ୱାରା ଶୀଘ୍ର ହିଁ ଶୁଭଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଲୋକମାନଙ୍କ କହିବାନୁଯାୟୀ ଏହି ମାସରେ ଭଗବାନ ଶିବ ମାତା ପାର୍ବତୀଙ୍କ ସହିତ ଭୂଲୋକରେ ଭ୍ରମଣ କରିବାକୁ ଆସନ୍ତି ଓ ଭକ୍ତଙ୍କ ସବୁ ଦୁଃଖ କଷ୍ଟ ଦୂର କରନ୍ତି। ଯଦି ଘରର କିଛି ସଦସ୍ୟ ଅସାଧ ରୋଗରେ ପଡ଼ନ୍ତି, ତେବେ ପରିବାରର କୌଣସି ସଦସ୍ୟଙ୍କ ଦ୍ୱାରା ଶିବଙ୍କ ପୂଜା ଅର୍ଚ୍ଚନା କରାଯାଇଥାଏ। ଶ୍ରାବଣର କୌଣସି ସୋମବାରରେ ପାଣି ଓ କ୍ଷୀରରେ ତିଳକ ପକାଇ ଶିବଲିଙ୍ଗାଭିଷେକ କରିବା ସହିତ ଆପଣ ୧୧ ହଜାର, ୨୨ ହଜାର ବା ୧.୨୫ ଲକ୍ଷ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିବା ଉଚିତ। ଏହାଦ୍ୱାରା ଆପଣଙ୍କ ଲାଭପ୍ରଦ ହୋଇଥାଏ ବୋଲି କୁହାଯାଏ। ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିବା ପୂର୍ବରୁ ପଣ୍ଡିତଙ୍କ ସହିତ ପରାମର୍ଶ କରି ମନ୍ତ୍ର ପାଠ କରିବା ଉଚିତ କାରଣ ମନ୍ତ୍ର ପାଠ କରିବା ସମୟରେ କୌଣସି ବି ନିୟମ ପାଳନ ଅନିବାର୍ଯ୍ୟ ଅଟେ। ଶ୍ରାବଣ ମାସକୁ ମାସୋତ୍ତମ କୁହାଯାଏ। ଏ ମାସର ପ୍ରତ୍ୟେକ ଦିନ ଏକ ନୂଆ ଆଲୋକ ଦେଖାଏ। ଏଥିସହ ଜଡ଼ିତ ସମସ୍ତ ଦିନର ଭିନ୍ନ ଭିନ୍ନ ଧାର୍ମିକ ରଙ୍ଗ ଏବଂ ବିଶ୍ୱାସ ଥାଏ। ଶ୍ରାବଣ ନକ୍ଷତ୍ର ତଥା ସୋମବାର ସହ ଭଗବାନ ଶିବଶଙ୍କରର ଗଭୀର ସମ୍ପର୍କ ରହିଛି। ଏହି ମାସରେ ଆଶା ପୂର୍ଣ୍ଣ ହୁଏ। ଗ୍ରୀଷ୍ମ ପରେ ଶ୍ରାବଣ ମାସରେ ପୃଥିବୀ ତୃପ୍ତ ହୁଏ ଏବଂ ସବୁ ପ୍ରାଣୀଙ୍କର ଇଛାପୂର୍ଣ୍ଣ କରେ। ଏହି ଦୃଷ୍ଟିରୁ ଶ୍ରାବଣ ମାସ ଇଛା ପୂର୍ତ୍ତିର ମାସ। ଏହି ମାସରେ ବ୍ରତ ରଖିଲେ ମୃତ୍ୟୁପରେ ଶିବଲୋକ ପ୍ରାପ୍ତ ହୁଏ। ଏହି ମାସରେ ଶିବ ଭକ୍ତମାନେ ଜ୍ୟୋର୍ତିଲିଙ୍ଗ ଦର୍ଶନ ଏବଂ ଜଳାଭିଷେକ ଦ୍ୱାରା ଅଶ୍ୱମେଧ ଯଜ୍ଞ ସମାନ ଫଳ ଲାଭ କରନ୍ତି। ଏହି ମାସରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଏବଂ ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କଲେ ଶୁଭ ଫଳ ବୃଦ୍ଧି ହୁଏ। ସହସ୍ର ସହସ୍ର ଭକ୍ତ ହର ହର ମହାଦେବ ଓ ବ୍ୟୋମ ବ୍ୟୋମ ବ୍ୟୋମ ବିଶ୍ୱନାଥ ଉଚ୍ଚାରଣ କରି ଭକ୍ତି ଓ ଏକାଗ୍ରତା ସହକାରେ ଜଳାଭିଷେକ କରନ୍ତି।

'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ - ଧାତୁ ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି। ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ। ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ। ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ। ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି - ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି। ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ। ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ।

ପାପ ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ। ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ। ଜଣେ କାଉଡିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇବ। ବିଧିପୂର୍ବକ ଭାବେ ମହାଦେବଙ୍କୁ ଜଳାଭିଷେକ କରି ତିନିଥର ସେହି ଜଳକୁ ଗ୍ରହଣ କରିବା ଉଚିତ। ଏହାଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଥିବା ସମସ୍ତ ଦୋଷ ଦୂର ହୋଇଯାଇଥାଏ। ଧର୍ମ-ଅର୍ଥ-କାମ-ମୋକ୍ଷ ସମ୍ବନ୍ଧିତ ସମସ୍ତ ଇଛା ତୁରନ୍ତ ପୂର୍ଣ୍ଣ ହୋଇଥାଏ। ଏହି ଯାତ୍ରା କରିବା ଦ୍ୱାରା ଭକ୍ତଙ୍କୁ ମାନସିକ ପ୍ରସନ୍ନତା, ମନରୋଗ, ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଦିନକୁ ଦିନ କାଉଡିଆଙ୍କ ସଂଖ୍ୟା ବଢ଼ି ଚାଲିଛି। ଏବେ ତ ଉଭୟ ପୁରୁଷ ଓ ନାରୀ କାଉଡିଆମାନେ ଏଥିରେ ସମ୍ପୃକ୍ତ। ଏହି ଯାତ୍ରା ସଫଳ କରିବାପାଇଁ ବିଭିନ୍ନ ସଂସ୍ଥା ମଧ କିଛି ମହତ କାର୍ଯ୍ୟ କରିଥାନ୍ତି। ଯେପରି କାଉଡିଆ ପାଇଁ ପୋଷାକ, ବିଶ୍ରାମସ୍ଥଳ, ଖାଦ୍ୟ ଓ ସେବା ଶୁଶ୍ରୁଷା ଇତ୍ୟାଦି କରିଥାନ୍ତି। ଏହା ପଛରେ ଲୋକଙ୍କ ମନରେ ଶ୍ରଦ୍ଧା, କର୍ମ ଧର୍ମ ଭାବ ଜାଗ୍ରତ ହୋଇଥାଏ। ନିଃସ୍ୱାର୍ଥ ଭାବରେ ଯେଉଁ ସେବାକରନ୍ତି ତାହା ଭଗବାନଙ୍କ ସେବା ବୋଲି ଲୋକମାନେ ମନେ କରିଥାନ୍ତି। କାଉଡିଆମାନେ ଜଳପାତ୍ରକୁ ପ୍ରଣାମ କରିବା ଉଚିତ।


**ଥାଇଲୋ, ଅଲିକଣ୍ଟା, ବାଲିକୁଦା, ଜଗତସିଂହପୁର-୭୫୪୧୦୮,**
**ଦୂରଭାଷ : ୭୦୦୮୪୩୮୯୫୯**




# 'ବାୟୁ ପ୍ରଦୂଷଣ ଓ ବିଷ ବଳୟରେ ସମଗ୍ର ପୃଥିବୀ'



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ପ୍ରଦୂଷଣ ହେଉଛି ପ୍ରାକୃତିକ ପରିବେଶରେ ପ୍ରଦୂଷକ ପଦାର୍ଥର ପରିଚୟ, ଯାହା ସ୍ୱାଭାବିକ ପ୍ରକୃତିରେ ପ୍ରତିକୂଳ ପରିବର୍ତ୍ତନ ଆଣିଥାଏ । ପ୍ରଦୂଷଣ ରାସାୟନିକ ପଦାର୍ଥ ବା ଶକ୍ତିର ରୂପ ନେଇପାରେ, ଯେପରିକି ଶବ୍ଦ, ଉତ୍ତାପ କିମ୍ବା ଆଲୋକ। ପ୍ରଦୂଷଣ, ପ୍ରଦୂଷଣର ଉପାଦାନ, ବିଦେଶୀ ପଦାର୍ଥ/ଶକ୍ତି କିମ୍ବା ପ୍ରାକୃତିକ ଭାବରେ ଘଟୁଥିବା ପ୍ରଦୂଷକ ହୋଇପାରେ । ପ୍ରଦୂଷଣ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଉତ୍ସ କିମ୍ବା ବହୁ ଉତ୍ସଜନିତ ପ୍ରଦୂଷଣ ଭାବରେ ଶ୍ରେଣୀଭୁକ୍ତ ହୋଇଥାଏ। ୨୦୧୫ରେ, ପ୍ରଦୂଷଣରେ ବିଶ୍ୱରେ ୯ ନିୟୁତ ଲୋକ ପ୍ରାଣ ହରାଇଥିଲେ। ପ୍ରଦୂଷଣର ମୁଖ୍ୟ ରୂପଗୁଡ଼ିକ ହେଲା: ବାୟୁ ପ୍ରଦୂଷଣ, ଆଲୋକ ପ୍ରଦୂଷଣ, ଆବର୍ଜନାର ଦୁରୁପବ୍ୟବହାର, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ରେଡିଓଆକ୍ଟିଭ୍ ପ୍ରଦୂଷଣ, ତାପଜ ପ୍ରଦୂଷଣ, ଦୃଷ୍ଟି ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ ।

ଆଜି ଆସନ୍ତୁ ଜାଣିବା ବାୟୁ ପ୍ରଦୂଷଣ ବିଷୟରେ। ବାୟୁ ପ୍ରଦୂଷଣ ସର୍ବଦା ସଭ୍ୟତା ସହିତ ଆସିଥାଏ । ପ୍ରଦୂଷଣ ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା, ଯେତେବେଳେ ମଣିଷ ପ୍ରଥମ ଅଗ୍ନି ସୃଷ୍ଟି କଲା । ସାଇନ୍ସ ପତ୍ରିକାରେ ୧୯୮୩ର ଏକ ଲେଖା ଅନୁଯାୟୀ , ପ୍ରାଚୀନ ଗୁମ୍ଫାର ଛାତରୁ ମିଳିଥିବା କଳା ଦାଗ କିମ୍ବା ସୁଟ୍ ଉଚ୍ଚ ପ୍ରଦୂଷଣର ଯଥେଷ୍ଟ ପ୍ରମାଣ ଦେଇଥାଏ ଯାହା ଖୋଲା ଅଗ୍ନିକାଣ୍ଡର ଅପର୍ଯ୍ୟାପ୍ତ ବାୟୁ ଚଳାଚଳ ସହିତ ଜଡ଼ିତ ଥିଲା। ଧାତୁକୁ ଆକାର ଦେବା, ଘର ବାହାରେ ଗୁରୁତ୍ୱପୂର୍ଣ୍ଣ ବିମାନ ପ୍ରଦୂଷଣ ସ୍ତର ସୃଷ୍ଟିର ଏକ ପ୍ରମୁଖ କାରଣ ବୋଲି ଦେଖାଯାଇଥିଲା। ଗ୍ରୀନଲ୍ୟାଣ୍ଡରେ ଥିବା ଗ୍ଲେସିୟରର ମୂଳ ନମୁନା ଗ୍ରୀକ୍, ରୋମାନ୍ ଏବଂ ଚାଇନାର ଧାତୁ ଉତ୍ପାଦନ ସହିତ ଜଡ଼ିତ ପ୍ରଦୂଷଣର ବୃଦ୍ଧି ସୂଚାଇଥାଏ । ବାୟୁମଣ୍ଡଳରେ ରାସାୟନିକ ପଦାର୍ଥ ଏବଂ କଣିକା ନିର୍ଗତ ଯୋଗୁଁ ହୋଇଥାଏ । ସାଧାରଣ ଗ୍ୟାସୀୟ ପ୍ରଦୂଷଣରେ କାର୍ବନ ମନୋକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍, କ୍ଲୋରୋଫ୍ଲୋରୋକାର୍ବନ୍ ଏବଂ ଶିଳ୍ପ ଏବଂ ମୋଟର ଯାନଦ୍ୱାରା ଉତ୍ପାଦିତ ନାଇଟ୍ରୋଜେନ୍ ଅକ୍ସାଇଡ୍ ଅନ୍ତର୍ଭୁକ୍ତ । ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ହାଇଡ୍ରୋକାର୍ବନ୍ ସୂର୍ଯ୍ୟ କିରଣରେ ପ୍ରତିକ୍ରିୟାଶୀଳ ହୋଇଥିବାରୁ ଫୋଟୋକେମିକାଲ୍ ଓଜୋନ୍ ଏବଂ ଧୂଆଁ ସୃଷ୍ଟି ହୁଏ ।



ପ୍ରତିକୂଳ ବାୟୁ ଗୁଣ ମଣିଷ ସମେତ ଅନେକ ଜୀବକୁ ମାରିପାରେ । ଓଜୋନ ପ୍ରଦୂଷଣ କରାଇବାର ଶ୍ୱାସ ରୋଗ, ହୃଦରକ୍ତନାଳୀ ରୋଗ, ଗଳା ପ୍ରଦାହ, ଛାତି ଯନ୍ତ୍ରଣା, ଏବଂ ଜନଗହଳି । ମୁଖ୍ୟତଃ ବିକାଶଶୀଳ ଦେଶମାନଙ୍କରେ ବିଶୋଧିତ ଜଳ ନିଷ୍କାସନଦ୍ୱାରା ପାନୀୟ ଜଳର ଦୂଷିତ ହେତୁ, ଜଳ ପ୍ରଦୂଷଣ ଦିନକୁ ପ୍ରାୟ ୧୪,୦୦୦ ମୃତ୍ୟୁ ଘଟାଇଥାଏ । ଆନୁମାନିକ ଏବେ ବି ବିଶ୍ୱ ର ଅନ୍ୟ ଦେଶ ସହିତ ଭାରତୀୟଙ୍କର ମଧ ଏବେ ବି ଅନେକ ଲୋକଙ୍କର ଉପଯୁକ୍ତ ଶୌଚାଳୟର ସୁବିଧା ନାହିଁ, ଭାରତରେ ଲକ୍ଷ ଲକ୍ଷ ଲୋକ ଜଳ ଜନିତ ରୋଗରେ ଏବେ ବି ପୀଡ଼ିତ ଓ ଏହି ରୋଗରେ ଅନେକ ଲୋକ ମୃତ୍ୟୁ ମଧ କରୁଛନ୍ତି। ପାଖାପାଖି ୫୦୦ ନିୟୁତ ଚାଇନାର ସୁରକ୍ଷିତ ପାନୀୟ ଜଳର ଅଭାବ ରହିଛି।ଏକ ବିଶ୍ଳେଷଣରୁ ଜଣାପଡିଛି ଯେ ବାୟୁ ପ୍ରଦୂଷଣ ହେତୁ ଚାଇନାରେ ପ୍ରତିବର୍ଷ ୧.୨ ନିୟୁତ ଲୋକ ଅକାଳରେ ମୃତ୍ୟୁ ବରଣ କରନ୍ତି । ଦୀର୍ଘ ଦିନ ଧରି ଚାଇନାର ଉଚ୍ଚ ଧୂଆଁ ସ୍ତର ସାଧାରଣ ନାଗରିକଙ୍କ ଶରୀରକୁ କ୍ଷତି ପହଞ୍ଚାଇପାରେ ଏବଂ ବିଭିନ୍ନ ରୋଗ ସୃଷ୍ଟି କରିପାରେ। WHO ୨୦୦୭ରେ ଆକଳନ କରିଥିଲା ଯେ ବାୟୁ ପ୍ରଦୂଷଣ ଭାରତରେ ପ୍ରତିବର୍ଷ ଅଢ଼େଇ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟାଇଥାଏ। ଅଧୟନରୁ ଜଣାପଡିଛି ଯେ ଯୁକ୍ତରାଷ୍ଟ୍ରରେ ବାର୍ଷିକ ନିହତ ଲୋକଙ୍କ ସଂଖ୍ୟା ୫୦,୦୦୦ରୁ ଅଧିକ ହୋଇପାରେ।

ପରିବେଶର ସୁରକ୍ଷା ଓ ଉନ୍ନୟନ ପ୍ରତ୍ୟେକ ନାଗରିକର ମୌଳିକ ଦାୟିତ୍ୱ ଓ କର୍ତ୍ତବ୍ୟ। ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଯୁଦ୍ଧକାଳୀନଭିତ୍ତିରେ କେତେକ ଅଗ୍ରାଧିକାରମୂଳକ ପଦକ୍ଷେପ ଯଥା ସଚେତନତା ସୃଷ୍ଟି, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଜରାଶ୍ରମ ନିକଟରେ 'ନୋ କାର ଆଇଡ୍‌ଲିଙ୍ଗ ଜୋନ୍' ପ୍ରତିଷ୍ଠା , ସର୍ବସାଧାରଣ ଯାନ ଓ ସାଇକେଲରେ ଯିବା, ମିଥେନ୍ ଗ୍ୟାସ୍ ଯାହା ଅଙ୍ଗାରକାମ୍ଳ ଅପେକ୍ଷା ୨୧ ଗୁଣ ଅଧିକ ଅନିଷ୍ଟକାରୀ ତାହାର ଉତ୍ସକୁ ନିୟନ୍ତ୍ରଣ କରିବା, କମ୍ପୋଷ୍ଟ ଓ ପୁନଃବିନିଯୋଗ ବ୍ୟବସ୍ଥା ଦ୍ୱାରା ପରିତ୍ୟକ୍ତ ପ୍ଲାଷ୍ଟିକ୍ ସମେତ ଅଳିଆ-ଆବର୍ଜନାର ସୁବିନିଯୋଗ କରିବା, ଶିଳ୍ପାନୁଷ୍ଠାନରୁ ନିର୍ଗତ ବାୟୁ ପ୍ରଦୂଷକର ପରିମାଣକୁ ଉତ୍ସରୁ ହ୍ରାସ କରିବା, ଡିଜେଲ ଓ ପେଟ୍ରୋଲ ଭଳି ଜୀବାଶ୍ମ ଜାଳେଣି ବ୍ୟବହାର ନ କରି ହାଇବ୍ରିଡ ଓ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରିବା, ନବୀକରଣଯୋଗ୍ୟ ଶକ୍ତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଆଞ୍ଚଳିକ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବାୟୁ ପ୍ରଦୂଷଣରେ ନିର୍ଦ୍ଦିଷ୍ଟ ବାୟୁ ପ୍ରଦୂଷଣ ପାଇଁ ଆକ୍ସନ୍ ପ୍ଲାନ ତିଆରି କରିବା। ଏହା ହୋଇପାରିଲେ ବିଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରିବ ନଚେତ୍ ବିଶ୍ୱ ଏକ ବିଷ ବଳୟ ରେ ବୁଡି ଧ୍ୱଂସ ପାଇଯିବ।


**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ - ୯୯୩୮୯୦୬୦୭୦**


# ଧନଖଡ଼ଙ୍କ ପଦତ୍ୟାଗ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଉପ-ରାଷ୍ଟ୍ରପତି ପଦରୁ ଶ୍ରୀ ଜଗଦୀପ ଧନଖଡଙ୍କ ଅଚାନକ ଇସ୍ତଫା କେବଳ ରାଜନୈତିକ, ଗଣମାଧମ ଏବଂ ବୁଦ୍ଧିଜୀବୀ ମହଲରେ ନାନା କଳ୍ପନା-ଜଳ୍ପନାର ପ୍ରହେଳିକା ସୃଷ୍ଟି କରିନାହିଁ, ସଂସଦ ଓ ସରକାରଙ୍କ ମଧରେ ସମ୍ପର୍କକୁ ନେଇ ବହୁ ପ୍ରଶ୍ନବାଚୀ ଛିଡା କରାଇଛି ବୋଲି କୁହାଯାଇପାରିବ। ଇତି ମଧରେ ୬ଦିନ ବିତିଯାଇଥିଲେ ମଧ ଇସ୍ତଫାର କାରଣ ରହସ୍ୟବୃତ ରହିଛି। ଅବଶ୍ୟ ଶ୍ରୀ ଧନଖଡ ସ୍ୱାସ୍ଥ୍ୟଗତ କାରଣରୁ ଅଚାନକ ପଦତ୍ୟାଗ କରିଥିବା ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ମାତ୍ର ରାଜ୍ୟସଭାର ବର୍ଷାକାଳୀନ ପ୍ରଥମ ଦିନର ଅଧିବେଶନରେ ଦିନ ତମାମ ସେ ସକ୍ରୀୟ ଥିବାବେଳେ ହଠାତ ରାତି ୯ଟା ୨୦ ମିନିଟରେ ନିଜର ଇସ୍ତଫା ଘୋଷଣା କରିଥିଲେ। ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଥିବା ଶ୍ରୀ ଧନଖଡ ଅସୁସ୍ଥ ଥିଲେ, ତାଙ୍କର ଚିକିତ୍ସା ପାଇଁ ପୂର୍ବରୁ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥାନ୍ତା। ସେହିପରି ତାଙ୍କର ସୁସ୍ଥ ଜୀବନ କାମନାରେ ଦେଶବ୍ୟାପୀ କେବଳ ଶୁଭକାମନାର ବାର୍ତ୍ତା ଖେଳିଯାଇନଥାନ୍ତା, ପୂଜାପାଠ ବି ହୋଇଥାନ୍ତା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସାଧାରଣତଃ କୌଣସି ନେତାଙ୍କ ଅବସର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁଭଳି ଭାବାବେଗରେ ବାର୍ତ୍ତା ଦେଇଥାନ୍ତି, ଧନଖଡଙ୍କ ଇସ୍ତଫାରେ ସେଭଳି କିଛି ଭାବାବେଗପୂର୍ଣ୍ଣ ମନ୍ତବ୍ୟ ଦେଇନାହାଁନ୍ତି। କେବଳ 'ଏକ୍ସ'ରେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଯାହାକି ଅତ୍ୟନ୍ତ ଶୁଷ୍କ ଓ ନିରସ ମନେହୁଏ। ଯାହାକି ସରକାର ଓ ଧନଖଡଙ୍କ ମଧରେ ମତଭେଦ କିମ୍ବା ମତପାର୍ଥକ୍ୟର ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରେ। ତେବେ ତାଙ୍କର ଅଚାନକ ଇସ୍ତଫା ନେଇ ଯେଉଁସବୁ କଳ୍ପନା-ଜଳ୍ପନା ରାଜନୈତିକ ମହଲରେ ଘୁରିବୁଲୁଛି, ସେଥିମଧରୁ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ତଥା ଆଲାହାବାଦ ହାଇକୋର୍ଟର ବର୍ତ୍ତମାନର ବିଚାରପତି ଯଶବନ୍ତ ସିଂହଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ପାଇଁ ବିରୋଧି ଦଳର ୬୨ଜଣ ସାଂସଦଙ୍କ ନୋଟିସକୁ ସେ ଗ୍ରହଣ କରିବା ଯେଉଁ ନୋଟିସରେ ଶାସକ ମେଣ୍ଟର କୌଣସି ସଦସ୍ୟଙ୍କ ସ୍ୱାକ୍ଷର ନଥିଲା। ବିଚାରପତି ଦୁର୍ନୀତି ବିରୁଦ୍ଧରେ ଶାସକ ଦଳର ନୀରବତା ସଂକ୍ରାନ୍ତରେ ଏକ ବାର୍ତ୍ତା ନୋଟିସ ସନ୍ଦେଶ ଦେବା ଆଶଙ୍କାରେ ତାଙ୍କୁ ଇସ୍ତଫା ଦେବା ପାଇଁ କୁହାଯାଇପାରେ। କହିବା ବାହୁଲ୍ୟ ଯେ, ଶୁକ୍ରବାର ଦିନ ରାଜ୍ୟସଭା ବିରୋଧି ଦଳର ନୋଟିସକୁ ଅଗ୍ରାହ୍ୟ କରିଦେଇଛି ଆଉ ଏକ କଳ୍ପନା ଜଳ୍ପନା ଘୁରି ବୁଲିଛି, ଯେ, ବିହାର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର କିମ୍ବା ରାଜ୍ୟପାଳ ଆରିଫ ଅହମ୍ମଦ ଖାଁ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ କର୍ପୂରୀ ଠାକୁରଙ୍କ ପୁଅ ରାମନାଥ ଠାକୁରଙ୍କୁ ଉପ-ରାଷ୍ଟ୍ରପତି ଭାବେ ନିର୍ବାଚିତ କରି ନିର୍ବାଚନ କରି ନିର୍ବାଚନ ବୈତରଣୀ ପାର ହେବା ସରକାରଙ୍କ ଲକ୍ଷ୍ୟ ହୋଇପାରେ। ଅବଶ୍ୟ ଉପ-ରାଷ୍ଟ୍ରପତି ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଏବେ ବିଧିବଦ୍ଧ ପ୍ରକ୍ରୀୟା ଆରମ୍ଭ ହୋଇସାରିଲାଣି। ଏହି ସବୁ ଘଟଣା କ୍ରମରେ ଧନଖଡଙ୍କ ଇସ୍ତଫା ଯେ ଅତ୍ୟନ୍ତ ରହସ୍ୟବୃତ ହୋଇରହିଛି। ଏହା ନିସନ୍ଦେହ। ଉଲ୍ଲେଖଯୋଗ୍ୟ ଯେ, ଧନଖଡଙ୍କ ପାଞ୍ଚ ବର୍ଷିୟା କାର୍ଯ୍ୟକାଳ ଆହୁରି ଦୁଇବର୍ଷ ବାକି ରହିଛି। ନିକଟରେ ସେ ପୁରା କାର୍ଯ୍ୟକାଳ ଉପ-ରାଷ୍ଟ୍ରପତି ଭାବେ ପୂରଣ କରିବା ନେଇ ସୂଚନା ଦେଇଥିଲେ। ତେବେ ଇସ୍ତଫା ଲାଗି ତାଙ୍କ ଉପରେ ଚାପ ପଡ଼ିଥିବା ଜଳ ଜଳ ହୋଇ ଦେଖାଯାଉଛି। ଏହା ନିସନ୍ଦେହ ଯେ, ଧନଖଡଙ୍କ ନିଜସ୍ୱ ରେକର୍ଡ ଏବଂ ନୈତିକତା ବିବାଦପୂର୍ଣ୍ଣ। ଜଣେ ଦକ୍ଷ ଆଇନ ଭାବେ ପରିଚିତ ଧନଖଡ ୧୯୮୯ ମସିହା ଜନତା ଦଳ ପ୍ରାର୍ଥୀ ଭାବେ ପ୍ରଥମ ଥର ରାଜସ୍ଥାନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତୀ ସମୟରେ ସେ କଂଗ୍ରେସ ପ୍ରାର୍ଥୀ ଭାବେ ରାଜସ୍ଥାନ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୩ରେ ସେ ବିଜେପିରେ ଯୋଗ ଦେଇଥିଲେ। ତାଙ୍କୁ କେନ୍ଦ୍ର ସରକାର ୨୦୧୯ରେ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ନିଯୁକ୍ତି ଦେଇଥିଲେ। ରାଜ୍ୟପାଳ ଭାବେ ମମତା ବାନାର୍ଜୀ ସରକାରଙ୍କ ବିରୁଦ୍ଧରେ ସେ ଜଣକିଆ ବିରୋଧିର ଭୂମିକା ନିର୍ବାହ କରିଥିଲେ। ରାଜଭବନ ରାଜ୍ୟ ସରକାରଙ୍କ ଦୁର୍ନୀତି, ନିର୍ବାଚନ ହିଂସା, ଆଇନ ଶୃଙ୍ଖଳା ପରିସ୍ଥିତି ଆଉ ପ୍ରସଙ୍ଗ ଉଠାଇଥିଲା। ଯାହା ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି କରିଥିଲା। ସେହିପରି ୨୦୨୨ ଜୁଲାଇ ମାସରେ ସେ ଉପ-ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିରୋଧି ଦଳ ସହ ତାଙ୍କର ଉତମ ବୁଝାମଣା ନଥିବା ବେଳେ ନ୍ୟାୟାଳୟ ବିରୁଦ୍ଧରେ ବହୁ ମନ୍ତବ୍ୟ ଦେଇଥିଲେ। ଜାତୀୟ ବିଚାର ବିଭାଗୀୟ ନିଯୁକ୍ତି (ଏନଜେଏସି) କାର୍ଯ୍ୟକାରୀ କରିବା, କଲେଜିୟମ ବ୍ୟବସ୍ଥା ଉଚ୍ଛେଦ, ସମ୍ବିଧାନର ମୁଖବନ୍ଧର ସମାଜବାଦ ଓ ଧର୍ମନିରପେକ୍ଷ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ରାଜ୍ୟ ବିଲ୍‌ଗୁଡିକୁ ରାଷ୍ଟ୍ରପତି ଓ ରାଜ୍ୟପାଳ ମଞ୍ଜୁରୀ ଦେବ ନିର୍ଦ୍ଦେଶ ନେଇ ଖୋଲାଖୋଲି ମନ୍ତବ୍ୟ ଦେଇଥିଲେ। ସଂସଦ ହେଉଛି ସର୍ବେସର୍ବା ବୋଲି ଦୃଢ ମତ ଦେଇ ଆସୁଥିଲେ। ଉଲ୍ଲେଖଯୋଗ୍ୟ ଯେ, ପକ୍ଷପାତିତା ଆଚରଣ ଓ ସରକାରଙ୍କ ମୁଖପାତ୍ର ସାଜିଥିବା ଅଭିଯୋଗରେ ଦେଶର ପ୍ରଥମ ଉପ-ରାଷ୍ଟ୍ରପତି ତଥା ରାଜ୍ୟସଭା ଅଧକ୍ଷ ଭାବେ ବିରୋଧି ଦଳ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲା। କେବଳ ଏତକି ନୁହେଁ ଦେଶର ସେ ହେଉଛନ୍ତି ପ୍ରଥମ ଉପ-ରାଷ୍ଟ୍ରପତି, ଯେ କି ଦୁଇବର୍ଷ କାର୍ଯ୍ୟକାଳ ବାକି ଥିବା ସତ୍ୱେ ନିଜ ପଦରୁ ଇସ୍ତଫା ଦେଇ ରାଜନୀତିରୁ ସନ୍ୟାସ ନେଇଛନ୍ତି। ଅବଶ୍ୟ ପୂର୍ବରୁ ଦୁଇଜଣ ଉପ-ରାଷ୍ଟ୍ରପତି ଇସ୍ତଫା ଦେଇଥିଲେ। କିନ୍ତୁ ସେମାନେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଲଢି ବିଜୟୀ ହୋଇଥିଲେ। ଆହୁରି ମଧ ଆଲାହାବାଦ ହାଇକୋର୍ଟର ବିଚାରପତି ଶେଖର କୁମାର ଯାଦବଙ୍କୁ ସାମ୍ପ୍ରଦାୟିକତା ମନ୍ତବ୍ୟ ନେଇ ବିରୋଧି ଦଳର ୫୦ଜଣ ସଦସ୍ୟଙ୍କ ବହିଷ୍କାର ପ୍ରସ୍ତାବ ନେଇ ଆଗତ ନୋଟିସକୁ ସେ ଗ୍ରହଣ କରିଥିଲେ କିନ୍ତୁ ସମସ୍ତଙ୍କ ସ୍ୱାକ୍ଷର ଯାଞ୍ଚ କରିବେ ବୋଲି ରୁଲିଂ ଦେଇଥିଲେ। ଏହା ନିସନ୍ଦେହ ଯେ, ଯେ, ଦେଶରେ ଜଣେ କୁହାଳିଆ ନେତା ଭାବେ ପରିଚିତ ଧନଖଡ ନିଜର ଇସ୍ତଫା ନେଇ ନୀରବ ରହିବା ବିଭିନ୍ନ କଳ୍ପନା ଜଳ୍ପନାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି ବୋଲି କୁହାଯାଇପାରେ।


**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# 'ଆପଣ ସୀମାର ସୁରକ୍ଷା କରନ୍ତୁ, ଆପଣଙ୍କ ପରିବାରର ସୁରକ୍ଷା ଆମର



**ଶ୍ରୀନଗର,୨୬।୭:** ଶନିବାର ସାରା ଦେଶରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି। ୧୯୯୯ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ, ଭାରତର ସାହସୀ ସୈନିକମାନେ ସୀମାକୁ ସୁରକ୍ଷା ଦେବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ଏହି ବିଶେଷ ଅବସରରେ, ସେନା କର୍ମଚାରୀମାନଙ୍କୁ ଏବେ ଏକ ସୁନ୍ଦର ଉପହାର ମିଳିଛି।

ଭାରତୀୟ ଇତିହାସରେ ପ୍ରଥମ ଥର ପାଇଁ, ସୈନିକମାନଙ୍କ ପରିବାରକୁ ଆଇନଗତ ସହାୟତା ପ୍ରଦାନ କରିବା ପାଇଁ ଏନ୍‌ଏଏଲ୍‌ଏସ୍‌ଏ ବୀର ପରିବାର ସହାୟତା ଯୋଜନା ୨୦୨୫ ଆରମ୍ଭ ହୋଇଛି।

ଦେଶର ପରବର୍ତ୍ତୀ ମୁଖ୍ୟ ବିଚାରପତି ଏବଂ ଜାତୀୟ ଆଇନଗତ ସେବା ପ୍ରାଧିକରଣ (ଏନ୍‌ଏଏଲ୍‌ଏସ୍‌ଏ) ର ଅଧ୍ୟକ୍ଷ ଜଷ୍ଟିସ ସୂର୍ଯ୍ୟକାନ୍ତ ଶ୍ରୀନଗରରୁ ଏହି ଯୋଜନା ଆରମ୍ଭ କରିଛନ୍ତି। ଏହି ବିଶେଷ ଅବସରରେ କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଜମ୍ମୁ କଶ୍ମୀର ରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ୍ୟ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଅପରେଶନ ସିନ୍ଦୂର ସମୟରେ ଏହି ଧାରଣା ମିଳିଥିଲା। ଅପରେଶନ ସିନ୍ଦୂର ସମୟରେ ସୈନିକମାନଙ୍କ ତ୍ୟାଗ ଏବଂ ବଳିଦାନରୁ ଅନୁପ୍ରାଣିତ ହୋଇ, ସେ ସେନା ପାଇଁ ଏକ ନୂତନ ପଦକ୍ଷେପ ନେବାକୁ ଚିନ୍ତା କରିଥିଲେ, ଯାହା ଦ୍ୱାରା ସୈନିକମାନେ ନ୍ୟାୟିକ ସହାୟତା ପାଇପାରିବେ ଏବଂ ସୀମାରେ ନିୟୋଜିତ ସମୟରେ ସେମାନେ ଶାନ୍ତିରେ ରହିପାରିବେ।

ଏନ୍‌ଏଏଲ୍‌ଏସ୍‌ଏ ବୀର ପରିବାର ସହାୟତା ଯୋଜନା ୨୦୨୫ ବିଷୟରେ କହିବାକୁ ଗଲେ, ଏହାର ଉଦ୍ଦେଶ୍ୟ ହେଉଛି ସୈନିକଙ୍କ ପରିବାର ସହିତ ଜଡିତ ମାମଲାଗୁଡ଼ିକର ସମାଧାନ କରିବା। ଉଦାହରଣ ସ୍ୱରୂପ, ଏହି ଯୋଜନା ଅଧୀନରେ, ଜବାନ କିମ୍ବା ତାଙ୍କ ପରିବାର ସହିତ ଜଡିତ ଯେକୌଣସି ବ୍ୟକ୍ତିଗତ ମାମଲା କୋର୍ଟରେ ଚାଲିଛି, ସେମାନଙ୍କର ଦାୟିତ୍ୱ ନିଆଯିବ। ଏପରି ପରିସ୍ଥିତିରେ, ସୈନିକମାନଙ୍କୁ ବାରମ୍ବାର କୋର୍ଟ ମାମଲା ବିଷୟରେ ଚିନ୍ତା କରିବାକୁ ପଡ଼ିବ ନାହିଁ ଏବଂ ସେମାନଙ୍କୁ ପ୍ରତ୍ୟେକ ତାରିଖରେ କୋର୍ଟକୁ ଯିବାକୁ ପଡ଼ିବ ନାହିଁ। ଏହି ଯୋଜନା ଅଧୀନରେ, ସୈନିକମାନଙ୍କୁ ସମ୍ପତ୍ତି, ଘର-ପରିବାର ଏବଂ ଜମି ସମ୍ବନ୍ଧୀୟ ମାମଲାରେ ସାହାଯ୍ୟ ମିଳିବ। ଭାରତୀୟ ସେନା ବ୍ୟତୀତ, ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ୍), ଭାରତ-ତିବ୍ବତ ସୀମା ପୋଲିସ (ଆଇଟିବିପି) ସମେତ ଅନ୍ୟାନ୍ୟ ଅର୍ଦ୍ଧସାମରିକ ବାହିନୀ ମଧ୍ୟ ଏହି ଯୋଜନାର ଲାଭ ପାଇବେ।

## ଏନ୍‌ସିଇଆରଟିରେ ଯୋଡ଼ାଯିବ ନୂଆ ପାଠ୍ୟକ୍ରମ

# ପିଲାଏ ପଢ଼ିବେ 'ଅପରେସନ ସିନ୍ଦୂର'ର ଗୌରବ ଗାଥା

**ନୂଆଦିଲ୍ଲୀ, ୨୬।୭:** ଏନ୍‌ସିଇଆରଟି (ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ) 'ଅପରେସନ ସିନ୍ଦୂର' ଉପରେ ଆଧାରିତ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ମଡ୍ୟୁଲ ପ୍ରସ୍ତୁତ କରିବାର ଘୋଷଣା କରିଛି, ଯାହାର ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କୁ ଭାରତର ସାମରିକ ଶକ୍ତି, ପ୍ରଯୁକ୍ତିବିଦ୍ୟାର ପ୍ରଗତି ଓ ରାଷ୍ଟ୍ରୀୟ ସୁରକ୍ଷାରେ ଯୋଗଦାନ ବିଷୟରେ ସଚେତନ କରିବା। ଏହି ମଡ୍ୟୁଲ ଦୁଇଟି ଭାଗରେ ବିଭାଜିତ ହେବ। ପ୍ରଥମ ମଡ୍ୟୁଲ ଶ୍ରେଣୀ ୩ରୁ ୮ମ ପର୍ଯ୍ୟନ୍ତ ଛାତ୍ରଙ୍କ ପାଇଁ ଓ ଦ୍ୱିତୀୟ ମଡ୍ୟୁଲ ଶ୍ରେଣୀ ୯ମ -୧୨ତମ ଛାତ୍ରଛାତ୍ରୀଙ୍କ ପାଇଁ ହେବ। ପ୍ରତି ମଡ୍ୟୁଲରେ ୮ରୁ ୧୦ ପୃଷ୍ଠା ଭିତରେ 'ଅପରେସନ ସିନ୍ଦୂର'ର ରଣନୀତି, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ସଫଳତାର କାହାଣୀକୁ ଖୁବ୍ ରୋଚକପୂର୍ଣ୍ଣ ଓ ପ୍ରେରଣାଦାୟୀ ଭବେ ପ୍ରସ୍ତୁତ କରାଯିବ।ଉକ୍ତ ପାଠ୍ୟକ୍ରମରେ ଅନ୍ୟ ପ୍ରମୁଖ ବିଷୟ ଗୁଡ଼ିକରେ ମିଶନ ଲାଇଫ୍ (ପରିବେଶ ପ୍ରତି ସଚେତନତା ଓ ଜୀବନଶୈଳୀରେ ପରିବର୍ତ୍ତନ), ଭାରତର ବୈଜ୍ଞାନିକ ଉପଲବ୍ଧି, ଚନ୍ଦ୍ରଯାନ ମିଶନର ସଫଳତା ଏବଂ




ଆକ୍ସିଓମ-୪ ସ୍ପେସ୍ ମିଶନ ରେ ଶୁଭାଂଶୁ ଶୁକ୍ଲାଙ୍କ ଭୂମିକା ଅନ୍ତର୍ଭୁକ୍ତ ହେବ। ଭାରତୀୟ ସେନା ମଧ୍ୟ 'ଅପରେସନ ସିନ୍ଦୂର'ର ସଫଳତାକୁ ଜାଗ୍ରତ କରିବା ପାଇଁ ସାରା ଦେଶରେ ଶିକ୍ଷା ସଂସ୍ଥା ଗୁଡ଼ିକରେ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି, ଯେଉଁଥିରେ ବରିଷ୍ଠ ସାମରିକ ଅଧିକାରୀ ଛାତ୍ରଛାତ୍ରୀଙ୍କ ସହ ଭିଡ଼ିଓ ଫୁଟେଜ୍ ଓ ପ୍ରତ୍ୟକ୍ଷ ଅନୁଭବ ସେୟାର କରୁଛନ୍ତି। ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କୁ ଭାରତର ସାମରିକ ରଣନୀତି ଓ ଟେକ୍ନୋଲଜିର ପ୍ରଗତିରେ ଅବଗତ କରାଇବା ସହ ସେମାନଙ୍କୁ ଦେଶର ସୁରକ୍ଷାରେ ଯୋଗଦାନ ପାଇଁ ପ୍ରେରିତ ମଧ୍ୟ କରିବ। କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁସାରେ , ଅପରେସନ ସିନ୍ଦୂରକୁ ଏନସିଆରଟି ପାଠ୍ୟକ୍ରମରେ ସାମିଲ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟ ଗର୍ବର ଭାବନାକୁ ପ୍ରୋତ୍ସାହିତ କରାଯିବ। ଉତ୍ତରାଖଣ୍ଡ ମଦ୍ରାସା ବୋର୍ଡ ମଧ୍ୟ ନିକଟରେ ଘୋଷଣା କରିଥିଲା ଯେ, ରାଜ୍ୟର ମଦ୍ରାସା ଗୁଡିକରେ ଅପରେସନ ସିନ୍ଦୂରକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ , ଯାହାକି ଛାତ୍ରଛାତ୍ରୀଙ୍କୁ ଭାରତୀୟ ସେନାର ବୀରତ୍ୱ ଓ ବଳିଦାନ ବିଷୟରେ ସୂଚନା ମିଳି ପାରିବ।

## ପି.ସି.ମୋଦି ଉପରାଷ୍ଟ୍ରପତି ନିର୍ବାଚନ ଲାଗି ରିଟର୍ଣ୍ଣିଂ ଅଫିସର ନିଯୁକ୍ତ



**ନୂଆଦିଲ୍ଲୀ ୨୬।୭:** ଜଗଦୀପ ଧନଖଡଙ୍କ ଅଚାନକ ଇସ୍ତଫା ଯୋଗୁ ଦେଶରେ ଉପରାଷ୍ଟ୍ରପତି ନିର୍ବାଚନ ଏବେ ଜରୁରି ହୋଇପଡିଛି। ନିର୍ବାଚନ ଆୟୋଗ ଏଥି ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ବେଳେ ଶୁକ୍ରବାର ରାଜ୍ୟସଭା ମହାସଚିବ ପି.ସି.ମୋଦିଙ୍କୁ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରିଛନ୍ତି। ପ୍ରକ୍ରିୟା ଅନୁସାରେ ଲୋକସଭା ମହାସଚିବ ହୁଅନ୍ତୁ କି ରାଜ୍ୟସଭା ସେମାନଙ୍କୁ ପାଳି ଅନୁସାରେ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଏ। ଗତ ଉପରାଷ୍ଟ୍ରପତି ନିର୍ବାଚନ କାଳରେ ଲୋକସଭା ମହାସଚିବ ନିର୍ବାଚନ ଅଧିକାରୀ ଥିଲେ। ସେହି ଅନୁସାରେ ଏଥର ନିର୍ବାଚନ ବେଳକୁ ରାଜ୍ୟସଭା ମହାସଚିବଙ୍କୁ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇଥିବା ବେଳେ ଅତୀତରେ ତାଙ୍କୁ ନେଇ ହୋଇଥିବା କିଛି ବିବାଦୀୟ ଘଟଣା ଏବେ ସାମ୍ନାକୁ ଆସୁଛି। ଏହି ସବୁ ଘଟଣା ପି.ସି.ମୋଦି ନିର୍ବାଚନ ଅଧିକାରୀ ନିଯୁକ୍ତ ହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ରେଳଯାତ୍ରୀଙ୍କୁ ୮୦ ଟଙ୍କାରେ ମିଳିବ ଶାକାହାରୀ ଖାଦ୍ୟ



**ନୂଆଦିଲ୍ଲୀ,୨୬।୭:** ରେଳଯାତ୍ରୀଙ୍କୁ ଏବେ ଯାତ୍ରା ସମୟରେ କେବଳ ଆରାମଦାୟକ ଯାତ୍ରା ନୁହେଁ, ବରଂ ସ୍ୱାଦିଷ୍ଟ, ସ୍ୱଚ୍ଛ ଏବଂ ଶସ୍ତା ଖାଦ୍ୟ ମଧ୍ୟ ମିଳିବ। ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଇଣ୍ଡିଆନ ରେଳବେ କ୍ୟାଟେରିଂ ଆଣ୍ଡ ଟୁରିଜିମ କର୍ପୋରେସନ (ଆଇଆରସିଟିସି) ଟଚଷ୍ଟୋନ ଫାଉଣ୍ଡେସନ (ଅକ୍ଷୟ ପାତ୍ର କିଚେନ) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି।ଏହି ଚୁକ୍ତି ଅନୁସାରେ, ଏବେ ଯାତ୍ରୀମାନେ ମାତ୍ର ୮୦ ଟଙ୍କାରେ ପୁଷ୍ଟିକର ଓ ଶୁଦ୍ଧ ଶାକାହାରୀ ଖାଦ୍ୟ ପାଇପାରିବେ। ଏହି ପଦକ୍ଷେପ ବିଶେଷ କରି ସେହି ଯାତ୍ରୀମାନଙ୍କ ପାଇଁ ଆଶ୍ୱାସନା ସଂଦେଶ ଅଟେ, ଯେଉଁମାନେ ରେଳ ଯାତ୍ରା ସମୟରେ ଉଚ୍ଚମାନର ଓ ଭରସାଯୋଗ୍ୟ ଖାଦ୍ୟର ଖୋଜ କରିଥାନ୍ତି।ଏହି ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷର ଆଇଆରସିଟିସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ଜୈନଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଛି। ଏହି ଅବସରରେ ସେ କହିଛନ୍ତି, "ଆମର ଉଦ୍ୟମ ହେଉଛି ରେଳଯାତ୍ରାକୁ ପ୍ରତ୍ୟେକ ସ୍ତରରେ ଉନ୍ନତ କରିବା — ସେ ସମୟାନୁବର୍ତ୍ତୀତା ହେଉ, ସ୍ୱଚ୍ଛତା ହେଉ କିମ୍ବା ଖାଦ୍ୟର ଗୁଣବତ୍ତା।"ଅକ୍ଷୟ ପାତ୍ର କିଚେନର ଭାଗୀଦାରୀ: ଟଚଷ୍ଟୋନ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଅକ୍ଷୟ ପାତ୍ର କିଚେନ ଏହି ଯୋଜନାରେ ସହଯୋଗ କରୁଛି। ଏହି ପଦକ୍ଷେପ କେବଳ ଏକ ଖାଦ୍ୟ ଯୋଜନା ନୁହେଁ, ବରଂ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ, ସନ୍ତୁଳିତ ଖାଦ୍ୟ ଏବଂ ଯାତ୍ରା ଅନୁଭବକୁ ଉନ୍ନତ କରିବା ଦିଗରେ ଏକ ଦୃଢ଼ ପ୍ରୟାସ। ରେଳ ମନ୍ତ୍ରଣାଳୟ ଓ ଆଇଆରସିଟିସିର ଏହି ସହଭାଗୀତା ଆଗାମୀ ସମୟରେ ଅନେକ ଷ୍ଟେସନରେ କାର୍ଯ୍ୟକାରୀ ହେବ, ଯାହାଦ୍ୱାରା ଲକ୍ଷାଧିକ ଯାତ୍ରୀ ସିଧାସଳଖ ଲାଭ ପାଇବେ।

## ଏଣିକି ସାମ୍ବାଦିକଙ୍କୁ ମାସିକ ୧୫ ହଜାର ପେନସନ୍



**ପାଟନା,୨୬।୭:** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନୀତିଶ କୁମାରଙ୍କ ବଡ଼ ଘୋଷଣା । ସାମ୍ବାଦିକଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି । ଏଣିକି ମାସକୁ ସାମ୍ବାଦିକଙ୍କୁ ମିଳିବ ୧୫ ହଜାର ପେନସନ୍ । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିଜେ ଏହାର ସୂଚନା X ଆକାଉଣ୍ଟରେ ଦେଇଛନ୍ତି । ବିହାର ସାମ୍ବାଦିକ ସମ୍ମାନ ଯୋଜନା ଅଧୀନରେ ରାଜ୍ୟର ଯୋଗ୍ୟ ସାମ୍ବାଦିକମାନଙ୍କୁ ମାସିକ ୧୫ ହଜାର ଟଙ୍କାର ପେନସନ ପ୍ରଦାନ କରାଯିବ । ଏହି ପଦକ୍ଷେପ ସାମ୍ବାଦିକତା କ୍ଷେତ୍ରରେ ଦୀର୍ଘ ଦିନ ଧରି ସେବା କରିଥିବା ବ୍ୟକ୍ତିମାନଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟରେ କରାଯାଇଛି । ବରିଷ୍ଠ ସାମ୍ବାଦିକମାନଙ୍କୁ ସେମାନଙ୍କ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସହାୟତା ପ୍ରଦାନ କରିବା ଏହାର ମୂଳ ଲକ୍ଷ୍ୟ। ଦୀର୍ଘବର୍ଷ ଧରି ଗଣତନ୍ତ୍ରର ରକ୍ଷା କରୁଥିବା ସାମ୍ବାଦିକମାନେ ଏହି ଯୋଜନାର ଲାଭ ପାଇବେ । ସାମ୍ବାଦିକଙ୍କ ଖାତାକୁ ସିଧାସଳଖ ଟଙ୍କା ଯିବ ବୋଲି କୁହାଯାଇଛି । ଖାଲି ଏତିକି ନୁହେଁ ବରଂ ଯଦି ଜଣେ ପେନସନଭୋଗୀ ସାମ୍ବାଦିକଙ୍କର ଦେହାନ୍ତ ହୁଏ, ତେବେ ତାଙ୍କ ପତ୍ନୀଙ୍କୁ ପାରିବାରିକ ପେନସନ ଭାବରେ ମାସିକ ୧୦ ହଜାର ଟଙ୍କା ପେନସନ୍ ମିଳିବ ।

## ବାଟବଣା ଗୁଗଲ୍ ମ୍ୟାପ୍ସ, ଖାଇରେ ଖସିପଡ଼ିଲା କାର

ନାଭି ମୁମ୍ବାଇ: ଶୁକ୍ରବାର ମଧ୍ୟରାତ୍ରୀରେ ନାଭି ମୁମ୍ବାଇର ବେଲାପୁର ଅଞ୍ଚଳରେ ଏକ ଅଡି କାର ଗୁଗଲ୍ ମ୍ୟାପ୍ସ ନିର୍ଦ୍ଦେଶ ଅନୁସରଣ କରି ଏକ ଖାଇରେ ଖସିପଡ଼ିଥିବାର ଖବର ମିଳିଛି। ଘଟଣାଟି ରାତି ପ୍ରାୟ ୧ଟା ସମୟରେ ଘଟିଥିଲା, ଯେତେବେଳେ ଜଣେ ମହିଳା ବେଲାପୁରରୁ ଉଲୱେ ଅଭିମୁଖେ ଯାତ୍ରା କରୁଥିଲେ। ସୂଚନା ଅନୁଯାୟୀ, ଗୁଗଲ୍ ମ୍ୟାପ୍ସ ତାଙ୍କୁ ବେଲାପୁରରେ ଥିବା ବେ ବ୍ରିଜ୍ ଉପରେ ଯିବା ପରିବର୍ତ୍ତେ ବ୍ରିଜ୍ ତଳେ ଥିବା ଏକ ରାସ୍ତା ଦେଇ ଧ୍ରୁବତାରା ଜେଟି ଆଡ଼କୁ ନେଇଥିଲା। ଏହି ରାସ୍ତା ଅନୁସରଣ କରି ମହିଳା ଜଣଙ୍କ ଗାଡି ଚଲାଉଥିବାରୁ ତାଙ୍କ ଗାଡ଼ି ସିଧାସଳଖ ଯାଇ ଏକ ଖାଇରେ ଖସିପଡ଼ିଥିଲା। ସୌଭାଗ୍ୟବଶତଃ, ନିକଟସ୍ଥ ମେରାଇନ୍ ସିକ୍ୟୁରିଟି ଫୋର୍ସ ଏହି ଘଟଣା ଦେଖି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସହକାରୀ ପୁଲିସ ଇନ୍ସପେକ୍ଟର ନାରାୟଣ ପାଲମପାଲେ କହିଛନ୍ତି, "ରାତି ପ୍ରାୟ ୧ଟା ସମୟରେ ଆମକୁ ବେଲାପୁର ଖାଇରେ ଏକ ଅଡି ଗାଡ଼ି ଖସିପଡ଼ିଥିବା ସୂଚନା ମିଳିଥିଲା। ଆମ ଟିମ୍ ମେରାଇନ୍ ସିକ୍ୟୁରିଟି ଗାର୍ଡ ଓ ସ୍ଥାନୀୟ ପୁଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ଜାଣିପାରିଥିଲୁ ଯେ ମହିଳା ଜଣଙ୍କ ଗୁଗଲ୍ ମ୍ୟାପ୍ସ ଅନୁସରଣ କରି ଉଲୱେ ଯାଉଥିଲେ। ଏହି କାରଣରୁ ବ୍ରିଜ୍ ଉପରେ ଯିବା ପରିବର୍ତ୍ତେ ତାଙ୍କ ଗାଡ଼ି ତଳେ ରାସ୍ତା ଦେଇ ଖାଇରେ ପଡ଼ିଯାଇଥିଲା।" ମେରାଇନ୍ ସିକ୍ୟୁରିଟି ଟିମର ନୌକା ସାହାଯ୍ୟରେ ମହିଳା ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଦୁର୍ଘଟଣାରେ ତାଙ୍କୁ କୌଣସି ଆଘାତ ଲାଗି ନଥିବା ବେଳେ ତାଙ୍କୁ ସୁରକ୍ଷିତ ଭାବେ ଘରକୁ ପଠାଯାଇଥିଲା। ପରେ ଏକ କ୍ରେନ୍ ସାହାଯ୍ୟରେ ଗାଡ଼ିଟିକୁ ଖାଇରୁ ବାହାର କରାଯାଇଥିଲା। ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ କ୍ରେନ୍ ସାହାଯ୍ୟରେ ଧଳା ରଙ୍ଗର ଅଡି କାରକୁ ବାହାର କରାଯାଉଥିବା ଦେଖାଯାଇଛି। ସେହିଭଳି ଗତକାଲି ରାତିରେ ଉତ୍ତର ପ୍ରଦେଶର ଅମରୋହା ଜିଲ୍ଲାରେ ଚାରିଜଣ ଯୁବକ ଗୁଗଲ୍ ମ୍ୟପ୍ସ ଦେଖି ଘରକୁ ଫେରୁଥିବା ସମୟରେ ଭୁଲରେ ଏକ ଗାଁରେ ପଶିଯାଇଥିଲେ। ତେବେ ଗ୍ରାମିଣ ଇଲାକାରେ ସେମାନେ ରାସ୍ତା ନେଇ ଲୋକଙ୍କୁ ପ୍ରଶ୍ନ କରିଥିଲେ। ହେଲେ ଏତେ ରାତିରେ ଗାଁ ଇଲାକାରେ ଚାରିଜଣ ଯୁବକଙ୍କୁ ଦେଖି ସନ୍ଦେହ ପ୍ରକାଶ କରିଥିଲେ। ଏହାପରେ କାରକୁ ଅଟକାଇ ଚାରିଜଣ ଯୁବକଙ୍କୁ ନିର୍ଘୁମ ଛେଚିଥିଲେ। ପରେ ଅବଶ୍ୟ ସତକଥା ଜଣାପଡିଥିଲା। ହେଲେ ମାଡ ଯୋଗୁଁ ଦୁଇ ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ଥାନିୟ ଡାକ୍ତରଖାନାରେ ଭର୍ତ୍ତୀ କରାଯାଇଥିଲା। ଏହା ପ୍ରଥମ ଘଟଣା ନୁହେଁ ଯେଉଁଠାରେ ଗୁଗଲ୍ ମ୍ୟାପ୍ସ ନିର୍ଦ୍ଦେଶ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି। ଗତ ବର୍ଷ ଉତ୍ତର ପ୍ରଦେଶର ବଦାୟୁଁ ଜିଲ୍ଲାରେ ସମାନ କାରଣ ପାଇଁ ତିନି ଜଣଙ୍କ ମୃତ୍ୟୁ ହୋଇଥିଲା। ଖବର ମୁତାବକ ସେମାନଙ୍କ ଗାଡ଼ି ଗୁଗଲ୍ ମ୍ୟାପ୍ସ ନିର୍ଦ୍ଦେଶ ଅନୁସାରେ ଏକ ଭଙ୍ଗା ବ୍ରିଜ୍ ଉପରେ ଯାଇ ୫୦ ଫୁଟ ତଳେ ଥିବା ନଦୀରେ ଖସିପଡ଼ିଥିଲା। ଅନ୍ୟ ଏକ ଘଟଣାରେ, କେରଳରୁ ହାଇଦ୍ରାବାଦକୁ ଆସୁଥିବା ପର୍ଯ୍ୟଟକମାନେ ଗୁଗଲ୍ ମ୍ୟାପ୍ସ ଅନୁସରଣ କରି ଏକ ନଦୀ ଭିତରେ ପଶି ଯାଇଥିଲେ।



## ଚେତାଶୂନ୍ୟ ଯୁବତୀଙ୍କୁ ଆମ୍ବୁଲାନ୍ସରେ ନେବା ସମୟରେ ଗଣବଳାତ୍କାର

**ପାଟନା,୨୬।୭:** ବିହାରର ଗୟାଜୀ ଜିଲାରୁ ଏକ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଗତ ଗୁରୁବାର ହୋମଗାର୍ଡ ନିଯୁକ୍ତି ଦୌଡ଼ ସମୟରେ ଜଣେ ମହିଳା ପ୍ରାର୍ଥୀ ଚେତାଶୂନ୍ୟ ହୋଇଯାଇଥିଲେ। ଏହା ପରେ ତାଙ୍କୁ ହସ୍ପିଟାଲ ନେବା ସମୟରେ ଆମ୍ବୁଲାନ୍ସ ଡ୍ରାଇଭର ଏବଂ ଟେକ୍ନିସିଆନ ମିଶି ରାସ୍ତାରେ ଯବତୀଙ୍କୁ ଗଣବଳାତ୍କାର କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପୋଲିସ ଶନିବାର ଆମ୍ବୁଲାନ୍ସ ଡ୍ରାଇଭର ଏବଂ ଟେକ୍ନିସିଆନ୍‌ଙ୍କୁ ଗିରଫ କରିଛି। ଯୁବତୀ ଜଣକ BMP-3ରେ ହୋମଗାର୍ଡ ନିଯୁକ୍ତି ପାଇଁ ଦୌଡ଼ ପରୀକ୍ଷା ଦେବାକୁ ଗୟାଜୀ ଆସିଥିଲେ। ଏହି ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେହି ସମୟରେ ଦୁଇ ଜଣ ଯୁବକ ଆମ୍ବୁଲାନ୍ସରେ ତାଙ୍କୁ ଗଣବଳାତ୍କାର କରିଥିଲେ। ହସ୍ପିଟାଲରେ ପହଞ୍ଚିବା ପରେ ଯେତେବେଳେ ତାଙ୍କ ଚେତା ଫେରିଲା, ସେ ହସ୍ପିଟାଲର ଡାକ୍ତରଙ୍କୁ ବଳାତ୍କାର ବିଷୟରେ ଜଣାଇଥିଲେ। ଯୁବତୀ ଜଣକ କହିଛନ୍ତି, ଆମ୍ବୁଲାନ୍ସ ଡ୍ରାଇଭର ଏବଂ ଟେକ୍ନିସିଆନ ବାଟରେ ତାଙ୍କୁ ବଳାତ୍କାର କରିଥିଲେ। ଡାକ୍ତରଙ୍କ ସୂଚନା କ୍ରମେ, ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା ଏବଂ ଯୁବତୀ ଜଣଙ୍କର ପରୀକ୍ଷା କରାଯାଇଥିଲା। ଏହା ପରେ ଘଟଣା ବିଷୟରେ ପୋଲିସକୁ ସୂଚନା ଦିଆଯାଇଥିଲା। ୨୬ ବର୍ଷୀୟା ପୀଡ଼ିତା ଇମାମଗଞ୍ଜ ଥାନା ଅଞ୍ଚଳର ବାସିନ୍ଦା। ସେ ପୋଲିସକୁ କହିଥିଲେ ଯେ, ଆମ୍ବୁଲାନ୍ସରେ ୩ରୁ ୪ ଜଣ ଲୋକ ଥିଲେ, ମୁଁ ବେହୋସ ଥିବା ବେଳେ ସେମାନେ ମୋ' ସହିତ ଗଣବଳାତ୍କାର କରିଥିଲେ।




## ଦେଶରେ ନିର୍ମାଣ ହେବ ୨୦୦ରୁ ଅଧିକ ଡେ-କେୟାର କ୍ୟାନ୍ସର ସେଣ୍ଟର

### ପ୍ରତି ସେଣ୍ଟର ପାଇଁ ଖର୍ଚ୍ଚ ହେବ ୧.୫ କୋଟି ଟଙ୍କା




**ନୂଆଦିଲ୍ଲୀ, ୨୬।୭:** ଆର୍ଥିକ ବର୍ଷ ୨୦୨୫-୨୬ରେ ସାରା ଦେଶରେ ୨୦୦ରୁ ଅଧିକ ଡେ-କେୟାର କ୍ୟାନ୍ସର ସେଣ୍ଟର ସ୍ଥାପନ କରାଯିବ । ଏଥି ପାଇଁ ଆବଶ୍ୟକୀୟ ମଞ୍ଜୁରି ମିଳିସାରିଛି। ଏଥିରେ ଆନ୍ଧ୍ର ପ୍ରଦେଶରେ ୧୪ଟି ସେଣ୍ଟର ସାମିଲ ଅଛି । କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଧବ ଲୋକସଭାରେ ଏହି ସୂଚନା ଦେଇଛନ୍ତି । ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଅଧିକ ରୋଗୀ ଥିବା ଜିଲ୍ଲାକୁ ପ୍ରାଥମିକତା ଦିଆଯାଇଛି । ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶରେ ଏହା ଉପରେ ପ୍ରସ୍ତାବ ପ୍ରସ୍ତୁତ କରାଯାଇଥିଲା ଓ ସମ୍ବଳର ସର୍ବୋତ୍ତର ବ୍ୟବାହର କରିବା ଓ ରିପିଟେସନ୍ ଏଡାଇବା ପାଇଁ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ସମନ୍ୱୟ ସମିତି ସେଗୁଡ଼ିକୁ ଚୂଡ଼ାନ୍ତ ରୂପ ଦେଇଛି । ଜିଲ୍ଲା ହସ୍ପିଟାଲରେ ସ୍ଥାନ ଓ ଲଜିଷ୍ଟିକ୍ସର ଉପଲବ୍ଧତା ଅନୁସାରେ ଏହି ସେଣ୍ଟରଗୁଡ଼ିକୁ ସ୍ଥାପନ କରାଯିବ । ତେବେ ଉପଯୋଗିତା ଓ ରାଜ୍ୟର ପ୍ରସ୍ତାବ ଅଧାରରେ ଅନ୍ୟ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ସେଣ୍ଟର ସ୍ଥାପନ କରାଯିବ । ଗୋଟିଏ ଡେ-କେୟାର କ୍ୟାନ୍ସର ସେଣ୍ଟର ସ୍ଥାପନା ଲାଗି ପ୍ରାୟ ୧.୪୯ କୋଟି ଟଙ୍କା ଖର୍ଚ୍ଚ ହେବ । ଅନ୍ୟପଟେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ କୋଭିଡ ଟୀକାକରଣର ହୃଦଘାତ ବିପଦ ଉପରେ କୌଣସି ପ୍ରଭାବ ପଡ଼ି ନାହିଁ । ଆଇସିଏମ୍‌ଆରର ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ କୋଭିଡ୍ ଟୀକାକରଣରୁ ଯୁବ ବୟସ୍କଙ୍କ ହଠାତ୍ ହେଉଥିବା ମୃତ୍ୟୁର ବିପଦ ବଢିନାହିଁ । ସେ ଏହା ବି ସ୍ପଷ୍ଟ କରିଛନ୍ତି ଯେ ହୃଦଘାତ ମାମଲା ସହ ଜଡ଼ିତ ଡାଟା କେନ୍ଦ୍ରୀୟ ସ୍ତରରେ ରଖାଯାଏ ନାହିଁ । ସ୍ୱାସ୍ଥ୍ୟ ରାଷ୍ଟ୍ର ମନ୍ତ୍ରୀ ପ୍ରତାପରାଓ ଯାଧବ ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ ଚଳିତ ବର୍ଷ ଜୁଲାଇ ୨୦ ସୁଦ୍ଧା ୩୦ ବର୍ଷରୁ ଅଧିକ ବୟସର ୨୫.୪୨ କୋଟି ଯୋଗ୍ୟ ମହିଳାଙ୍କ ମଧ୍ୟରୁ ୧୦.୧୮ କୋଟି ମହିଳାଙ୍କର ଗର୍ଭାଶୟ କର୍କଟ (ସର୍ଭାଇକଲ୍ କ୍ୟାନ୍ସର) ରୋଗ ପାଇଁ ସ୍କ୍ରିନିଂ କରାଯାଇଛି । ସେ କହିଛନ୍ତି ଯେ ଦେଶରେ ଗର୍ଭାଶୟ କର୍କଟ ରୋଗ ସ୍କ୍ରିନିଂର ବର୍ତ୍ତମାନର ଅନୁପାତକୁ ଉନ୍ନତ କରିବା ପାଇଁ ପ୍ରୟାସ କରାଯାଇଛି । ସେ କହିଛନ୍ତି ଯେ ଏହି ପରୀକ୍ଷା ପ୍ରତି ପାଞ୍ଚ ବର୍ଷରେ ଥରେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା କରାଯାଏ । ପିଜିଟିଭ ମାମଲାଗୁଡ଼ିକୁ ନିଦାନ ପାଇଁ ଉଚ୍ଚ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଏ ।

## ଶ୍ୱଶୁର ଘର ସମ୍ପତ୍ତି ଉପରେ ନାହିଁ ବୋହୂଙ୍କ ଅଧିକାର



**ମୁଜାଫରପୁର,୨୬।୭:** ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ, ପାଟନା ହାଇକୋର୍ଟ ବୈବାହିକ ବିବାଦ ବା ଡିଭୋର୍ସ ସହିତ ଜଡିତ ଜିଲାର ଏକ ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ ବୈବାହିକ ବିବାଦ ପରେ, ସ୍ତ୍ରୀଙ୍କର ସ୍ୱାମୀଙ୍କ ସହଭାଗୀ ଘରେ ରହିବାର ଅଧିକାର ନାହିଁ। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସ୍ତ୍ରୀଙ୍କୁ ସ୍ୱାମୀ ଦ୍ୱାରା ପ୍ରଦାନ କରାଯାଇଥିବା ବିକଳ୍ପ ବାସସ୍ଥାନରେ ରହିବାକୁ ପଡିବ। ଏହି ମାମଲା ମୁଜାଫରପୁରର ଦିଘ୍ରା ଗାଁ ସହିତ ଜଡିତ, ଯେଉଁଠାରେ ଜଣେ ମହିଳା ତାଙ୍କ ଶାଶୁ ଏବଂ ଶ୍ୱଶୁରଙ୍କ ଘରେ ରହୁଥିଲେ। ଶାଶୁ ଏବଂ ଶ୍ୱଶୁର ଏହି ସମ୍ପର୍କରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାରେ ଏକ ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ ଚାରି ସପ୍ତାହ ମଧ୍ୟରେ ବୋହୂଙ୍କୁ ସହଭାଗୀ ଘର ବା ଶ୍ୱଶୁର ଘର ଖାଲି କରିବାକୁ ପଡିବ ଏବଂ ତାଙ୍କୁ ସ୍ୱାମୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିକଳ୍ପ ଘରକୁ ଯିବାକୁ ପଡିବ। ମିଥାନପୁରା ଥାନାର ଜଗଦୀଶପୁରୀ ଲେନର ବାସିନ୍ଦା ନାନସି କଶ୍ୟପ ଡିସେମ୍ବର ୨୦୨୦ରେ ବିବାହ କରିଥିଲେ, କିନ୍ତୁ ବିବାହର କିଛି ଦିନ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ହୋଇଥିଲା ଏବଂ ସେମାନେ ଅଲଗା ରହିବା ଆରମ୍ଭ କରିଥିଲେ। ୨୦୨୨ରେ, ବୋହୂ ତାଙ୍କ ମାଆବାପାଙ୍କ ଘରକୁ ଯାଇଥିଲେ। କିନ୍ତୁ, ଫେବୃଆରୀ ୨୦୨୪ସାରେ, ସେ ହଠାତ ଏକ ପୋଲିସ ଫୋର୍ସ ଏବଂ ଅନ୍ୟମାନଙ୍କ ସହିତ ଦିଘ୍ରା ଗାଁରେ ତାଙ୍କ ସ୍ୱାମୀଙ୍କ ପୈତୃକ ଘରେ ପହଞ୍ଚିଥିଲେ, ଯାହା ପରେ ବିବାଦ ଆହୁରି ଗୁରୁତର ହୋଇଗଲା।

# କେମିଷ୍ଟମାନେ ସିସିଟିଭି ବିନା ବିକ୍ରି କରିପାରିବେନି ଔଷଧ

**ନୂଆଦିଲ୍ଲୀ, ୨୬।୭:** ଦିଲ୍ଲୀ ସରକାର ଔଷଧର ଅବୈଧ ବିକ୍ରୟ ଏବଂ ବଢୁଥିବା ନିଶା ସମସ୍ୟାକୁ ରୋକିବା ପାଇଁ ଏକ ବଡ଼ ଏବଂ କଠୋର ପଦକ୍ଷେପ ନେଇଛନ୍ତି। ରାଜଧାନୀର ପ୍ରତ୍ୟେକ ମେଡିକାଲ ଦୋକାନରେ ଏବେ ସିସିଟିଭି କ୍ୟାମେରା ଲଗାଇବା ବାଧ୍ୟତାମୂଳକ ହେବ । ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି ଯେ ୩୧ ଜୁଲାଇ ୨୦୨୫ ସୁଦ୍ଧା ଦିଲ୍ଲୀର ସମସ୍ତ ଔଷଧ ଦୋକାନରେ ନଜର ରଖିବା ପାଇଁ କ୍ୟାମେରା ଲଗାଯିବା ଉଚିତ । ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ହେଉଛି ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ଔଷଧ ଦେବା ବନ୍ଦ କରିବା ।

ଏହି ପରିପ୍ରେକ୍ଷୀରେ, ସ୍ୱାସ୍ଥ୍ୟ ବିଭାଗ ଦିଲ୍ଲୀ ଅଲ୍ କେମିଷ୍ଟ ଆସୋସିଏସନ୍ ଏବଂ ରିଟେଲ୍ ଡିଷ୍ଟ୍ରିବ୍ୟୁସନ୍ କେମିଷ୍ଟ ଆଲାଏନ୍ସକୁ ଏକ ନୋଟିସ୍ ପଠାଇଛି ଏବଂ ଏହି ନିୟମ ପାଳନ ସୁନିଶ୍ଚିତ କରିବାକୁ କହିଛି । ୧୮ ଜୁଲାଇ ୨୦୨୫ ରେ ଅନୁଷ୍ଠିତ ନାର୍କୋଟିକ୍ସ କଣ୍ଟ୍ରୋଲ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ, ଦିଲ୍ଲୀରେ ଅନେକ ମେଡିକାଲ୍ ଷ୍ଟୋର୍ ବିନା ପ୍ରେସକ୍ରିପସନ୍ ରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ନେଇ ଚିନ୍ତା ପ୍ରକାଶ କରାଯାଇଥିଲା, ଯାହା ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ନିଶା କାରବାରକୁ ପ୍ରୋତ୍ସାହିତ କରୁଛି ।

ବିଶେଷକରି ସୂଚୀ H, H1 ଏବଂ X ବର୍ଗର ଔଷଧ, ଯାହା କେବଳ ଡାକ୍ତରଙ୍କ ପରାମର୍ଶରେ ବିକ୍ରି ହେବା ଉଚିତ। କିନ୍ତୁ, ବାସ୍ତବରେ, ଅନେକ ସମୟରେ ଏହି ଔଷଧଗୁଡ଼ିକ ପ୍ରେସକ୍ରିପସନ ବିନା ସହଜରେ ଉପଲବ୍ଧ ହୁଏ । ଏହା କେବଳ ଆଇନର ଉଲ୍ଲଂଘନ କରୁନାହିଁ, ବରଂ ସମାଜରେ ନିଶା ସମସ୍ୟା ମଧ୍ୟ ବୃଦ୍ଧି ପାଉଛି ।

ସ୍ୱାସ୍ଥ୍ୟ ବିଭାଗ ବିଶ୍ୱାସ କରେ ଯେ ଔଷଧ ଦୋକାନଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବା ଦ୍ୱାରା ଔଷଧ ବିକ୍ରୟ ଉପରେ କଡ଼ା ନଜର ରଖାଯାଇପାରିବ । ଯଦି ଜଣେ ରସାୟନବିଦ ପ୍ରେସକ୍ରିପସନ ବିନା ଔଷଧ ବିକ୍ରୟ କରନ୍ତି, ତେବେ ତାହା କ୍ୟାମେରାରେ ରେକର୍ଡ ହେବ । ଏହା ଏପରି କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ କରିବ । କ୍ୟାମେରାଗୁଡ଼ିକ କେବଳ ଔଷଧର ବେଆଇନ ବିକ୍ରୟକୁ ରୋକିବାରେ ସାହାଯ୍ୟ କରିବ ନାହିଁ, ବରଂ ଔଷଧ ଦୋକାନଗୁଡ଼ିକୁ ନିୟମ ପାଳନ କରିବାକୁ ବାଧ୍ୟ କରିବ ।




ଦିଲ୍ଲୀ ସରକାର ଏହି ପଦକ୍ଷେପକୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ଏବଂ ବିଶେଷ କରି ଯୁବପିଢ଼ିଙ୍କୁ ନିଶା କାରବାରରୁ ରକ୍ଷା କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରୁଛନ୍ତି। ନିଶା ନିବାରଣ ଆଜି ଏକ ଗମ୍ଭୀର ସାମାଜିକ ସମସ୍ୟା ପାଲଟିଛି । ଅନେକ ସମୟରେ ନିଶା ପାଇଁ ଅଧିକ ପରିମାଣର ଔଷଧ ବ୍ୟବହାର କରାଯାଉଛି, ଯାହା ଯୁବପିଢ଼ିଙ୍କ ଭବିଷ୍ୟତକୁ ବିପଦରେ ପକାଉଛି । ସରକାରଙ୍କ ଏହି ପଦକ୍ଷେପ କେବଳ ଆଇନ ପାଳନକୁ ସୁନିଶ୍ଚିତ କରିବ ନାହିଁ, ବରଂ ସମାଜକୁ ନିଶା କାରବାର କୁପ୍ରଭାବରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିବ ।

ଏଥି ସହ ଜାଣିରଖନ୍ତୁ ଯେ, ଦିଲ୍ଲୀ ସରକାର ଏହି ନିର୍ଦ୍ଦେଶ ପାଳନ କରିବା ପାଇଁ ମେଡିକାଲ ଷ୍ଟୋରଗୁଡ଼ିକୁ ଏକ କଡ଼ା ସମୟସୀମା ଧାର୍ଯ୍ୟ କରିଛନ୍ତି । ସମସ୍ତ ଔଷଧ ଦୋକାନକୁ ଜୁଲାଇ ୩୧, ୨୦୨୫ ସୁଦ୍ଧା ସିସିଟିଭି କ୍ୟାମେରା ଲଗାଇବାକୁ ପଡିବ । ଯଦି କେହି ଏହି ନିୟମ ଭଙ୍ଗ କରନ୍ତି କିମ୍ବା ସମୟସୀମା ପରେ ମଧ୍ୟ କ୍ୟାମେରା ଲଗାନ୍ତି ନାହିଁ, ତେବେ ତାଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ।

ଦିଲ୍ଲୀ ସରକାରଙ୍କ ଏହି ନିଷ୍ପତ୍ତି କେବଳ ରାଜଧାନୀ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଏକ ଉଦାହରଣ ହୋଇପାରିବ । ଯଦି ଏହି ପଦକ୍ଷେପ ସଫଳ ହୁଏ, ତେବେ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏହାକୁ ଗ୍ରହଣ କରି ପାରିବେ। ଏହା କେବଳ ଔଷଧର ଅବୈଧ ବିକ୍ରୟକୁ ବନ୍ଦ କରିବ ନାହିଁ ବରଂ ନିଶା କାରବାର ସମସ୍ୟାକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ । ଦିଲ୍ଲୀର ଲୋକମାନେ ଏବଂ ମେଡିକାଲ ଷ୍ଟୋର ପରିଚାଳନାକାରୀମାନଙ୍କୁ ଏବେ ଏହି ନୂଆ ନିୟମ ପାଇଁ ପ୍ରସ୍ତୁତ ହେବାକୁ ପଡିବ । ଏହି ପଦକ୍ଷେପ କଠୋର ହୋଇଥାଇପାରେ, କିନ୍ତୁ ଏହାର ଉଦ୍ଦେଶ୍ୟ ସମାଜକୁ ସୁରକ୍ଷିତ ଏବଂ ସୁସ୍ଥ କରିବା ।

### ୨୦୩୬ ଅଲିମ୍ପିକ୍ସ ଆୟୋଜନ

# ଭାରତ ପଥରେ କଣ୍ଟା ହେବ କତାର

● ଆଇଓସି ସହ ଆଲୋଚନା ଚଳାଇଛି କ୍ୟୁଓସି



**ନୂଆଦିଲ୍ଲୀ,୨୬।୭:** ଭାରତ ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ନେଇ ଆଗ୍ରହୀ ରହିଛି । ଏନେଇ ଗତବର୍ଷ ଅକ୍ଟୋବର ମାସରେ ଭାରତୀୟ ଅଲିମ୍ପିକ ଆସୋସିଏସନ୍ (ଆଇଓଏ) ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ନିକଟରେ ଆଗ୍ରହୀ ପତ୍ର ଦାଖଲ କରିଥିଲା । ଆଇଓସିର ଫ୍ୟୁଚର ହୋଷ୍ଟ କମିଶନ ସହ ଆଇଓଏ କାର୍ଯ୍ୟକର୍ତ୍ତାମାନେ ଯୋଗାଯୋଗରେ ରହିଛନ୍ତି । କିନ୍ତୁ ଏବେ କତାର ମଧ୍ୟ ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ନେଇ ଆଇଓସି ସହ ଆଲୋଚନା ଚଳାଇଛି । କତାର ଅଲିମ୍ପିକ କମିଟି (କ୍ୟୁଓସି) ପକ୍ଷରୁ ଏ ବିଷୟରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି ।

ଭାରତ ପଥରେ କତାର କଣ୍ଟା ହୋଇପାରେ । କାରଣ ପୂର୍ବରୁ କତାର ୨୦୨୨ରେ ଫିଫା ବିଶ୍ୱକପ୍ ଓ ୨୦୨୪ରେ ଏସିଆନ କପ୍ ଆୟୋଜନ କରିଥିଲା । ୨୦୩୦ରେ ଦୋହାରେ ଏସୀୟ କ୍ରୀଡ଼ା ଆୟୋଜିତ ହେବ । ତେଣୁ ଅନ୍ତର୍ଜାତୀୟ କ୍ରୀଡ଼ା ମହାକୁମ୍ଭ ଆୟୋଜନରେ କତାର ଭାରତଠୁ ବହୁ ଆଗରେ ରହିଛି । ୨୦୩୬ କ୍ରୀଡ଼ା ଆୟୋଜନ ନେଇ କେବଳ ଭାରତ ଓ କତାର ଆଗ୍ରହୀ ନାହାନ୍ତି ଇଣ୍ଡୋନେସିଆ, ତୁର୍କୀ, ଚିଲି, ସାଉଦି ଆରବ, ଦକ୍ଷିଣ କୋରିଆ, ଇଜିପ୍ଟ, ହଙ୍ଗେରୀ, ଇଟାଲୀ, ଜର୍ମାନୀ, ଇଟାଲୀ, ଡେନମାର୍କ ଓ କାନାଡ଼ା ମଧ୍ୟ ଆଗ୍ରହ ଦେଖାଇଛନ୍ତି । ମାତ୍ର ଏସିଆରୁ ୭ରୁ ଊର୍ଦ୍ଧ୍ୱ ଦେଶ କ୍ରୀଡ଼ା ଆୟୋଜନ ନେଇ ଇଚ୍ଛା ପ୍ରକାଶ କରିଛନ୍ତି । ଆଇଓଏ ସଭାପତି ପିଟି ଉଷାଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ଚଳିତ ମାସରେ ଆଇଓସି ଅଧିକାରୀଙ୍କୁ ସାକ୍ଷାତ କରିଥିଲେ । ଅହମ୍ମଦାବାଦ ଆୟୋଜକ ସହର ରହିବ । ଏ ପର୍ଯ୍ୟନ୍ତ ଯଦିଓ ବିଡ୍ ପ୍ରକ୍ରିୟା ଆରମ୍ଭ ହୋଇନି । କିନ୍ତୁ କେନ୍ଦ୍ର ସରକାର ବିଡ୍ ପ୍ରକ୍ରିୟାରେ ସାମିଲ ହେବା ନେଇ ପ୍ରସ୍ତୁତି ଚଳାଇଛନ୍ତି ।

### ମାଞ୍ଚେଷ୍ଟର ଟେଷ୍ଟରେ ଷ୍ଟୋକ୍ସଙ୍କ ଶତକ

# ଇଂଲଣ୍ଡର ବିଶାଳ ସ୍କୋର, ସ୍ଥିତି ସମ୍ଭାଳିଲେ ଗିଲ୍-ରାହୁଲ୍



**ମାଞ୍ଚେଷ୍ଟର,୨୬।୭:** ଚଳିତ ମାଞ୍ଚେଷ୍ଟର ଟେଷ୍ଟରେ ଭାରତ ବିପକ୍ଷରେ ଇଂଲଣ୍ଡ ୬୬୯ ରନରେ ଅଲଆଉଟ୍ ହୋଇଯାଇଛି। ଫଳସ୍ୱରୂପ ଦଳ ପ୍ରଥମ ଇନିଂସ ଭିତ୍ତିରେ ୩୧୧ ରନରେ ଅଗ୍ରଣୀ ଲାଭ କରିଛି। ଶନିବାର ମ୍ୟାଚ୍‌ର ଚତୁର୍ଥ ଦିନରେ ଇଂଲଣ୍ଡ ପୂର୍ବଦିନର ସ୍କୋର୍ ୫୪୪/୭ରୁ ଖେଳ ଆରମ୍ଭ କରିଥିଲା। ଦଳ ଅବଶିଷ୍ଟ ୩ ୱିକେଟ୍‌ରେ ୧୨୫ ରନ୍ ଯୋଡ଼ିପାରିଥିଲା। ଏହା ଓଲ୍ଡ୍‌ଟ୍ରାଫୋର୍ଡ ଷ୍ଟାଡିୟମରେ ଗୋଟିଏ ଇନିଂସର ଇଂଲଣ୍ଡର ସର୍ବାଧିକ ସ୍କୋର। ଏହି ଲମ୍ବା ପାରି ଖେଳିବା ପରେ ଇଂଲଣ୍ଡ ଅଷ୍ଟ୍ରେଲିଆର ୬୫୬/୮ ସ୍କୋର ସହ ସମକକ୍ଷ ହୋଇପାରିଛି। ଗତ ୧୯୬୪ରେ କଙ୍ଗାରୁ ଦଳ ଏହି ସ୍କୋର ହାସଲ କରିଥିଲା। ପୂର୍ବଦିନ ୭୭ ରନ୍‌ରେ ଅପରାଜିତ ଥିବା ଇଂଲଣ୍ଡ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସ ଆଜି ତାଙ୍କର ଶତକ ପୂରଣ କରିବା ସହ ୧୪୧ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ। ଏହା ପୂର୍ବରୁ ଗତକାଲି ଜୋ ରୁଟ୍ ୧୫୦ ରନର ଇନିଂସ ଖେଳିଥିଲେ। ଏହାଛଡ଼ା ଓପନର ବେନ୍ ଡକେଟ ୯୪, ଜ୍ୟାକ୍ କ୍ରଲି ୮୪ ଏବଂ ଓଲି ପୋପ୍ ୭୧ ରନ କରିଥିଲେ। ଏହାଛଡ଼ା ନମ୍ବର-୮ ବ୍ୟାଟ୍ସମ୍ୟାନ୍ ବ୍ରାଇଡନ୍ କାର୍ସ ଦଳ ପାଇଁ ୪୭ ରନ୍‌ର ଉପଯୋଗୀ ଇନିଂସ ମଧ୍ୟ ଖେଳିଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ଜସପ୍ରୀତ ବୁମରା ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏଁ ୱିକେଟ ନେଇଥିବା ବେଳେ ଡେବ୍ୟୁଟାଣ୍ଟ୍ ଅନସୁଲ କାମ୍ବୋଜ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଥିଲେ। ଭାରତ ଆଜି ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରି ଦଳୀୟରନ୍ ସଂଖ୍ୟା ଶୂନ ଥିବା ବେଳେ ଓପନର ଯଶସ୍ୱୀ ଜୈସ୍ୱାଲ୍ ଓ ସାଇ ସୁଦର୍ଶନଙ୍କ ୱିକେଟ୍ ହରାଇଥିଲା। କିନ୍ତୁ ଅନ୍ୟତମ ଓପନର ଲୋକେଶ ରାହୁଲ୍ ଓ ଅଧିନାୟକ ଶୁବମାନ ଗିଲ୍ ଯଥାକ୍ରମେ ୮୭ ଓ ୭୮ ରନ୍ କରି ସ୍ଥିତିକୁ ସମ୍ଭାଳିନେଇଛନ୍ତି। ଉଭୟ ୧୭୪ ରନ୍‌ର ଅବିଭାଜିତ ଭାଗୀଦାରୀ କରିସାରିଥିବା ବେଳେ ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ପ୍ରଥମ ଓଭର୍‌ର ଚତୁର୍ଥ ଓ ପଞ୍ଚମ ବଲ୍‌ରେ ଉଭୟ ଭାରତୀୟ ବ୍ୟାଟ୍ସମ୍ୟାନ୍‌ଙ୍କୁ ଆଉଟ୍ କରିଥିଲେ।

# ଟେଷ୍ଟରୁ ସନ୍ନ୍ୟାସ ନେବେ ବୁମ୍‌ରା !




**ନୂଆଦିଲ୍ଲୀ,୨୬।୭:** ଟେଷ୍ଟ କ୍ରିକେଟ୍‌ରୁ ରୋହିତ, କୋହଲିଙ୍କ ଅବସର ପରେ କ୍ରିକେଟ ପ୍ରେମୀଙ୍କୁ ଆଉ ଏକ ଝଟକା ଲାଗିବାକୁ ଯାଉଛି । ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ବୋଲର୍ ଯଶପ୍ରୀତ୍ ବୁମରାଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇପାରନ୍ତି ୟର୍କର କିଙ୍ଗ୍ ବୁମରା । ଟିମ୍ ଇଣ୍ଡିଆର ପୂର୍ବତନ ଖେଳାଳି ମହମ୍ମଦ କୈଫ୍ ଏହି ଦାବି କରିଛନ୍ତି। କାରଣ ମଧ୍ୟ କହିଛନ୍ତି । ଲର୍ଡ୍ସ ଟେଷ୍ଟରେ ବୁମରା ୭ଟି ୱିକେଟ ନେଇଥିଲେ। ହେଲେ ମଞ୍ଚେଷ୍ଟର ଟେଷ୍ଟରେ ତାଙ୍କର ପ୍ରଦର୍ଶନ ନୈରାଶଜନ ରହିଛି । ଏବେ ସୁଦ୍ଧା ବୁମରା ଏହି ଟେଷ୍ଟରେ ୧୩ଟି ୱିକେଟ ହାସଲ କରିଛନ୍ତି। ମାଞ୍ଚେଷ୍ଟର ଟେଷ୍ଟ ପ୍ରଥମ ଇନିଂସରେ ବୁମରାଙ୍କୁ ଗୋଟିଏ ସଫଳତା ମିଳିଛି । ଲୟ ପାଇବାକୁ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି । ଅନ୍‌ଫିଟ୍ ଥିବା ଦେଖିବାକୁ ମିଳିଛି । ଏବେ ପୂର୍ବତନ କ୍ରିକେଟର ମହମ୍ମଦ କୈଫ ତାଙ୍କୁ ନେଇ ଏକ ଚମକାଇଦେବା ପରି ବୟାନ ଦେଇଛନ୍ତି ।

● ବୁମରାଙ୍କ ଟେଷ୍ଟ କ୍ୟାରିୟରର ସବୁଠୁ ଖରାପ ଦିନ

# ମାଞ୍ଚେଷ୍ଟର ଟେଷ୍ଟକୁ କେବେ ଭୁଲି ପାରିବେନି



**ନୂଆଦିଲ୍ଲୀ,୨୬।୭:** ଯଶପ୍ରୀତ ବୁମରା ୨୦୧୮ରେ ଦକ୍ଷିଣ ଆଫ୍ରିକା ଗସ୍ତରୁ ଟେଷ୍ଟ ଡେବ୍ୟୁ କରିଥିଲେ । ଏହାପରେ ନିଜ ଚମକ ଛାଡ଼ି ଦୁନିଆର ଶ୍ରେଷ୍ଠ ବୋଲରଙ୍କ ମଧ୍ୟରେ ସାମିଲ ହୋଇଥିଲେ । ଆଜିର ସମୟରେ ବୁମରାଙ୍କୁ ଇଣ୍ଟରନ୍ୟାସନାଲ୍ କ୍ରିକେଟରେ ସର୍ବୋତ୍ତମ ବୋଲର ଭାବେ ବିବେଚନା କରାଯାଏ। ସବୁ ଫର୍ମାଟରେ ବ୍ୟାଟର ବୁମରାଙ୍କ ବଲ୍ ଖେଳିବାକୁ ଭୟ କରନ୍ତି। ତେବେ ମାଞ୍ଚେଷ୍ଟର ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଯାହା ହୋଇଛି, ତାହା ବୁମରାଙ୍କ କ୍ୟାରିୟରରେ କେବେ ଘଟି ନଥିଲା । ଯଶପ୍ରୀତ ବୁମରା ନିଜ ଟେଷ୍ଟ କ୍ୟାରିୟରେ ପ୍ରଥମ ଥର କୌଣସି ଇନିଂସରେ ୧୦୦ ରନ୍ ଦେଇଛନ୍ତି । ସେ ୩୩ ଓଭର ବୋଲିଂ କରି ୧୧୨ ରନ୍ ଖର୍ଚ୍ଚ କରିଛନ୍ତି । ଏହି ଇନିଂସରେ ସେ ୨ ୱିକେଟ୍ ନେଇଥିଲେ। ଏହା ପୂର୍ବରୁ ବୁମରାଙ୍କ ସବୁଠୁ ମହଙ୍ଗା ସ୍ପେଲ୍ ୯୯ ରନ୍ ଥିଲା। ଗତ ବର୍ଷ ଶେଷରେ ଅଷ୍ଟ୍ରେଲିଆ ବିପକ୍ଷରେ ବକ୍ସିଂ ଡେ ଟେଷ୍ଟରେ ବୁମରା ୨୮.୪ ଓଭରରେ ୯୯ ରନ୍ ଦେଇଥିଲେ। ଏହି ଇନିଂସରେ ସେ ଅଷ୍ଟ୍ରେଲିଆର ୪ ୱିକେଟ୍ ନେଇଥିଲେ । ଯଶପ୍ରୀତ ବୁମରା ତାଙ୍କ ଟେଷ୍ଟ କ୍ୟାରିୟରରେ କେବଳ ତୃତୀୟ ଥର ପାଇଁ ୩୦ କିମ୍ବା ତା'ଠାରୁ ଅଧିକ ଓଭର ବୋଲିଂ କରିଛନ୍ତି। ୨୦୨୧ରେ ଚେନ୍ନାଇରେ ଇଂଲଣ୍ଡ ବିପକ୍ଷରେ ସେ ୩୬ ଓଭର ବୋଲିଂ କରିଥିଲ। ମାଞ୍ଚେଷ୍ଟର ଟେଷ୍ଟର ପ୍ରଥମ ଇନିଂସରେ ସେ ୩୩ ଓଭର ବୋଲିଂ କରିଥିଲେ । ୨୦୧୮ରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟରେ ସେ ୩୦ ଓଭର ବୋଲିଂ କରିଥିଲେ ।

ମାଞ୍ଚେଷ୍ଟର ଟେଷ୍ଟ ସମୟରେ, ତାଙ୍କୁ ସିଡ଼ି ଚଢ଼ିବାରେ ମଧ୍ୟ ଅସୁବିଧା ହେଉଥିଲା । ଯଶପ୍ରୀତ ବୁମରା ଏହି ସିରିଜର ଶେଷ ମ୍ୟାଚ୍ ଖେଳୁଛନ୍ତି । ଓଭାଲରେ ହେବାକୁ ଥିବା ମ୍ୟାଚ୍ ଖେଳିବେ ନାହିଁ । ସିରିଜ୍ ଆରମ୍ଭ ହେବା ପୂର୍ବରୁ ଘୋଷଣା କରାଯାଇଥିଲା ଯେ ବୁମରା କେବଳ ତିନୋଟି ମ୍ୟାଚ୍ ଖେଳିବେ । ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଥିଲା ।

# ଭାରତୀୟ ବୋଲରଙ୍କୁ ରଗଡ଼ିଲେ ରୁଟ୍: ସଚିନଙ୍କ ପଛରେ ପହଞ୍ଚିଲେ

ମାଞ୍ଚେଷ୍ଟର୍: ମାଞ୍ଚେଷ୍ଟର୍ ଟେଷ୍ଟ ସହିତ ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି ଶୃଙ୍ଖଳାକୁ ନିଜ ନିୟନ୍ତ୍ରଣରେ ରଖିଛି ଇଂଲଣ୍ଡ। ଜୋ ରୁଟ୍ ଭାରତୀୟ ବୋଲରଙ୍କୁ ରଗଡ଼ିବା ସହିତ ଭାରତର ସମ୍ଭାବନାର ମୂଳ ଓପାଡ଼ି ଦେଇଛନ୍ତି। ଭାରତ ବିପକ୍ଷରେ ରେକର୍ଡ ଦ୍ୱାଦଶ ଶତକ ସହିତ ରୁଟ୍ (୧୫୦ ରନ୍) ଇଂଲଣ୍ଡକୁ ପ୍ରଥମ ପାଳିରେ ବିଶାଳ ଅଗ୍ରଣୀ ଦେଇଛନ୍ତି। ଭାରତର ୩୫୮ ରନ୍ ଜବାବରେ ଘରୋଇ ଦଳ ତୃତୀୟ ଦିନ ଷ୍ଟମ୍ପ ସୁଦ୍ଧା ୭ ୱିକେଟ୍‌ରେ ୫୪୪ ରନ୍ ସଂଗ୍ରହ କରି ୧୮୬ ରନ୍‌ର ନିର୍ଣ୍ଣାୟକ ଅଗ୍ରଣୀ ନେଇଛି। ରିଟାୟାର୍ଡ ହର୍ଟରୁ ଫେରି ବେନ୍ ଷ୍ଟୋକ୍ସ ୭୭* ରନ୍‌ରେ ଅପରାଜିତ ରହିଛନ୍ତି। ଶୁକ୍ରବାର ଇଂଲଣ୍ଡ ତୃତୀୟ ଦିନର ଖେଳକୁ ୨୨୫/୨ରୁ ଆରମ୍ଭ କରିଥିଲା।

### ସେପ୍ଟେମ୍ବର ୯ରୁ ୨୮ ଯାଏଁ ଏସିଆ କପ୍ ଟୁର୍ଣ୍ଣାମେଣ୍ଟ

# ୧୪ରେ ଭାରତ-ପାକିସ୍ତାନ ମ୍ୟାଚ୍




**ନୂଆଦିଲ୍ଲୀ,୨୬।୭:** ଏସିଆ କପ୍ ୨୦୨୫ ୟୁଏଇରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହେବ ଓ ସେପ୍ଟେମ୍ବର ୨୮ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି)ର ଅଧ୍ୟକ୍ଷ ମୋହସିନ ନକଭୀ ଏହି ସୂଚନା ଦେଇଛନ୍ତି । ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯିବ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ମ୍ୟାଚ୍ ହୋଇପାରେ ।

ପାକିସ୍ତାନ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ନକଭୀ ସୋସିଆଲ୍ ମିଡିଆ ପୋଷ୍ଟରେ ଲେଖିଛନ୍ତି, ମୁଁ ଖୁସି ଯେ ଏସିସି ଏସିଆ କପ୍ ୨୦୨୫ ଏବେ ଆନୁଷ୍ଠାନିକ ଭାବେ ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ଯାଏ ଖେଳାଯିବ । ଏହା ଏକ ଚମତ୍କାର ଟୁର୍ଣ୍ଣାମେଣ୍ଟ ହେବ ଓ ଆମେ ସମସ୍ତଙ୍କୁ ଏକ ଭଲ କ୍ରିକେଟ୍ ଦେଖିବାକୁ ମିଳିବ । ଖୁବଶୀଘ୍ର ଖେଳ ସୂଚୀ ଜାରି କରାଯିବ। ଉଲ୍ଲେଖଯୋଗ୍ୟ ଯେ ଏସିଆ କପ୍ ୨୦୨୫ର ଆୟୋଜନ ଭାରତକୁ ମିଳିଛି, କିନ୍ତୁ ଭାରତ-ପାକିସ୍ତାନ ମଧ୍ୟର ତିକ୍ତ ସମ୍ପର୍କ କାରଣରୁ ନ୍ୟୁଟ୍ରଲ ଭେନ୍ୟୁରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଆଗାମୀ ଏସିଆ କପ୍ ସଂସ୍କରଣରେ ଆଠଟି ଦଳ ଅଂଶଗ୍ରହଣ କରିବେ । ଏଥିରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ, ଓମାନ ଏବଂ ୟୁଏଇ ସାମିଲ ଅଛନ୍ତି । ଟୁର୍ଣ୍ଣାମେଣ୍ଟରେ ଆଠଟି ଦଳକୁ ଚାରିଟି ଲେଖାଏଁ ଦୁଇଟି ଗ୍ରୁପରେ ରଖାଯିବ। ତା'ପରେ ପ୍ରତ୍ୟେକ ଗ୍ରୁପରୁ ଶୀର୍ଷ ୨ ଦଳ ସୁପର-୪ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିବେ । ଭାରତ, ପାକିସ୍ତାନ, ୟୁଏଇ ଏବଂ ଓମାନକୁ ଗ୍ରୁପ-ଏରେ ରଖାଯାଇପାରେ। ଆଫଗାନିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ହଂକଂକୁ ଗ୍ରୁପ୍-ବିରେ ରହିପାରନ୍ତି । ଏହାରି ଭିତରେ ଏସିଆ କପ୍ ୨୦୨୫ର ସମ୍ଭାବ୍ୟ ସୂଚୀ ମଧ୍ୟ ସାମନାକୁ ଆସିଛି । ଭାରତ-ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ମୁକାବିଲା ହୋଇପାରେ ।

ଏସିଆ କପ୍ ୨୦୨୩ର ଆୟୋଜନ ପାକିସ୍ତାନ କରିଥିଲା । ତେବେ ଭାରତ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଥିଲା। ଏହାପରେ ଟୁର୍ଣ୍ଣାମେଣ୍ଟକୁ ହାଇବ୍ରିଡ୍ ମଡେଲରେ ଖେଳା ଯାଇଥିଲା । ଭାରତର ସବୁ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯାଇଥିଲା । ଭାରତ ଶ୍ରୀଲଙ୍କାକୁ ହରାଇ ଏସିଆ କପ୍ ୨୦୨୩ ଟାଇଟଲ୍ ଜିତିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋଦି...

ଦିନକୁ ଦିନ ବୃଦ୍ଧି ପାଉଛି। ସର୍ଭେରେ ସାମିଲ ଥିବା ୭୫ ପ୍ରତିଶତ ଲୋକ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜଣେ ଗଣତାନ୍ତ୍ରିକ ବିଶ୍ୱ ନେତା ଭାବେ ଗ୍ରହଣ କରିଛନ୍ତି। ୭ ପ୍ରତିଶତ ଲୋକ କୌଣସି ନିଷ୍ପତ୍ତି ନେଇପାରିନଥିବା ବେଳେ ସର୍ଭେରେ ସାମିଲ୍ ଥିବା ଲୋକଙ୍କ ମଧ୍ୟରୁ ୧୮ ପ୍ରତିଶତ ଭିନ୍ନ ମତ ପୋଷଣ କରିଥିଲେ। ତେବେ ତାଲିକାରେ ଦ୍ୱିତୀୟ ସ୍ଥାନ ପାଇବା ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗଙ୍କ ପାଇଁ ଏକ ବଡ଼ ସଫଳତା। କାରଣ ସେ ଦକ୍ଷିଣ କୋରିଆର ସର୍ବୋଚ୍ଚ ପଦବୀ ଗ୍ରହଣ କରିବାର ମାତ୍ର ଗୋଟିଏ ମାସ ହୋଇଛି। ଅନ୍ୟପକ୍ଷରେ ଦକ୍ଷିଣପନ୍ଥୀ ଭାବେ ବିବେଚିତ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମାଇଲି ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି। ତାଙ୍କ ସପକ୍ଷରେ ୫୭ ପ୍ରତିଶତ ଭୋଟ ପଡ଼ିଛି। ୬ ପ୍ରତିଶତ ଲୋକ କୌଣସି ମତ ଦେଇ ନଥିବା ବେଳେ ୩୭ ପ୍ରତିଶତ ଅଂଶଗ୍ରହଣକାରୀ ତାଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସର୍ବନିମ୍ନ ଲୋକପ୍ରିୟ ନେତାଙ୍କ ମଧ୍ୟରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଓ ଚେକ ଗଣରାଜ୍ୟ ପ୍ରଧାନମନ୍ତ୍ରୀ ପିଟ୍ର ଫିଆଲା ରହିଛନ୍ତି। ସେମାନେ କେବଳ ୧୮ ପ୍ରତିଶତ ଲୋକଙ୍କ ସମର୍ଥନ ପାଇଛନ୍ତି। ଅନ୍ୟପକ୍ଷରେ ୭୪ ପ୍ରତିଶତ ଲୋକ ସେମାନଙ୍କ ବିପକ୍ଷରେ ମତ ପୋଷଣ କରିଛନ୍ତି। ଏହାଛଡ଼ା ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ଦଶମ ସ୍ଥାନରେ ରହିଛନ୍ତି।

### ଉଦବେଗ...

ସେବା ସାଙ୍ଗକୁ ଆଇଟି ଭିତ୍ତିଭୂମି ସୃଷ୍ଟି କରାଯାଇ ମନ୍ଦିରମାଳିନୀ ସହରକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବାକୁ ଉଦ୍ୟମ କରୁଥିଲା ବିଜେଡି ସରକାର। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ସହରର ସମ୍ପ୍ରସାରଣ ଓ 'ମୋ ବସ' ରୁଟ ସହ ତାଳ ଦେଇ ସମ୍ପ୍ରସାରିତ କରିବାର ଥିଲା। ସହର ମଧ୍ୟରେ ଭିଡ଼ ବୃଦ୍ଧି ପରିବର୍ତ୍ତେ ସହରର ସମ୍ପ୍ରସାରଣ ଜରୁରୀ। ମେଟ୍ରୋ ସହର ଭଳି ଆବଶ୍ୟକତାକୁ ଉପଲବ୍ଧି କରି ବିଜେଡି ସରକାର ଆଗାମୀ ୨୦୨୭ ସୁଦ୍ଧା ପ୍ରଥମ ପର୍ଯ୍ୟାୟ କାମ ସାରିବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ଏବେ ଏହି ପ୍ରକଳ୍ପ ପାଇଁ ହୋଇଥିବା ଟେଣ୍ଡରକୁ ବାତିଲ କରିଦିଆଯାଇଛି। ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କୁ ଧୋକା ଦେଇଛି ବୋଲି ନବୀନ କହିଛନ୍ତି। ବିଜେପି ସରକାରଙ୍କ ଏହି ନିଷ୍ପତ୍ତି ସହରକୁ ଆହୁରି ୧୦ ବର୍ଷ ପଛକୁ ଠେଲିଦେବ ବୋଲି ସେ କହିଛନ୍ତି।

### ୧୪ ଦିନ...

ସାହୁ ଏସଡିଜେଏମଙ୍କ ନିକଟରେ ହାଜର ହୋଇଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ସାହୁ ନିୟମିତ ଭାବେ ନିର୍ଯାତନା ଦେଇଚାଲିଥିବାରୁ ଛାତ୍ରୀ ଜଣଙ୍କ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ ଘୋଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେହରେ ପେଟ୍ରୋଲ୍ ଢାଳି ହୋଇ ଆତ୍ମାହୁତି ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସା କରାଯାଇଥିଲେ ମଧ୍ୟ ଦୁଇ ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରାଯିବା ସହ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏହି ମାମଲାରେ ଏବେ କ୍ରାଇମ୍ ବ୍ରାଞ୍ଚ୍ ସମେତ ମୋଟ ୩ଟି ତଦନ୍ତ କମିଟି ଅନୁସନ୍ଧାନ ଚଳାଇଛନ୍ତି।

### ଫୁଲୁଛି ...

ଦିଆଯାଇଥିବା ତଥ୍ୟ ଅନୁସାରେ, କେନ୍ଦୁଝରର ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳସ୍ତର ୩୯.୧୬ ମିଟର ଥିବା ବେଳେ ଏଠାରେ ବିପଦ ସଙ୍କେତ ସ୍ତର ୩୮.୩୬ ମିଟର ରହିଛି। ତେଣୁ ଏଠାରେ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ଆଖୁଆପଦାଠାରେ ଜଳ ସ୍ତର ୧୮.୧୮ ଥିବା ବେଳେ ଏଠାରେ ନିୟମିତ ଭାବେ ଜଳ ସ୍ତର ବୃଦ୍ଧି ପାଉଛି। ଏହାଛଡ଼ା ସୁବର୍ଣ୍ଣରେଖା ନଦୀ ବାଲେଶ୍ୱରର ଜାମଶୋଳା ଘାଟଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଙ୍କେତ ୪୯.୧୬ ମିଟର ଥିବା ବେଳେ ଜଳ ସ୍ତର ୫୦.୬୪ ମିଟର ରହିଛି। ଏହାଛଡ଼ା ରାଜଘାଟଠାରେ ଜଳ ସ୍ତର ୭.୮୬ ମିଟର ରହିଛି ଓ ଏହା କ୍ରମାଗତ ଭାବେ ବଢ଼ିଚାଲିଛି। ଏଠାରେ ବିପଦ ସଙ୍କେତ ୧୦.୩୬ ମିଟର ରହିଛି। ଆସନ୍ତାକାଲି ଏଠାରେ ଜଳ ସ୍ତର ୧୧.୭ ମିଟରରେ ପହଞ୍ଚିଯିବାର ସମ୍ଭାବନା ବ୍ୟକ୍ତ କରାଯାଇଛି। ଆହୁରି ଜଳକା ନଦୀର ସ୍ତର ମଥାନୀଠାରେ ୭.୧୩ ମିଟର ରହିଛି। ଏଠାରେ ବିପଦ ସଙ୍କେତ ୭.୫୦ ମିଟର ଥିଲେ ହେଁ କ୍ରମଶଃ ସ୍ତର କମୁଥିବା ପରିଲକ୍ଷିତ ହୋଇଛି।

ସେହିପରି ଭଦ୍ରକର ଧାମନଗରରେ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଅପରାହ୍ନରେ ମନ୍ତ୍ରୀ ସିଧା ଭୁବନେଶ୍ୱରରୁ ଯାଜପୁରରେ ପହଞ୍ଚିଥିଲେ। ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଣବ କୁମାର ନାୟକ ଓ ଯାଜପୁର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁରସ୍ଥିତ ମଲ୍ଲିମାହାରା ଏସକେପ୍ ବୁଲି ଦେଖିଥିଲେ। ପରେ ପରେ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍ ଓ ପଧାନି ପଞ୍ଚାୟତର କୋଚିଲା ମୁହଁ ବୁଲି ଦେଖିଥିଲେ। ଏହାପରେ ଧୁଷୁରୀର ଧୋୟା ଅଞ୍ଚଳ ହୋଇ ଧାମନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ୍ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ବନ୍ୟା ମୁକାବିଲା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବିଶେଷକରି ବନ୍ୟା ସମୟରେ ପାନୀୟ ଜଳ ଯୋଗାଣ, ରନ୍ଧା ଖାଦ୍ୟ, ଲୋକଙ୍କୁ ସ୍ଥାନାନ୍ତର କରିବା ଉପରେ ଜୋର ଦେଇଥିଲେ। ଏଥିସହ ପଶୁଙ୍କ ପାଇଁ ଖାଦ୍ୟ ପଞ୍ଚାୟତ ଗୋଦାମ ଘରେ ମହଜୁଦ ରଖିବା ପାଇଁ ବ୍ଲକ ପ୍ରଶାସନର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ। ଏହାଛଡ଼ା ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍ ଓ ଦମକଳ ବାହିନୀଙ୍କୁ ସଜାଗ ରହିବା ଲାଗି କୁହାଯାଇଛି। କୌଣସି ପରିସ୍ଥିତିରେ ବି ଲୋକେ ଯେମିତି ସମସ୍ୟାରେ ନ ପଡ଼ିବେ, ତା' ଉପରେ ପ୍ରାଧାନ୍ୟ ଦେବାକୁ ମନ୍ତ୍ରୀ ଶ୍ରୀ ସୂରଜ ଭଦ୍ରକ ଜିଲ୍ଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଜଳସମ୍ପଦ ବିଭାଗର ରାଜ୍ୟ ବନ୍ୟା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା କାର୍ଯ୍ୟ କରୁଛି। ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଆବଶ୍ୟକ ସ୍ଥଳେ ସ୍ଥାନୀୟ ବନ୍ୟା ସ୍ଥିତି ଦେଖି ତଳିଆ ଅଞ୍ଚଳର ଲୋକଙ୍କୁ ଶୀଘ୍ର ନିରାପଦ ସ୍ଥାନକୁ ସ୍ଥାନାନ୍ତର ଓ ରିଲିଫ କାର୍ଯ୍ୟ ପରିଚାଳନା ପାଇଁ କୁହାଯାଇଛି। ଏଥିସହ ମୁଖ୍ୟଯନ୍ତ୍ରୀ ତଥା ଅବବାହିକା ପରିଚାଳକ (ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ବେସିନ୍, ମହାନଦୀ-ବ୍ରାହ୍ମଣୀ-ବୈତରଣୀ ସିଷ୍ଟମ, ବୈତରଣୀ ବେସିନ୍) କ୍ଷେତ୍ର ସ୍ତରରେ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ବନ୍ୟା ସ୍ଥିତିର ତଦାରଖ କରୁଛନ୍ତି। ଏହାଛଡ଼ା ସୁବର୍ଣ୍ଣରେଖା ଓ ବୈତରଣୀରେ ଜଳ ସ୍ତର ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗର ଦୁଇ ଜଣ ସର୍ବୋଚ୍ଚ ଯନ୍ତ୍ରୀ ଭୁବନେଶ୍ୱରରୁ ସୁବର୍ଣ୍ଣରେଖା ବେସିନ୍ ଓ ବୈତରଣୀ ବେସିନରେ ପହଞ୍ଚିଛନ୍ତି। ସେମାନେ ସମ୍ପୃକ୍ତ ବେସିନ୍‌ଗୁଡ଼ିକରେ ବନ୍ୟା ପରିଚାଳନା ଦାୟିତ୍ୱରେ ଅଛନ୍ତି।

### ଆସୁଛି...

ନେତା ଖୋଲାଖୋଲି କହିବା ଆରମ୍ଭ କରିଦେଲେ। ଏହା ଦଳ ପାଇଁ ସେ ସମୟରେ ମସ୍ତବଡ଼ ଚ୍ୟାଲେଞ୍ଜ ହୋଇଥିଲା। ପରବର୍ତ୍ତୀ ସମୟରେ ଅବଶ୍ୟ ଦେଖାଗଲା ଯେ ବିଜେଡିର ବିବେକାନୁମୋଦିତ ଭୋଟ ଅର୍ଥ ଏନଡିଏକୁ ସମର୍ଥନ। କାରଣ ୭ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୫ ଜଣ ବିଲ୍‌କୁ ସମର୍ଥନ କରିଥିଲେ, କେବଳ ମୁନ୍ନା ଖାଁ ବିରୋଧ କରିଥିଲେ ଏବଂ ଆଉ ଜଣେ ସାଂସଦ ଅନୁପସ୍ଥିତ ଥିଲେ।

ତେଣୁ ଏଥର ଯେପରି ସେଭଳି ପରିସ୍ଥିତି ସୃଷ୍ଟି ନହେବ, ସେଥିପାଇଁ ନବୀନ ଆଗୁଆ ପିଚ୍ ପ୍ରସ୍ତୁତ କରି ଗୁଗ୍‌ଲି ପାଇଁ ବିଲ୍ ଘଷୁଛନ୍ତି। ସେଥିପାଇଁ ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଦଳର ବରିଷ୍ଠ ନେତାଙ୍କ ବୈଠକରେ ନିଜର ଜଣେ ବୋଲକରା ନେତାଙ୍କ ଜରିଆରେ ଏହି ପ୍ରସଙ୍ଗକୁ ଉଠାଇଥିଲେ। ଦେଖିବାକୁ ମିଳିଥିଲା ଯେ ବୈଠକରେ ଥିବା ଅର୍ଦ୍ଧାଧିକ ନେତା ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀଙ୍କୁ ବିରୋଧ କରିବା ସପକ୍ଷରେ ମତ ଦେଇଥିଲେ। ତଥାପି ଚୂଡ଼ାନ୍ତ ନିଷ୍ପତ୍ତି ନବୀନ ନେବେ ବୋଲି କୁହାଯାଇଥିଲା। ବୋଲକରା ନେତା ସୁପ୍ରିମୋଙ୍କୁ ବୈଠକରେ କାହାର ମତ କ'ଣ ଥିଲା ସେନେଇ ଅବଗତ କରାଇଥିଲେ। ଏନଡିଏକୁ ସମର୍ଥନ କଲେ ଦଳରେ ପୁଣି ଅସନ୍ତୋଷର ନିଆଁ କୁହୁଳିବାର ଭୟ ରହିଛି। ସେପଟେ ବିରୋଧ କଲେ ବି ଦଳ ପାଇଁ ବିପଦ। ତେଣୁ ନବୀନ କେଉଁ ଷ୍ଟାଇଲରେ ସିନେମା କଲେ ତାଙ୍କ ପ୍ରତି ବିପଦ ରହିବନି କି ଦଳରେ ଅସନ୍ତୋଷ ହେବନି, ସେନେଇ ସ୍କ୍ରିପ୍ଟ ଲେଖୁଛନ୍ତି। ଏହି ସିନେମା ପାଇଁ ବୋଲକରା ନେତାମାନେ ଆର୍ଟିଷ୍ଟ ଯୋଗାଡ଼ କରିବାରେ ବ୍ୟସ୍ତ। ତେଣୁ ୱାକଫ-ଟୁର ରିମେକିଂ ଏକ ଭିନ୍ନ ଢଙ୍ଗର ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

### ନୂଆ ରୂପରେ...

ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ନିଜର କ୍ଷତିଭରଣା ପାଇଁ ଆଇନଗତ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି। ପ୍ରାୟ ୬୨୫୬ କୋଟି ଟଙ୍କାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଫେଜ-୧ କାର୍ଯ୍ୟ ସମ୍ପାଦନ ନିମନ୍ତେ ଚୁକ୍ତିବଦ୍ଧ ହୋଇଥିଲା ଦିଲ୍ଲୀ ମେଟ୍ରୋ ରେଳ ନିଗମ। ରଞ୍ଜିତ ବିଲଡକନ୍ ସଂସ୍ଥାକୁ କ୍ୟାପିଟାଲ ହସ୍ପିଟାଲ ଛକରୁ କିଟ୍ ଛକ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକୁ ୨ଟି ପର୍ଯ୍ୟାୟରେ ୧୧୮୭ କୋଟି ଟଙ୍କାର ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ମିଳିଥିଲା। ସେହିପରି ସୈଗଲ ଇଣ୍ଡିଆକୁ କିଟ୍ ଛକରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୮୯୯ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ଏହାଛଡ଼ା ସାଇଷ୍ଟ୍ରା ଏମଭିଏ କନସଲଟିଂ ଇଣ୍ଡିଆକୁ ୧୦୧୨ କୋଟି ଟଙ୍କାର, ଏମଆଇଏ କନଷ୍ଟ୍ରକ୍ସନକୁ ୭୯.୭୫ କୋଟି ଟଙ୍କାର ଓ ଆଇସିଟିକୁ ୧୩.୦୪ କୋଟି ଟଙ୍କାର ଟେଣ୍ଡର କାର୍ଯ୍ୟାଦେଶ ଦିଲ୍ଲୀ ମେଟ୍ରୋ ରେଳ ନିଗମ ପକ୍ଷରୁ ପ୍ରଦାନ କରାଯାଇଥିଲା।

ତେବେ ସୈଗଲ ଇଣ୍ଡିଆ ନିଜ ଆଡୁ ସବଲେଟ୍ ମାଧ୍ୟମରେ ସିଭିଲ୍ ୱାର୍କ ନିମନ୍ତେ ୩୦୨.୮୨ କୋଟି ଟଙ୍କାର ଟେଣ୍ଡର ଆଇଏଲଆଣ୍ଡଏଫଏସ୍ ଇଞ୍ଜିନିୟରିଂ ନାମକ ସଂସ୍ଥାକୁ ମଧ୍ୟ ଦେଇଥିଲା । ତେଣୁ ଅଚାନକ ଏହି ଟେଣ୍ଡରଗୁଡ଼ିକ ବାତିଲ ହେବାପରେ ସମ୍ପୃକ୍ତ କମ୍ପାନୀଗୁଡ଼ିକର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୈଗଲ ଇଣ୍ଡିଆ ମଧ୍ୟ ଏହି ଟେଣ୍ଡର ବାତିଲକୁ ନେଇ କଡ଼ା ଆପତ୍ତି ଉଠାଇବା ସହ କ୍ଷତିପୂରଣ ନିମନ୍ତେ ଖୁବଶୀଘ୍ର କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ସୂଚନା ଦେଇଛି।

ବିଜେଡି ସରକାର ଦ୍ୱାରା ଆରମ୍ଭ ହୋଇଥିବା ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ରାଜ୍ୟର ବିଜେପି ସରକାର ପ୍ରାରମ୍ଭିକ ପର୍ଯ୍ୟାୟରେ ସକରାତ୍ମକ ଆଭିମୁଖ୍ୟ ପୋଷଣ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏଥିରେ ସଂଶୋଧନ କରିବାର ସଙ୍କେତ ଦେଇଥିଲା । ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ଏହାକୁ ତ୍ରିଶୁଳିଆ ପରିବର୍ତ୍ତେ କଟକ ହାଇକୋର୍ଟ ଛକ ପର୍ଯ୍ୟନ୍ତ ବଢ଼ାଇବେ ବୋଲି କହିଥିଲେ । ଏଥିସହ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ଆଦି କହି ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ । ମାତ୍ର ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ମନ୍ତ୍ରିସ୍ତରୀୟ କମିଟି ଗଠନ ହୋଇ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ଅଗ୍ରଗତିକୁ ନେଇ ଆଲୋଚନା ହୋଇଥିଲା ।

ଗତ ସପ୍ତାହରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିସ୍ତରୀୟ କମିଟି ବୈଠକରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ବିକଶିତ ଓଡ଼ିଶା-୨୦୩୬କୁ ଦୃଷ୍ଟିରେ ରଖି ପ୍ରସ୍ତୁତ ନିମନ୍ତେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି । ମେଟ୍ରୋ ପ୍ରକଳ୍ପକୁ ୫ଟି ପର୍ଯ୍ୟାୟରେ ପୂରଣ କରିବାକୁ ସ୍ଥିରୀକୃତ ହୋଇ ଆସନ୍ତା ୨୦୩୬ ସୁଦ୍ଧା ୩ଟି ପର୍ଯ୍ୟାୟ (ଭୁବନେଶ୍ୱର ବିମାନ ବନ୍ଦରରୁ କଟକ, ପାହାଳରୁ ଏମସ-ଭାୟା ରସୁଲଗଡ଼ ଓ ରସୁଲଗଡ଼ରୁ ଉତ୍ତରା ଛକ ପର୍ଯ୍ୟନ୍ତ) କାର୍ଯ୍ୟ ସାରିବାକୁ ଯୋଜନା ହୋଇଛି। ସେହିପରି ୪ର୍ଥ ଓ ୫ମ ପର୍ଯ୍ୟାୟରେ ଉତ୍ତରାରୁ ପୁରୀ ଓ ଏମସରୁ ଖୋର୍ଦ୍ଧା ପର୍ଯ୍ୟନ୍ତ (୨୦୪୭ ମସିହା ସୁଦ୍ଧା) କାର୍ଯ୍ୟ ସମ୍ପାଦନ ନିମନ୍ତେ ଲକ୍ଷ୍ୟ ରହିଛି।

ଏବେ ରାଜ୍ୟ ସରକାର ଏହି ମେଟ୍ରୋ ଟ୍ରେନ ପ୍ରକଳ୍ପ ପାଇଁ ସାନି ଡିପିଆର (ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ପ୍ରସ୍ତୁତ କରିବା ସହ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପଠାଇବେ ଓ ରାଜ୍ୟ-କେନ୍ଦ୍ର ମିଳିତ ଭାଗିଦାରୀରେ ଏହି ମେଟ୍ରୋ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ କେନ୍ଦ୍ରକୁ ପ୍ରସ୍ତାବ ପଠାଯିବା ସମ୍ପର୍କରେ ସୂଚନା ଦେଇଛନ୍ତି।

### ବଲଙ୍ଗା ...

ବ୍ରାଞ୍ଚ୍ ମାମଲାରେ କୌଣସି ନିଷ୍କର୍ଷରେ ପହଞ୍ଚିବ ବୋଲି ଏସ୍‌ପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ମାମଲାରେ ନିକଟରେ ଏମ୍ସରେ ପୀଡ଼ିତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଥିବା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କ ସମ୍ପର୍କରେ କହିଛନ୍ତି ଯେ ଏବେ ପୀଡ଼ିତାଙ୍କ ଅବସ୍ଥା ଭଲ ଅଛି। ପୂର୍ବାପେକ୍ଷା ଅବସ୍ଥାରେ ଯଥେଷ୍ଟ ସୁଧାର ଆସିଛି। ଇତିମଧ୍ୟରେ ଦୁଇ ଥର ପୀଡ଼ିତାଙ୍କର ଅପରେସନ ହୋଇଛି। ସ୍କିନ୍ ବ୍ୟାଙ୍କରୁ ସ୍କିନ୍ ଗ୍ରାଫ୍ଟିଂ ମଧ୍ୟ ହୋଇଛି। ସେ ଏବେ କଥାବାର୍ତ୍ତା କରିପାରୁଛନ୍ତି। ତାଙ୍କର ଆଉ ଅକ୍ସିଜେନ୍ ସପୋର୍ଟ ମଧ୍ୟ ଦରକାର ହେଉନାହିଁ। କ୍ରାଇମବ୍ରାଞ୍ଚଠାରୁ ଡିଜି, ଆଇଜି, ଏସପି ସମସ୍ତେ ଘଟଣାକୁ ଗୁରୁତର ସହକାରେ ନେଇଛନ୍ତି। ଘଟଣାର ଜଣେମାତ୍ର ପ୍ରତ୍ୟକ୍ଷଦର୍ଶୀ ଥିବାରୁ ତଦନ୍ତ ବେଶ୍ ଆଗକୁ ଯାଇପାରିଛି। ରାଜ୍ୟ ସରକାର ନିଶ୍ଚିତ ଭାବେ ପୀଡ଼ିତାଙ୍କୁ ନ୍ୟାୟ ଦେବେ ଓ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଶ୍ରୀମତୀ ପରିଡ଼ା ଦିଲ୍ଲୀଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିକ୍ରିୟା ଦେଇ କହିଛନ୍ତି।

### ୧୦ ଲକ୍ଷର...

ଦେଇଥିଲେ। ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଥିଲା ଯେତେଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଘରେ ପ୍ରତ୍ୟେକ ସହରରେ ଓ ପ୍ରତ୍ୟେକ ଗାଁରେ ପରିମଳ ବ୍ୟବସ୍ଥା ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଦେଶର ସାମାଜିକ ଓ ଅର୍ଥନୀତି ଅଭିବୃଦ୍ଧି ଅସମ୍ଭବ ବୋଲି ସେ କହିଛନ୍ତି।

ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଗରିମା ଯୋଜନା ବିଷୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୋଜନାରେ ପରିମଳ କର୍ମୀଙ୍କୁ ଚିହ୍ନଟକରଣ ଓ ପରିଚୟ ପ୍ରଦାନ, ସୁରକ୍ଷା ଉପକରଣ ପ୍ରଦାନ, ଦକ୍ଷତା ବିକାଶ, ଆପତକାଳୀନ ପରିମଳ ସେବା ୟୁନିଟ ସ୍ଥାପନ, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉଛି। ରାଜ୍ୟର ୧୧୫ଟି ସହରର ୧୦ ହଜାରରୁ ଅଧିକ ପରିମଳ କର୍ମଚାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ କୁଶଳୀ ଓ ଅତିକୁଶଳୀ କର୍ମଚାରୀ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ଆଜିର କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଓ ଏଥିରୁ ବିଭିନ୍ନ ରାଜ୍ୟରୁ ଆସିଥିବା ପରିମଳ କର୍ମୀମାନେ ପରସ୍ପର ମଧ୍ୟରେ ଭାବ ବିନିମୟ ଓ ଅନୁଭୂତିରୁ ବହୁତ କଥା ଶିଖିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଆୟୋଜିତ ପରିମଳ କାର୍ଯ୍ୟ ସମ୍ପର୍କିତ ଆଧୁନିକ ଉପକରଣ ଓ ସୁରକ୍ଷା ଉପକରଣର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ବୁଲି ଦେଖିଛନ୍ତି। ଏଥିସହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରମୁଖ ପରିମଳ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ପ୍ରମୁଖ ପରିମଳ କର୍ମଚାରୀ ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ। ସେମାନେ ବର୍ଷ ବର୍ଷ ଧରି ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ସେବା ଯୋଗାଇଆସୁଛନ୍ତି। ଅଧିକାଂଶ ସମୟରେ ସେମାନେ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟ ମଧ୍ୟ କରୁଛନ୍ତି। ତେଣୁ ସେମାନଙ୍କ ଅଧିକାର, ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ ପରିମଳ କ୍ଷେତ୍ରରେ ଆଜି ଓଡିଶାର ଦେଶରେ ନାଁ ଅଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ସବୁ ପଦକ୍ଷେପ ନିଆଯାଉଛି, ତାକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କର ସହଯୋଗ ଦରକାର।

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ସଚିବ ଅମିତ ଯାଦବ କହିଛନ୍ତି ଯେ ଓଡ଼ିଶା ସରକାର ପରିମଳ କର୍ମଚାରୀମାନଙ୍କ କଲ୍ୟାଣ ପ୍ରତି ପ୍ରତିବଦ୍ଧ। ପରିମଳ ବ୍ୟବସ୍ଥା ଆମ ସମସ୍ତଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ସେହପରି ଅର୍ବାନ ମ୍ୟାନଜମେଣ୍ଟ ସେଣ୍ଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ମନ୍ୱିତା ବରାଡି ଓଡିଶା ସରକାରଙ୍କ ଗରିମା ଯୋଜନାକୁ ଆଜି ଦେଶର ଅନ୍ୟ ରାଜ୍ୟମାନେ ଅନୁସରଣ କରୁଛନ୍ତି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଦେଇଛନ୍ତି।

### ବିଜେଡି...

ଗଡଫାଦର ସାଜିଥିବା କୁହାଯାଉଛି।ମୋହନ ସରକାର ଦୁର୍ନୀତିଖୋରଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ ଏହାକୁ ସାକାର କରୁଛନ୍ତି ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ଜେଠୱା।

ଯେଉଁ ହାରରେ ବିଜେଡି ଅମଳର ଟିଙ୍ଗମାନେ ଜଣଙ୍କ ପରେ ଜଣେ ଧରାପଡୁଛନ୍ତି ଆଗାମୀ ଦିନରେ ଖସିଯିବାକୁ ବସିଥିବା ଆଉ କିଛି ଟିଙ୍ଗ ଧରାପଡ଼ିବେ ଓ ସେମାନଙ୍କ ସମ୍ପତ୍ତି ଅନେକଙ୍କୁ ତାଜୁବ କରିବ ବୋଲି ଆଲୋଚନା ଜୋର ଧରିଛି।

## ବିଜେପି ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ



**କେନ୍ଦ୍ରାପଡ଼ା,୨୬।୭ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ ତିନିମୁହାଣି ଛକରେ ଥିବା ସହିଦ ସ୍ତମ୍ଭ ଠାରେ କାରଗିଲ ବିଜୟ ଦିବସ ପାଳନ କରାଯାଇଛି। ଏହି ଅବସର ରେ କାରଗିଲ ଯୁଦ୍ଧରେ ସହିଦ ହେଇଥିବା ବୀର ସୈନିକ ମାନଙ୍କର ସ୍ମୃତି ଚାରଣ କରାଯାଇଥିଲା । କେନ୍ଦ୍ରାପଡ଼ା ଅବସରପ୍ରାପ୍ତ ସୈନିକ ସଂଘ ର ସଭାପତି କ୍ୟାପଟେନ ବାନାମ୍ବର ସ୍ୱାଇଁ କାରଗିଲ ଯୁଦ୍ଧ ରେ ଭାରତୀୟ ସୈନିକ ଙ୍କ ବୀରତ୍ୱର କାହାଣୀ ବର୍ଣ୍ଣନା କରିବା ସହ ସେହି ସମୟର ପରିସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ । ୨୬ ଜୁଲାଇ ୧୯୯୯ ମସିହାରେ ହୋଇଥିବା ଭାରତ ପାକିସ୍ଥାନ ଯୁଦ୍ଧ ରେ ବଳିଦାନ ଦେଇଥିବା ଦେଶର ସେହି ସୈନିକ ମାନଙ୍କର ଉଦ୍ଦେଶ୍ୟ ରେ କାରଗିଲ ବିଜୟ ଦିବସ ପାଳନ କରୁଅଛି । ଏହା ସୈନିକ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ସହ ଭାରତ ବିଜୟୀ ହେବାର ଅଜସ୍ର ଖୁସି କୁ ମଧ ପାଳନ କରାଯାଇଛି। ଏହି ଯୁଦ୍ଧରେ ୫୨୭ ଜଣ ଭାରତୀୟ ସୈନିକ ସହିଦ ହୋଇଥିଲେ।ଯୁଧ କ୍ଷେତ୍ର ର ପରିଧି ୩୦୦ କିମି ଲମ୍ବା ଥିଲେ ମଧ ସେଠାରେ କେବଳ ୨୫୦୦ ସୈନିକ ନିଯୁକ୍ତ କରାଯାଇଥିଲା। ସେଠାରେ ତାପମାନ -୧୦ ରୁ -୨୦ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରେ ଭାରତୀୟ ସୈନିକ ନିଜର ପରାକାଷ୍ଠା ସୁଦୃଢ ରଖିଥିଲେ। ଏହି ଅବସରରେ ବିଧାୟକ ଡ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, କେନ୍ଦ୍ରାପଡା ବିଧାୟିକା ପାର୍ଥନୀ ଗୀତାଞ୍ଜଳି ସେଠୀ, ଆଳି ବିଧାୟକ ପାର୍ଥ କୃଷ୍ଣ ଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ବରିଷ୍ଠ ନେତା ବୈଦନାଥ ଚାଟାର୍ଜୀ, କଳ୍ପନା ମଲ୍ଲିକ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଦୂର୍ଯ୍ୟଧନ ସାହୁ, ପୂର୍ବତନ ଜିଲ୍ଲା ସଭାପତି କିଶୋର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଉପିନ ରାଉତ ,ଅମିତାଭ ସୁଆର, ଅଭିମନ୍ୟୁ ଗୋଛାୟତ, ନେହେରୁ ସାହୁ, ବିନୋଦ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।

## ବିଜେଡିର ରକ୍ତଦାନ ଶିବିର, ୧୮୦ ୟୁନିଟ ରକ୍ତ ସଂଗୃହୀତ



**କେନ୍ଦ୍ରାପଡ଼ା,୨୬।୭ (ସଂଚାର ବ୍ୟୁରୋ):** କାରଗିଲ ବିଜୟ ଦିବସ ଉପଲକ୍ଷେ ବିଜେଡିର କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏକ ମହା ରକ୍ତଦାନ ଶିବିର କେନ୍ଦ୍ରାପଡା ଟାଉନହଲ ଠାରେ ବିଧାୟକ ଗଣେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ୍ ୧୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇ କେନ୍ଦ୍ରାପଡା ରକ୍ତ ଭଣ୍ଡାରକୁ ହସ୍ତାନ୍ତର କରାଯାଇ ଥିବା ଜଣାପଡିଛି । ବିଜେଡି ସୁପ୍ରିମୋମା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରରେ ବହୁ ନେତୃସ୍ଥାନୀୟ ବ୍ୟକ୍ତି, କର୍ମୀ ଓ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଶିବିରକୁ ସଫଳ କରାଇ ଥିବାରୁ ସଂଗଠନ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି । ବିଧାୟକ ଶ୍ରୀ ବେହେରା ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ପୌରାଧକ୍ଷା ସରିତା ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ସମାଜସେବୀ ରଂଜିତ ସାହୁ, ହିରଣ୍ୟ ପଣ୍ଡା, ପ୍ରଦିପ୍ତ ମହାନ୍ତି,ଧିରେନ ସାହୁ, ପ୍ରଦ୍ୟୁମ୍ନ ଜେନା, ପଦ୍ମ ରାଉତ, ମାନସ ପରିଡା, ସସ୍ମିତା ପାଢୀ, ଆଲେକା ସାହୁ, ରଶ୍ମିତା ସିଂହ, ମୁକ୍ତାର ଖାନ, ବିଜୟ ମଣ୍ଡଳ, ସ୍ୱାଧିନ ନାୟକ, ନିରାକାର ସ୍ୱାଇଁ, ପ୍ରଦିପ୍ତ ଜେନା ପ୍ରମୁଖ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ରହି ରକ୍ତଦାନ କରିବା ସହିତ ଅନ୍ୟ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

## ପୃଥକ୍ ଅନୁଷ୍ଠାନ ପାଳିଲେ କାର୍ଗିଲ ବିଜୟ ଦିବସ



**ସାଲେପୁର,୨୬।୭ (ସଂଚାର ବ୍ୟୁରୋ):** ଆଜି ସାଲେପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଲେପୁର ଅଞ୍ଚଳର ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଓଡ଼ିଶାର ପ୍ରଥମ କାର୍ଗିଲ୍ ଶହିଦ୍ ଗୋପିନାଥ ମହାରଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଂଘର ଉପସଭାପତି ଡ଼ଃ ଚିତରଞ୍ଜନ ପଣ୍ଡା ସହିଦ ଗୋପିନାଥ ମହାରଣାଙ୍କ ପୈତୃକ ଗ୍ରାମ ଜନାର୍ଦ୍ଦନପୁର ଠାରେ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଚରଣ ହୋତା, ଆର୍ତ୍ତତ୍ରାଣ ନନ୍ଦ, ଅଜୟ କୁମାର ବିଶ୍ୱାଳ, ପ୍ରିୟନାଥ ପରିଡ଼ା, ଶୁଭେନ୍ଦୁ କୁମାର ରଣା, ବିଜୟ ବରାଳ, ଶଶିକାନ୍ତ ଦାଶ, ଉମାକାନ୍ତ ଦାଶ, ପ୍ରଶନ୍ନ କୁମାର ମିଶ୍ର, ପ୍ରମୋଦ ସାହୁ, ଦିପକ ଦାଶ, ଅଜିତ୍ ନାଥଶର୍ମା, ଧନେଶ୍ୱର ସାମଲଙ୍କ ସମେତ ବହୁ ଅବସର ପ୍ରାପ୍ତ ସୈନିକ ମାନେ ଉପସ୍ଥିତ ଥିଲେ। ସେହିପରି ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୁପା ଆନୁକୂଲ୍ୟରେ ୨୬ତମ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ବାୟୁସେନାର ଅବସର ପ୍ରାପ୍ତ କନିଷ୍ଠ ୱାରେଣ୍ଟ୍ ଅଧିକାରୀ ପବିତ୍ର ମୋହନ ସାହୁ ଯୋଗଦେଇଥିଲେ। ବାଲୁଙ୍କେଶ୍ୱର ମନ୍ଦିରର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ନାରାୟଣ ଦାସ, ପ୍ରାକ୍ତନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସହିଦ୍ ଜବାନ୍ ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଦୀପଦାନ କରାଯାଇଥିଲା।

## ଫେରାର ଅଭିଯୁକ୍ତ କାଳିଆ ଗିରଫ



**ବ୍ରହ୍ମପୁର,୨୬।୭ (ସଂଚାର ବ୍ୟୁରୋ):** ଏମଡ଼ି ଇମରାନ ନାମକ ଜଣେ ଯୁବକଙ୍କୁ ହାଣିବା ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ବଡ଼ ବଜାର ଥାନା ପୁଲିସ । ଗିରଫ ଯୁବକ ହେଲେ ତେଲିମଶାଣି ଆପାର୍ଟମେଣ୍ଟ ନିକଟରେ ରହୁଥିବା କାଳିଆ ସାହୁ (୨୦) । ଏନେଇ ଏସଆଇ ଦୀପକ କୁମାର ଦାଶ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ରଘୁପତି ନଗର ତୃତୀୟ ଲାଇନର ଓଁମ୍ ଦାଶ, ଗ୍ରାମଦେବୀ ସାହିର ରାଜା ନାୟକଙ୍କ ସମେତ ଏକାଧିକ ଗିରଫ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୮ ତାରିଖରେ ରାଜା ନାୟକ,କାଳିଆ ସାହୁ, କୈଳାସ ସାହୁ, ନାକ ଓ ଓମ ପାଷ୍ଟଗେଟ ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ପହଞ୍ଚି ଜନୈକ ମହିଳାଙ୍କୁ କମେଣ୍ଟ କରିଥିଲେ। ସେହି ସମୟରେ ଏମଡ଼ି ଇମରାନ ପ୍ରତିବାଦ କରିଥିଲେ। ଦିନେ ଇମରାନ ଘରେ ଥିବା ବେଳେ ଉପରୋକ୍ତ ଦୁର୍ବୃତ୍ତମାନେ ତାଙ୍କ ଘରକୁ ଆସି ଆକ୍ରମଣ କରିଥିଲେ। ସେ ଗୁରୁତର ଆହତ ହୋଇଥିଲେ। ପରେ ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ

# ଜିଲ୍ଲା ପାଇଁ ଗୌରବ ଆଣିଲେ ଆଲିସା




**ନୟାଗଡ଼,୨୬।୭ (ସଂଚାର ବ୍ୟୁରୋ):** ସ୍ମାର୍ଟ ସିଟି ଭୁବନେଶ୍ୱର ଠାରେ ଓଡିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଉତ୍ସବରେ ନୟାଗଡ଼ କଲେଜ ଲେନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଆଲିସା ପ୍ରିୟଦର୍ଶିନୀ ସାହୁ ପୁରସ୍କୃତ ହୋଇ ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି।

ପ୍ରତିବର୍ଷ ପରି ଏ ବର୍ଷ ମଧ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ତାର ୬୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷ୍ୟ ସାରା ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ବିଦ୍ୟାଳୟସ୍ତରରୁ ଆରମ୍ଭ କରି କ୍ଲଷ୍ଟର, ମଣ୍ଡଳ ଓ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାଗୁଡିକରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ନେଇ ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟଠାରେ ଗତ ଜୁଲାଇ ୧୧ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷିରେ ନୟାଗଡ଼ ଜିଲ୍ଲାସ୍ତରୀୟ କନିଷ୍ଠ ବର୍ଗ କବିତା ଆବୃତ୍ତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଆଲିସା ପ୍ରିୟଦର୍ଶିନୀ ସାହୁ ଉକ୍ତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି। ଏଥିପାଇଁ ଆଜି ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମାନ୍ୟବର ସଂସ୍କୃତି, କ୍ରୀଡା ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପ୍ରଖ୍ୟାତ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ କରକମଳରେ ଆଲିସା ସମ୍ବର୍ଦ୍ଧିତ ହୋଇଛନ୍ତି।

ଶିକ୍ଷିତ ସମାଜରେ ଆଜିକାଲି ସରକାରୀ ବିଦ୍ୟାଳୟ ପ୍ରତି ମୁହଁ ଫେରାଉଥିବା ବେଳେ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରୀ ହିସାବରେ ଆଲିସାଙ୍କର ଏହି କୃତିତ୍ୱରେ ସାରା ବିଦ୍ୟାଳୟ ତଥା ଜିଲ୍ଲାରେ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

## ଜନସେବା କେନ୍ଦ୍ରରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାରିପଦା,୨୬।୭ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ଭଣ୍ଡନ ଗ୍ରାମର ଜନସେବା କେନ୍ଦ୍ରରୁ ଜନୈକ ଯୁବକର ମୃତଦେହ ଆଜି ବାଦାମ ପାହାଡ଼ ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ବଡଶିମିଳା ଗ୍ରାମର ବାସୁଦେବ ହେମ୍ବ୍ରମ (୩୧) ବାଦାମ ପାହାଡ଼ ଥାନା ଅନ୍ତର୍ଗତ ଭଣ୍ଡନ ଗ୍ରାମରେ ଜନସେବା କେନ୍ଦ୍ର ଖୋଲି ନିଜର ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଶୁକ୍ରବାର ଦିନ ରାତିରେ ଜନସେବା କେନ୍ଦ୍ର ମାଲିକ ବାସୁଦେବ ରାତିରେ ଖାଇପିଇ ସେହି ଜନସେବା କେନ୍ଦ୍ରରେ ଶୋଇଥିଲେ। ଶନିବାର ଦିନ ୯ଟା ବେଳକୁ ଗ୍ରାହକମାନେ ଆସି କବାଟ ବନ୍ଦ ଥିବା ଦେଖି ଫୋନ ଏବଂ ପଚରା ପଚିରି କରି ଉତ୍ତର ପାଇ ନ ଥିଲେ। ପରେ ଗ୍ରାମବାସୀ ବାଦାମପାହାଡ ଥାନାକୁ ଖବର ଜଣାଇଥିଲେ। ବାଦାମ ପାହାଡ଼ ପୋଲିସ ଆସି ସମସ୍ତଙ୍କ ଉପସ୍ଥିତିରେ ମୃତକଙ୍କୁ ଉଦ୍ଧାର କରିଥିଲେ । ପରେ ପରିବାର ସଦସ୍ୟଙ୍କ ଲିଖିତ ଅଭିଯୋଗ ଅନୁସାରେ ବାଦାମ ପାହାଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା କେଶ ନମ୍ବର ୧୬/୨୫ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଯାଇଛି ।

### କାର୍ଗିଲ ବିଜୟ ଦିବସ ପାଳିତ

## ବୀର ସହିଦ୍ ଶ୍ରୀନିବାସ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



**ବ୍ରହ୍ମପୁର,୨୬।୭ (ସଂଚାର ବ୍ୟୁରୋ):** କାର୍ଗିଲ ବିଜୟ ଦିବସ ଅବସରରେ ଦେଶର ସୁରକ୍ଷା ଓ ନିରାପତ୍ତା ନିମନ୍ତେ ପ୍ରାଣବଳି ଦେଇଥିବା ବୀର ଯବାନଙ୍କ ପ୍ରତି ସାରା ଦେଶ ଆଜି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ତ୍ୟାଗ, ବଳିଦାନ, ସାହସ ଓ ସୌର୍ଯ୍ୟର ଗୁଣ ଗାନ କରୁଛି। ଏହି ଅବସରରେ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସହର ତଳି ଅଞ୍ଚଳ ଜଗଦଳପୁର ଗ୍ରାମରେ ଜନ୍ମିତ ବୀର ସୁପୁତ୍ର ତଥା କାରଗିଲ ଯୁଦ୍ଧରେ ସହିଦ୍ ଶ୍ରୀନିବାସ ପାତ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କର ଅସୀମ ସାହାସ, ଦେଶ ପ୍ରୀତି ତ୍ୟାଗ ଓ ବଳିଦାନର ସ୍ମୃତି ଚାରଣ କରାଯାଇଥିଲା। ଏହି ଅବସରରେ ସହିଦ୍ ଶ୍ରୀନିବାସ ଅମର ରହେ, ଭାରତ ମାତା କି ଜୟ ଓ ବନ୍ଦେ ମାତରଂ ପ୍ରଭୃତି ସ୍ଲୋଗାନରେ ଗଗନ ପ୍ରକମ୍ପିତ ହୋଇଥଲା। ସହିଦ୍ ଶ୍ରୀନିବାସ ପାତ୍ରଙ୍କ ମାତୃଭୂମି ପ୍ରତି ନିଃସ୍ୱାର୍ଥପର ବଳିଦାନର ସ୍ୱୀକୃତି ସ୍ୱରୂପ ରେଡିଓ ଷ୍ଟେସନ ଠାରୁ ତାଙ୍କ ଗ୍ରାମ ଜଗଦଳପୁର ପର୍ଯ୍ୟନ୍ତ ସଂଯୋଗ ଥିବା ମୁଖ୍ୟ ରାସ୍ତାକୁ ସହିଦ୍ ଶ୍ରୀନିବାସ ମାର୍ଗ ରୂପେ ବିଦ୍ଧିବଦ୍ଧ ଭାବେ ଘୋଷଣା କରିବା କରିବା ନିମନ୍ତେ କମିଟି ତରଫରୁ ଦାବୀ କରାଯାଇ ଆସୁଥିଲେ ମଧ ସରକାର ଓ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ବଦଳରେ କେବଳ ଏହି ଦିବସ ଆସିଲେ ପ୍ରତିଶ୍ରୁତି ଦେଇ ଭୁଲି ଯାଉ ଥିବାରୁ କମିଟି ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି। ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଦେଶ ପ୍ରେମ ଓ ମାତୃଭୂମି ପ୍ରତି ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ସହିଦ୍ ମାନଙ୍କ ବିଷୟରେ ପର ପିଢ଼ିଙ୍କ ଜ୍ଞାତ ନିମନ୍ତେ ସେମାନଙ୍କ ବାବଦରେ ପାଠ୍ୟ ପୁସ୍ତକରେ ସ୍ଥାନ ଦିଆଯାଉ ବୋଲି କମିଟି ସଭାପତି କହିଥିଲେ। ଏହି ଅବସରରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପ ସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଟି ସୁଦେଶ ପାତ୍ର, କାର୍ଯ୍ୟାଳୟ ସଂପାଦକ ଦିଗାମ୍ବର ସାମନ୍ତରାୟ, ସହ ସଂଗଠନ ସମ୍ପାଦକ ଅଜିତ୍ ପଟ୍ଟନାୟକ,କୋଷାଧକ୍ଷ ଏମ୍ ଲାବଣ୍ୟ ପାତ୍ର, ସଂଯୋଜକ ସି ଏଚ ରାମ କୃଷ୍ଣ ଦାସ , ଉପଦେଷ୍ଟା ହରିହର ନାୟକ ପ୍ରମୁଖଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଧାରଟଙ୍କା ମାଗିବାରୁ ବ୍ୟବସାୟୀଙ୍କୁ ହତ୍ୟା ଧମକ

**ବ୍ରହ୍ମପୁର,୨୬।୭ (ସଂଚାର ବ୍ୟୁରୋ):** ଧାର ଟଙ୍କା ମାଗିବାରୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା ଧମକ ହୋଇଛି । ଏ ନେଇ ବଡ଼ ବଜାର ଥାନାରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ, ପ୍ରହଲ୍ଲାଦ ନଗର ପ୍ରଥମ ଲାଇନ ନିବାସୀ ତଥା ବ୍ୟବସାୟୀ ଏସ ରବି(୪୪)ଙ୍କ ଠାରୁ ହରଡ଼ାଖଣ୍ଡି ବଡ଼ ସାହିର ୱାଇ ଯୋଗେଶ୍ୱର ରାଓ ବ୍ୟବସାୟ ନିମନ୍ତେ କିଛି ଟଙ୍କା ମାଗିଥିଲେ । ସେହିକ୍ରମରେ ୨୦୨୨ ଏପ୍ରିଲ ୧୧ ତାରିଖରେ ରବି ଧାର ଆକାରରେ ଯୋଗେଶ୍ୱରଙ୍କୁ ଦେଢ଼ ଲକ୍ଷ ଟଙ୍କା ଦେଇଥିଲେ । ପରେ ଅର୍ଥାତ ଜୁନ ୭ରେ ପୁଣି ୮୫ହଜାର ଟଙ୍କା ଦେଇଥିଲେ। ବିଚିତ୍ର ଠାରୁ ଯୋଗେଶ୍ୱର ମୋଟ ୨ଲକ୍ଷ ୩୫ ହଜାର ଟଙ୍କା ନେଇଥିଲେ । ଟଙ୍କା ନେବାର ଦୀର୍ଘ ଦିନ ପରେ ମଧ ଫେରସ୍ତ କରିନଥିଲେ। ଟଙ୍କା ନେବା ଠାରୁ ଆଜି ପଯ୍ୟନ୍ତ ନେଇଥିବା ଟଙ୍କା ଫେରସ୍ତ କରିବା ବଦଳରେ ହତ୍ୟା ଧମକ ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ନିର୍ମାଣ ଯୁବ ମହୋତ୍ସବ-୨୦୨୫ ଉଦ୍‌ଯାପିତ




**ବାଲିଅନ୍ତା,୨୬।୭ (ସଂଚାର ବ୍ୟୁରୋ):** ବାଳକାଟୀର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନିର୍ମାଣ ଗ୍ରୁପ୍ ଅଫ୍ ଇନ୍ ଷ୍ଟିଚ୍ୟୁସନର ଚଳିତ ବର୍ଷର ନିର୍ମାଣ ଯୁବ ମହୋତ୍ସବ ୨୦୨୫ ଖୁବ୍ ଆଡମ୍ବର ସହକାରେ ଉଦଯାପିତ ହୋଇଯାଇଛି।

ନିର୍ମାଣ ଫାଉଣ୍ଡେସନ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଅଶୋକ ମହାପାତ୍ର ଯୋଗଦେଇ ଓଡ଼ିଶା ର ଚିକିତ୍ସା ବ୍ୟବସ୍ଥା ଓ ଛାତ୍ର ଛାତ୍ରୀ ମାନଙ୍କର ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱରରେ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଞ୍ଜିତ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ର, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଭବ୍ୟ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଜାତୀୟ ମୁକ୍ତ ବିଦ୍ୟାଳୟ ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁରଜିତ କୁମାର୍, ଶିକ୍ଷାବିତ୍ ବିଧୁ ଭୂଷଣ ପଟ୍ଟନାୟକ, ପୁଷ୍ପଶ୍ରୀ ମହାପାତ୍ର, କୈଳାସ ଚନ୍ଦ୍ର ମିଶ୍ର, ବାଲିଅନ୍ତାର ପୂର୍ବତନ ବିଡ଼ିଓ ଆଦିକନ୍ଦ ବେହେରା, ସମାଜସେବୀ ସୁଚିସ୍ମିତା ପୃଷ୍ଟି ଓ ନାରାୟଣ ମହାପାତ୍ର ଯୋଗଦେଇ ଶିକ୍ଷା ନୁଷ୍ଠାନ ର ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନ ର ମୁଖ୍ୟ ଶ୍ରୀଯୁକ୍ତ ସିଦ୍ଧେଶ୍ୱର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ।ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରି ଥିବା ୬୫ଜଣ ପ୍ରତିଭାଙ୍କୁ ନିର୍ମାଣ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ରେ ଅନୁଷ୍ଠିତ କ୍ଷୁଦ୍ର ନାଟିକା ମାଆ ପରି କିଏ ହେବ ଦର୍ଶକ ମାନଙ୍କୁ ଆକୃଷ୍ଟ କରିଥିଲା।

## ଲିଙ୍ଗଗତ ସମ୍ବେଦନଶୀଳତା ଓ ମହିଳାମାନଙ୍କୁ ଯୌନ ଶୋଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




**ବ୍ରହ୍ମପୁର,୨୬।୭ (ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଆଇସିସିଏନଏସଏସ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଲିଙ୍ଗଗତ ସମ୍ବେଦନଶୀଳତା ଓ ପୋକ୍ସ ଆଇନ୍ ୨୦୧୩ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ମାନସିକ ରୋଗ ବିଭାଗର ପ୍ରାଧାପିକା ଡାକ୍ତର ସ୍ୱାତୀ ମିଶ୍ର ଯୋଗ ଦେଇ ନିଜ ବକ୍ତବ୍ୟରେ ଲିଙ୍ଗଗତ ସମ୍ବେଦନଶୀଳତାର ବ୍ୟାଖ୍ୟା କରିବା ସହ ବିଭିନ୍ନ ବାସ୍ତବ ତଥ୍ୟ ଉପସ୍ଥାପନା ମାଧମରେ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଲିଙ୍ଗଗତ ସମାନତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ପ୍ରତ୍ୟକ୍ଷ ପ୍ରଶ୍ନ ଉତ୍ତର ମାଧମରେ ପ୍ରସଙ୍ଗଟିକୁ ଅତି ସରଳ ଓ ସାବଲୀଳ ଭାବରେ ଉପଲବ୍ଧ କରାଇ ଅଧିବେଶନକୁ ଅତି ଜୀବନ୍ତ କରି ପାରିଥିଲେ । ବିଶ୍ୱବିଦ୍ୟାଳୟର ଆଇ.ସି.ସି. ଅଧକ୍ଷା ଡ. ଉଷାରାଣୀ ରଥ, କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକ, ଆଇକ୍ୟୁଏସି ର ନିର୍ଦ୍ଦେଶକ ଡ. ଗୌତମ ସାବତ, ଏନ.ଏସ.ଏସ ର ପ୍ରୋଗ୍ରାମ ଅଫିସର ଡ.ପ୍ରଣତି ରଥ ପ୍ରମୁଖ ମଞ୍ଚାସୀନ ଥିଲେ । ଇଂରାଜୀ ଅଧାପିକା ଶ୍ରୀମତୀ ଚିନ୍ମୟୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଗ୍ରହ ସହକାରେ ମୁଖ୍ୟଅତିଥି ଡ. ମିଶ୍ରଙ୍କ ବକ୍ତବ୍ୟକୁ ଶୁଣିଥିଲେ ଏବଂ ଏପରି ଏକ କାର୍ଯ୍ୟକ୍ରମର ଉପଯୋଗିତା ସପକ୍ଷରେ ମତ ଦେଇଥିଲେ।

## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,୨୬।୭ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ୭୯ ତମ ସ୍ୱାଧିନତା ଦିବସ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଖୋର୍ଦ୍ଧା ଜିଲ୍ଲା ରାଜଧାନୀ ପରିସର ଭୁକ୍ତ ହୋଇ ଥିବାରୁ ଦିବସକୁ ଆକର୍ଷଣୀୟ ଭାବେ ପାଳନ କରିବା ନିମନ୍ତେ ଅଧ୍ୟକ୍ଷ ସମସ୍ତଙ୍କ ମତାମତ ଲୋଡିଥିଲେ । ପ୍ରତ୍ୟୁଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ଖୋର୍ଦ୍ଧା ପୌର ପରିଷଦ ଅଞ୍ଚଳରେ ରାମ ଧୁନ ପ୍ରଚାର କରାଯିବ । ପ୍ରାଥମିକ ବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ଫ୍ୟାନ୍ସି ଡ୍ରେସ ଓ ଚିତ୍ରାଙ୍କନ, ଉଚ୍ଚ ପ୍ରାଥମିକ, ଉଚ୍ଚ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ଓଡ଼ିଆ ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ , ସାଂସ୍କୃତିକ ଦଳ ଚୟନ ପ୍ରତିଯୋଗିତା ତା ୦୯.୦୮.୨୦୨୫ ରିଖ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ, ଖୋର୍ଦ୍ଧାଙ୍କ ଦ୍ୱାରା ଅନୁଷ୍ଠିତ ହେବ ।

ସେହିପରି ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ତା ୦୯.୦୮.୨୦୨୫ ରିଖ ମଧ୍ୟରେ ଅଧ୍ୟକ୍ଷ ପ୍ରାଣନାଥ ମହାବିଦ୍ୟାଳୟ ଖୋର୍ଦ୍ଧାଙ୍କ ଦ୍ୱାରା ଅନୁଷ୍ଠିତ ହେବ । ଖୋର୍ଦ୍ଧା ପୌର ପରିଷଦରେ ଥିବା ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ପୌର ପରିଷଦ ପକ୍ଷରୁ ମାଲ୍ୟାର୍ପଣ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ରଙ୍ଗ ଦେବା କାର୍ଯ୍ୟ କରାଯିବ । ସେହିପରି ଜିଲ୍ଲାରେ ଥିବା ସମସ୍ତ ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ମାଲ୍ୟାର୍ପଣ କରିବେ। ବ୍ଲକ୍ , ତହସିଲ ଏବଂ ବିଭିନ୍ନ ବିଦ୍ୟାଳୟ,ମହାବିଦ୍ୟାଳୟ, ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ଏବଂ ଅଧୀନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ମାଲ୍ୟାର୍ପଣ କରିବେ । ସ୍ୱାଧୀନତା ଦିବସ ଦିନ ସକାଳ ଘ ୦୭.୩୦ଟିକା ସମୟରେ ବିଭିନ୍ନ ସରକାରୀ, ବେସରକାରୀ,ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ଜିଲ୍ଲା ସ୍ତରୀୟ ମୁଖ୍ୟ ଉତ୍ସବ ବିଜେବି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପୂର୍ବାହ୍ନ ୦୯.୧୫ ମି ସମୟରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ଜାତି ଉଦ୍ଦେଶ୍ୟରେ ନିଜର ବାର୍ତ୍ତା ପ୍ରଦାନ କରିବେ । ଅଭ୍ୟାସ ପ୍ୟାରେଡ ଅଗଷ୍ଟ ୧୧,୧୨ ତାରିଖ ଅପରାହ୍ନ ୦୩ ଘଟିକା ସମୟରେ ଏବଂ ୧୩ ତାରିଖ ସକାଳ ଘ୦୮.୦୦ଟିକା ସମୟରେ ରିଜର୍ଭ ଇନ୍ସପେକ୍ଟର, ପୋଲିସଙ୍କ ତତ୍ତ୍ୱାବଧାନରେ ବିଜେବି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ । ବିଭିନ୍ନ ବିଭାଗର ଅଗ୍ରଣୀ ସରକାରୀ ଯୋଜନାର ପ୍ରଜ୍ଞାପନ ମେଢ଼ ପ୍ୟାରେଡ ପଡ଼ିଆରେ ପ୍ରଦର୍ଶନ ହେବ ।



### ପୁଣ୍ୟତୋୟା ପ୍ରାଚୀ ନଦୀର ପବିତ୍ର ବିଶ୍ୱାମିତ୍ର ଘାଟ ଚଳଚଞ୍ଚଳ

## ଜଳ ଉଠାଇଲେ ହଜାର ହଜାର କାଉଡ଼ିଆ



**କାକଟପୁର/ଅସ୍ତରଙ୍ଗ,୨୬।୭ (ସଂଚାର ବ୍ୟୁରୋ):** ପୁଣ୍ୟତୋୟା ପ୍ରାଚୀ ନଦୀର ପବିତ୍ର ବିଶ୍ୱାମିତ୍ର ଘାଟ ଶ୍ରାବଣ ମାସରେ ବେଶ ଚଳଚଞ୍ଚଳ ହୋଇ ଉଠେ। ଶ୍ରାବଣ ମାସର ତୃତୀୟ ସୋମବାର ପାଇଁ ହଜାର ହଜାର କାଉଡିଆ ଏଠାରୁ ଜଳ ଉଠାଇବାକୁ ପ୍ରବଳ ଭିଡ଼ ହୋଇଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ କାକଟପୁର ନିକଟସ୍ଥ ବିଶ୍ୱାମିତ୍ର ଘାଟରୁ ଶୁଭୁଥିଲା "ବୋଲ ବମ୍ ହର ହର ବମ୍ ", ଭୋଲା ବାବା ପାର କରେଗା", ଜଟିଆ ବାବା ପାର କରେଗା ଭଳି କାଉଡିଆ ଯଙ୍କ ଡାକରା। ସେହିଭଳି ବିଶ୍ୱାମିତ୍ର ଆଶ୍ରମ ସାମ୍ନାରେ ବାଜୁଥିଲା ଶହ ଶହ ମାଇକି ଓ ସାଉଣ୍ଡ ବକ୍ସ ଏବଂ ବିଭିନ୍ନ ଶିବ ଭଜନ ତଥା ଜଣାଣ ପରିବେଶକୁ ଅଧିକ କୋଳାହଳମୟ କରିଥିଲା।

ପୁରାଣରେ ରହିଛି ପବିତ୍ର ପ୍ରାଚୀ ନଦୀର ଗାଥା କୁହାଯାଏ ଗଙ୍ଗା ନଦୀଠାରୁ ଏହି ନଦୀ ବହୁ ପ୍ରାଚୀନ। ସେତିକି ପବିତ୍ର ବୋଲି ପ୍ରାଚୀ କୂଳରେ ରହିଛି ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ମାଧବ ଓ ଦ୍ୱାଦଶ ଶକ୍ତିପୀଠ। ସେହିଭଳି ବିଶ୍ୱାମିତ୍ର ଘାଟରେ ରହିଛନ୍ତି ଗୁପ୍ତଗଙ୍ଗା। ତେଣୁ ଗଙ୍ଗାନଦୀ ଭଳି ଏହି ନଦୀ ପବିତ୍ର ବୋଲି ବିବେଚନା କରାଯାଏ। ଏଥିପାଇଁ ଏହି ଘାଟରେ ବର୍ଷସାରା ପିଣ୍ଡଦାନ, ଅସ୍ଥି ବିସର୍ଜନ, ବିବାହ, ବ୍ରତ ଓ ମୁଣ୍ଡନ ଆଦି ବିଧି ବା ପରମ୍ପରା ପାଳିତ ହୋଇ ଆସୁଛି। ତେଣୁ ଶ୍ରାବଣ ସୋମବାରରେ ଏହି ଘାଟର ଜଳକୁ ମହାଦେବଙ୍କ ମସ୍ତକରେ ଢ଼ାଳିଲେ କୋଟି ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ ପ୍ରତିବର୍ଷ କାଉଡିଆ ମାନେ ଏଠାରୁ ଜଳ ନେଇ ବିଭିନ୍ନ ଶୈବ ପୀଠକୁ ଯାତ୍ରା କରନ୍ତି। କାଉଡିଆ ମାନେ ପ୍ରାଚୀ ଜଳରେ ସ୍ନାନ କରିବା ପରେ ବ୍ରାହ୍ମଣଙ୍କ ନିକଟରେ ବ୍ରତୀ ହୋଇଥିଲେ ଏବଂ ଜଳାଭିଷେକ ବିଧି ପାଳନ କରିଥିଲେ। ଏହା ପରେ ସେମାନେ ଜଳଭାର ବହନ କରିବିଶ୍ୱାମିତ୍ର ପୀଠର ଆରାଧ ଦେବତା ପ୍ରାଚୀ ଗଙ୍ଗେଶ୍ୱର ପୀଠ ବୁଲିଥିଲେ। ସେହିଭଳି ଜଳଭାର ବାହୁଙ୍ଗୀ କାନ୍ଧେଇ ଶ୍ରଦ୍ଧାଳୁ ମାନେ ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ପଡ଼ିଥିଲେ।

ସଂଚାର THE SANCHAR

ବିଜେପି କାର୍ଯ୍ୟାଳୟରେ କାରଗିଲ୍ ବିଜୟ ଦିବସ ପାଳିତ

# ନିରନ୍ତର କାର୍ଯ୍ୟ ପାଇଁ ପ୍ରେରିତ କରିବ ଦେଶଭକ୍ତି

## ସେବାନିବୃତ୍ତ ସେନାଧିକାରୀଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୨୬ା୭(ସଂଚାର ବ୍ୟୁରୋ):** କାରଗିଲ ଯୁଦ୍ଧ ବିଜୟ ଭାରତୀୟ ଇତିହାସର ଏକ ଅବିସ୍ମରଣୀୟ ଦିନ। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ବଢ଼ିବାର ଶିକ୍ଷା ଦେଇଛି କାରଗିଲ୍ ଯୁଦ୍ଧ। ଦୀର୍ଘ ୬୦ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ ଭାରତୀୟ ସୈନ୍ୟ ନିଜର ପରାକାଷ୍ଠା ଦେଖାଇ ଶତ୍ରୁପକ୍ଷକୁ ଧରାଶାୟୀ କରିଥିଲେ। ବିରାଟ ଷଡଯନ୍ତ୍ର ରଚିଥିବା ପଡୋଶୀ ପାକିସ୍ତାନକୁ ପରାସ୍ତ କରି ଦେଶମାତୃକାର ସେବା ପାଇଁ ଭାରତର ବୀର ସୈନିକ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ୧୯୯୯ ଜୁଲାଇ ୨୬ରେ ଦେଶର ବୀର ସୈନିକମାନେ ଏହି ଯୁଦ୍ଧରେ ବିଜୟ ଆଣି ସମସ୍ତ ଭାରତୀୟଙ୍କୁ ଗୌରବାନ୍ୱିତ କରିଥିଲେ। ତେଣୁ ଏହିଦିନଟିକୁ କାରଗିଲ ବିଜୟ ଦିବସ ଭାବେ ପାଳନ କରାଯାଉଛି।

ଆଜି ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟଠାରେ 'କାରଗିଲ ବିଜୟ ଦିବସ' ପାଳନ କରାଯାଇଛି। ଏଥିରେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ଆଜିର ଦିନଟି ଏକ ପ୍ରେରଣା ଓ ଦେଶ ଭକ୍ତି ଭାବନାର ଦିନ। ପାକିସ୍ତାନ ନିଜ ପରାଜୟ ସୁନିଶ୍ଚିତ ଥିବା ଜାଣିଥିଲେ ମଧ୍ୟ ଚୀନ ପ୍ରରୋଚନାରେ ଆକ୍ରମଣ କରିଥିଲା। କିନ୍ତୁ ଏହାକୁ ଆମ ସେନାବାହିନୀ ପଣ୍ଡ କରିଦେଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମେତ ସାରା ଦେଶବାସୀ ଭାରତୀୟ ସେନାଙ୍କ ମନୋବଳ ବଢ଼ାଇଥିଲେ। ଶକ୍ତିଶାଳୀ ଓ ସାହସୀ ଭାରତୀୟ ସେନା ପାକିସ୍ତାନର ଚକ୍ରାନ୍ତକୁ ପଣ୍ଡ କରି କାରଗିଲ୍ ଯୁଦ୍ଧରେ ପରାସ୍ତ କରିଥିଲା। କାରଗିଲ ଯୁଦ୍ଧ ବିଜୟରେ ଦେଶମାତୃକାର ସେବା କରିବା ପାଇଁ ଆମ ବୀର ଯବାନ ଦେଇଥିବା ଶୌର୍ଯ୍ୟ ଓ ବଳିଦାନ ଦେଶର ଭବିଷ୍ୟତ ପିଢ଼ିକୁ ରାଷ୍ଟ୍ରଭକ୍ତି, ଦେଶ ସେବା ଓ ସମର୍ପଣ ଭାବନା ନେଇ ନିରନ୍ତର କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମଲ କହିଛନ୍ତି।

ସେହିପରି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ କହିଛନ୍ତି ଯେ ସୈନିକଙ୍କ ପରାକାଷ୍ଠା ପାଇଁ ଆମେ କାରଗିଲ୍ ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରିପାରିଛୁ। ଯୁବପିଢ଼ି ଦେଶମାତୃକା ପାଇଁ ନିସ୍ୱାର୍ଥପର ଭାବେ କାମ କରିବା ଦରକାର। ରାଷ୍ଟ୍ର ହେଉଛି ସର୍ବୋପରି। କାରଗିଲ୍ ଯୁଦ୍ଧ ସମୟରେ ଦେଶବାସୀଙ୍କ ଉତ୍ସାହ ଓ ସମର୍ଥନ ଭାରତୀୟ ସେନାର ଆତ୍ମବଳ ଦୃଢ଼ କରିଥିଲା। ଏହାଛଡ଼ା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି ଯେ ସହିଦ ହୋଇଥିବା ସମସ୍ତ ସୈନିକଙ୍କ ପାଇଁ ସାରା ଦେଶ ଗର୍ବିତ। ଭାରତୀୟ ସେନାର ତ୍ୟାଗ, ତପସ୍ୟା ଓ ବଳିଦାନକୁ ଦେଶ ସବୁବେଳେ ମନେ ରଖିବ। ଭାରତୀୟ ଜନତା ଯୁବମୋର୍ଚ୍ଚାର ଏଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଭାରତୀୟ ସୈନିକଙ୍କ ମନୋବଳ ଦୃଢ଼ କରିବ। ଏହି ଅବସରରେ କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିସହ ସେବାନିବୃତ୍ତ ସେନାଧିକାରୀ ହାବିଲ୍‌ଦାର ସୁଶାନ୍ତ ଜେନା, ୱାରେଣ୍ଟ୍ ଅଫିସର ଜଗବନ୍ଧୁ ସାହୁ ଯୋଗଦେଇ କାରଗିଲ୍ ଯୁଦ୍ଧ ସମ୍ପର୍କରେ ଆଲୋଚନା କରିଥିବା ବେଳେ ୨୦ ଜଣ ଅବସରପ୍ରାପ୍ତ ସେନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ, ସୁବ୍ରତ ବିଶ୍ୱାଳ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୬ଜଣିଆ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗ ଗିରଫ

## ୫ ବନ୍ଧୁକ ସହ ୧୩ ଗୁଳି ଜବତ



**କଟକ,୨୬ା୭(ସଂଚାର ବ୍ୟୁରୋ):** କଟକ ପୁଲିସକୁ ଆଜି ଏକ ବଡ଼ ଧରଣର ସଫଳତା ମିଳିଛି। ୬ଜଣିଆ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗକୁ ଗିରଫ କରିଛି ମାଲଗୋଦାମ ଥାନା ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍। ଏଥିସହ ଗିରଫ ଅଭିଯୁକ୍ତମାନଙ୍କଠାରୁ ୫ଟି ବନ୍ଧୁକ ସହ ୧୩ଟି ଗୁଳି ଜବତ କରାଯାଇଛି। ଏଥିସହ ସମସ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ୍ କମିଶନର୍ ଏସ୍. ଦେବଦତ୍ତ ସିଂହ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଗତ କିଛି ଦିନ ହେବ କଟକ ସହରରେ ବେଆଇନ ବନ୍ଧୁକ କାରବାର ଚାଲୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହାପରେ ସ୍ପେସିଆଲ ସ୍କ୍ୱାଡ୍ ଓ ମାଲଗୋଦାମ ପୁଲିସ ବିଭିନ୍ନ ସ୍ଥାନରେ ଛାନଭିନ୍ ଚଳାଇଥିଲା। ଏହି ସମୟରେ ଜଣେ ବନ୍ଧୁକ ଯୋଗାଡ଼ିଆ ହାବୁଡ଼ରେ ପଡ଼ିଥିଲା। ତା'ଠାରୁ କିଛି ବନ୍ଧୁକ ଓ ଗୁଳି ଜବତ କରାଯାଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ଜେରା କରିବା ସମୟରେ ବନ୍ଧୁକ ବେପାରୀ ଗ୍ୟାଙ୍ଗ ବିଷୟରେ ଜଣାପଡ଼ିଥିଲା। ପୁଲିସ ଚଢ଼ାଉ କରି ଏବେ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗର ୬ ଜଣ ସଦସ୍ୟଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫ ବନ୍ଧୁକ, ୧୩ ଗୁଳି ଓ ୪ଟି ବାଇକ୍ ଜବତ କରାଯାଇଛି। ଏହି ଗ୍ୟାଙ୍ଗର ମୁଖ୍ୟ ଗତ ୨୦୧୯ରେ ପୁଲିସ ହାତରେ ଧରାପଡ଼ିଥିବା ନେଇ ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।



# ଚାକିରି ଦେବାକୁ କହି ଠକେଇ, ଅଭିଯୁକ୍ତ ଗିରଫ

**କଟକ,୨୬ା୭(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ ସହାୟକ ଚାକିରି ଦେବାକୁ କହି ଜନୈକା ମହିଳାଙ୍କଠାରୁ ୩ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଆଜି କଟକ ସାଇବର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଆଠଗଡ ଖୁଣ୍ଟକଟାର ସତ୍ୟଜିତ ନାୟକ (୨୪) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି କଟକର ଜନୈକା ମହିଳା ସାଇବର ଥାନାରେ ତାଙ୍କୁ ଉକ୍ତ ଯୁବକ ଠକିଥିବା ନେଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ସେ ଅଭିଯୁକ୍ତ ସତ୍ୟଜିତଙ୍କୁ ଏକ ଷ୍ଟୁଡିଓରେ ଭେଟିଥିଲେ। ସେ ଜିଲ୍ଲାପାଳଙ୍କ ଅଫିସରେ କନିଷ୍ଠ ସହାୟକ ଚାକିରି କରାଇ ଦେବାକୁ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସେ ମହିଳାଙ୍କଠାରୁ ୩ ଲକ୍ଷ ଟଙ୍କା ନେଇଥିଲେ। ପରେ ମହିଳାଙ୍କୁ ସେ ଚାକିରିରେ ଯୋଗଦାନ ବାବଦ କାଗଜ ମଧ୍ୟ ଦେଇଥିଲେ। କିନ୍ତୁ ଉକ୍ତ କାଗଜ ନେଇ ମହିଳା ଜଣଙ୍କ ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିବା ପରେ ତାହା ଜାଲ୍ ବୋଲି ଜାଣିବାକୁ ପାଇଥିଲେ। ଏନେଇ ସେ ଜିଲ୍ଲାପାଳଙ୍କ ସହ ସାଇବର ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ସତ୍ୟଜିତଙ୍କୁ ଗିରଫ କରାଯାଇଛି। ସତ୍ୟଜିତ୍ ଉକ୍ତ ମହିଳାଙ୍କ ବ୍ୟତୀତ ଆହୁରି ୮ ଜଣଙ୍କୁ ଠକିଥିବା ତଦନ୍ତ ସମୟରେ ଜଣାପଡିଥିବା ସିପିଏସ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି।

# ସାଢ଼େ ୩୧ ଲକ୍ଷ ଠକେଇ, ଅଭିନେତା ଗିରଫ



**ଭୁବନେଶ୍ୱର,୨୬ା୭(ସଂଚାର ବ୍ୟୁରୋ):** ଧାର ସୂତ୍ରରେ ନେଇଥିବା ୩୧.୫୦ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ବଡ଼ଗଡ଼ ଥାନା ପୁଲିସ ଆଜି ଜଣେ ଅଭିନେତାଙ୍କୁ ଗିରଫ କରିଛି। ଉକ୍ତ ଅଭିନେତା ଜଣଙ୍କ ହେଉଛନ୍ତି ମଞ୍ଚେଶ୍ୱର ଥାନା ପଲାଶୁଣୀରେ ରହୁଥିବା ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼ମଙ୍ଗଳପୁରର ଉଦୟନ ଅପରାଜିତ୍ (୪୦)। ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଉଦୟନ ଓଡ଼ିଆ ଆଲବମ୍ ଓ ଚଳଚ୍ଚିତ୍ର ସହ କନ୍ନଡ ଫିଲ୍ମରେ ଅଭିନୟ କରିଛନ୍ତି। ତେବେ ଠକେଇର ଶିକାର ହୋଇଥିବା ସରୋଜ କୁମାର ସାହୁଙ୍କ ଅଭିଯୋଗ ଅନୁସାରେ, ସେ ବରମୁଣ୍ଡା ଅଞ୍ଚଳରେ ନିଜ ପରିବାର ସହ ରହନ୍ତି। ଗତ ୨୦୨୧ ଅକ୍ଟୋବର ୨୬ରେ ତାଙ୍କୁ ଉଦୟନ ଦେଖା କରିବା ସହ ଷ୍ଟିଲ ପ୍ରୋଜେକ୍ଟ କାର୍ଯ୍ୟର ଉନ୍ନତିକରଣ ପାଇଁ ତାଙ୍କଠାରୁ ୩୧.୫୦ ଲକ୍ଷ ଟଙ୍କା ଧାର ସୂତ୍ରରେ ନେଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଏକ ଚୁକ୍ତି ମଧ୍ୟ ହୋଇଥିଲା। ତେବେ ଏହି ଟଙ୍କା ଫେରାଇବା ପାଇଁ ଉଦୟନ ସରୋଜଙ୍କୁ ଏକ ଚେକ୍ ଦେଇଥିଲେ ମଧ୍ୟ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ସରୋଜ ଅନେକ ଥର ଉଦୟନଙ୍କୁ ଯୋଗାଯୋଗ କରି ଟଙ୍କା ମାଗିଥିଲେ ମଧ୍ୟ ସେ ବିଭିନ୍ନ ଆଳ ଦେଖାଇଆସୁଥିଲେ। ଏପରିକି ତାଙ୍କୁ ଉଦୟନ ଧମକ ମଧ୍ୟ ଦେଇଥିଲେ। ଶେଷରେ ସରୋଜ ଗତ ଏପ୍ରିଲ ୨୧ ତାରିଖରେ ବଡ଼ଗଡ଼ ଥାନାରେ ଏକ ଏତଲା ଦେଇଥିଲେ। ପୁଲିସ୍ ୨୧୪/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଆଜି ଅଭିଯୁକ୍ତ ଉଦୟନଙ୍କୁ ଗିରଫ କରିଛି।

## ସାଙ୍ଗ ବନିଲା ସୈତାନ୍: ବିଲରେ ଫୋପାଡ଼ି ଛୁ'

**ଉଦଳା,୨୬ା୭(ସଂଚାର ବ୍ୟୁରୋ):** ସାଙ୍ଗ ବନିଲା ସୈତାନ୍। ଦୋସ୍ତିରେ ଲାଗିଲା ରକ୍ତର ଛିଟା। ଘରକୁ ଡାକି ବେକକୁ ହାଣିବା ସହ ଗୁରୁତର ଅବସ୍ଥାରେ ବିଲ ହିଡ଼ରେ ଫିଙ୍ଗି ସୈତାନ୍ ସାଙ୍ଗ ଫେରାର୍ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ରାଢ଼ୋ ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ଯତୀନ୍ଦ୍ର ପାତ୍ର ଗତକାଲି ସନ୍ଧ୍ୟା ସମୟରେ ତାଙ୍କ ଘର ପାଖରେ ବସିଥିବା ସମୟରେ ତାଙ୍କର ଜଣେ ସାଙ୍ଗ ଆସି ତାଙ୍କୁ ଘରକୁ ଡାକି ନେଇଥିଲା। ତେବେ ବାଟରେ ଯାଉଥିବା ସମୟରେ ହଠାତ ବିଲ ହିଡ଼ ନିକଟରେ ଯତୀନ୍ଦ୍ରଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ ସାଙ୍ଗ ଜଣଙ୍କ କାଟିଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବିଲ ହିଡ଼ରେ ଫିଙ୍ଗିଦେଇ ସୈତାନ୍ ସାଙ୍ଗ ଜଣଙ୍କ ଛୁ' ମାରିଥିଲା। ତେବେ ଯନ୍ତ୍ରଣାରେ ଯତୀନ୍ଦ୍ର ଚିତ୍କାର କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ତାଙ୍କୁ ସେଠାରୁ ଉଦ୍ଧାର କରି ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବାରିପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ବିଏନଆଇ ବିଜ୍ ପ୍ରୋ ୨.୦ ଉଦ୍‌ଘାଟିତ




**ଭୁବନେଶ୍ୱର, ୨୬ା୭ (ସଂଚାର ବ୍ୟୁରୋ):** ଭୁବନେଶ୍ୱରର ସର୍ବବୃହତ ବ୍ୟବସାୟ ଓ ନେଟୱାର୍କିଂ ଇଭେଣ୍ଟ ବିଏନଆଇ ବିଜ୍ ପ୍ରୋ ୨.୦ ଆଜି ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନରେ ଉଦ୍‌ଘାଟିତ ହୋଇଛି। ଏହି ଐତିହାସିକ ଇଭେଣ୍ଟରେ ୩୪୦ରୁ ଅଧିକ ବିଏନଆଇ ସଦସ୍ୟ, ୫ ହଜାରରୁ ଅଧିକ ପରିଦର୍ଶକ ଓ ୯୦ ବ୍ରାଣ୍ଡ ସେମାନଙ୍କ ଉତ୍ପାଦ ଓ ସେବା ପ୍ରଦର୍ଶନ କରୁଛନ୍ତି। ଏହି ଦୁଇଦିନିଆ ପ୍ରଦର୍ଶନୀ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଓ ଇପିକଲ ଅଧ୍ୟକ୍ଷ ହେମନ୍ତ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ବିଜନେସ୍ ନେଟୱାର୍କ ଇଣ୍ଟରନ୍ୟାସନାଲ୍ ବିଶ୍ୱର ସର୍ବବୃହତ ବ୍ୟବସାୟ ନେଟୱାର୍କିଂ ଏବଂ ରେଫରାଲ୍ ସଂଗଠନ ଭାବେ ଠିଆ ହୋଇଛି, ଯେଉଁଥିରେ ୭୬ଟି ଦେଶର ୧୧,୪୧୩ଟି ଚାପ୍ଟରରେ ୩ ଲକ୍ଷ ୪୪ ହଜାରୁ ଅଧିକ ସଦସ୍ୟ ଅଛନ୍ତି। କେବଳ ଭାରତରେ ବିଏନଆଇର ୬୮,୦୦୮ରୁ ଅଧିକ ସଦସ୍ୟ ୧୩୧ ସହରର ୧୩୯୪ଟି ଚାପ୍ଟରରେ ସକ୍ରିୟ ଅଛନ୍ତି। ମନୋଜ ଲାଲାନି ଓ ଉମଙ୍ଗ ଲାଲାନିଙ୍କ ଦ୍ୱାରା ୨୦୧୮ରେ ପ୍ରତିଷ୍ଠା ଲାଭ କରିଥିବା ବିଏନଆଇ ଭୁବନେଶ୍ୱର ପୂର୍ବରୁ ଏହାର ସଦସ୍ୟମାନଙ୍କ ମଧ୍ୟରେ ହଜାରେ କୋଟିରୁ ଅଧିକ ବ୍ୟବସାୟକୁ ସୁବିଧା ଯୋଗାଇଦେଇଛି। ଏହି ସମ୍ପ୍ରଦାୟ ପ୍ରସିଦ୍ଧ ଶିଳ୍ପ ନେତା ଓ ମୁଖ୍ୟବକ୍ତାମାନଙ୍କୁ ନେଇ ୧୨୧ଟି କନକ୍ଲେଭ ଆୟୋଜନ କରୁଛି। ଏହି ବର୍ଷର ବ୍ରିଜ୍ ପ୍ରୋ ୨. ୦ ରେ ପ୍ରଦର୍ଶନୀ, ଗତିଶୀଳ ଅଧିବେଶନ ରହିଛି, ଯେଉଁଥିରେ କୃତ୍ରିମ ବୁଦ୍ଧିମତ୍ତା ଓ ସ୍କେଲିଂଅପ୍ ଉପରେ ଜ୍ଞାନ କର୍ମଶାଳା ଅନ୍ତର୍ଭୁକ୍ତ। ବିଏନଆଇ ଭୁବନେଶ୍ୱର ସହରରେ ବ୍ୟବସାୟ ପରିଚାଳନା ପଦ୍ଧତିକୁ ପରିବର୍ତ୍ତନ କରିଛି ଏବଂ ଏହା ବୃଦ୍ଧି ପାଇବ। ଯାହା କେବଳ ଓଡ଼ିଶାରେ ନୁହେଁ ବରଂ ଭାରତ ଏବଂ ବିଶ୍ୱବ୍ୟାପୀ ବ୍ୟବସାୟ ମାଲିକମାନଙ୍କୁ ନୂତନ ଉଚ୍ଚତା ଆରୋହଣ କରିବାରେ ସାହାଯ୍ୟ କରିବ ବୋଲି ବିଏନଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉମଙ୍ଗ ଲାଲାନି କହିଛନ୍ତି। ସେହିପରି ଇଭେଣ୍ଟ୍ ଚେୟାର୍ ଶ୍ରୀକାନ୍ତ ବିଶ୍ୱାଳ କହିଛନ୍ତି ଯେ ବିଏଆଇ ବ୍ରିଜ୍ ପ୍ରୋ ୨. ୦ ସହରର ପ୍ରତ୍ୟେକ ବ୍ୟବସାୟ ମାଲିକଙ୍କ ପାଇଁ ବ୍ୟବସାୟ ନେଟୱାର୍କିଂର ଶକ୍ତି ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ। ଏହାଛଡ଼ା ବିଏନଆଇ ଭୁବନେଶ୍ୱର ଗତ ୭ ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ଓ ଏହା ନିକଟ ଭବିଷ୍ୟତରେ ୧ ହଜାରରୁ ଅଧିକ ସଦସ୍ୟଙ୍କ ଏକ ଦୃଢ଼ ସମ୍ପ୍ରଦାୟରେ ପରିଣତ ହେବ ବୋଲି ବିଏନଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ ଲାଲାନି ଆଶା ପ୍ରକାଶ କରିଛନ୍ତି।

# ଇଞ୍ଜେକ୍ସନ୍ ଦେଲେ କ୍ୱାକ, ଜୀବନ ହରାଇଲେ ମହିଳା



**କନ୍ଧମାଳ,୨୬ା୭(ସଂଚାର ବ୍ୟୁରୋ):** କ୍ୱାକଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ଜଣେ ମହିଳାଙ୍କ ଜୀବନ ଯାଇଛି। ଏପରି ସଙ୍ଗୀନ ଅଭିଯୋଗ ଆଣିବା ସହ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗୋଡ଼ ହାତ ବିନ୍ଧୁଥିବାରୁ ମହିଳା ଜଣଙ୍କ ଏଥିରୁ ରକ୍ଷା ପାଇବା ସାକଶେ କ୍ୱାକଙ୍କ ନିକଟରେ ପହଞ୍ଚିଥିଲେ। ତାଙ୍କୁ କିଛି ମେଡିସିନ୍ ଦେବାକୁ କହିଥିଲେ। କିନ୍ତୁ କ୍ୱାକ୍ ମେଡିସିନ୍ ନଦେଇ ଇଞ୍ଜେକ୍ସନ୍ ଦେଇଥିଲେ। ମହିଳା ଜଣଙ୍କ ଭାବିଥିଲେ କିଛି ସମୟ ପରେ ସୁସ୍ଥ ହୋଇଯିବେ ବୋଲି। କିନ୍ତୁ ହଠାତ ଦେହ ଝିମ ଝିମ ହେବାରୁ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଉଥିଲେ। କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏଭଳି ଏକ ଅଭାବନୀୟ ଘଟଣା ତୁରେକେଲା ଥାନା ମହୁଲପାଟି ଗାଁରେ ଘଟିଛି।

ମିଳିଥିବା ସୂଚନାନୁସାରେ, ମହୁଲପାଟି ଗାଁର ଡିଙ୍ଗର ପୁଟାଙ୍କ ସ୍ତ୍ରୀ ଭଗବାନୀ ପୁଟାଙ୍କ ଦେହ ଅସୁସ୍ଥ ଥିବା ବେଳେ ଗାଁରେ ବୁଲୁଥିବା କ୍ୱାକ୍ ରଞ୍ଜିତ ମେହେର ତାଙ୍କର ଚିକିତ୍ସା କରିଥିଲେ। ଭଗବାନୀଙ୍କ ଗୋଡ଼ ହାତ ବିନ୍ଧୁଥିବାରୁ କ୍ୱାକ ଜଣଙ୍କ ଭଗବାନୀଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। କିନ୍ତୁ ହଠାତ ସେ ଅଚେତ ହୋଇଯାଇଥିଲେ। ପରିବାର ଲୋକେ ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଭଗବାନୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକେ ତୁରେକେଲା ଥାନାରେ ଲିଖିତ ଅଭିଯୋଗ କରିବା ସହ ରଞ୍ଜିତଙ୍କୁ ଗିରଫ କରିବା ସକାଶେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ କ୍ୱାକ୍‌ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଉକ୍ତ ଗ୍ରାମର ଆଉ ଦୁଇ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ନେଇ ଭଗବାନୀଙ୍କ ପରିବାରରେ ଲୋକେ ଅଭିଯୋଗ କରିଛନ୍ତି। ତୁରେକେଲା ପୁଲିସ୍ ଭଗବାନୀଙ୍କ ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଲାଞ୍ଚୁଆ ଡାକ୍ତରଙ୍କୁ ୫ ବର୍ଷ ଜେଲ୍‌ଦଣ୍ଡାଦେଶ

**ଭୁବନେଶ୍ୱର,୨୬ା୭(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର ଏକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୧୦ ବର୍ଷ ପୂର୍ବେ ଜଣେ ସରକାରୀ ଡାକ୍ତରଙ୍କ ବିରୋଧରେ ରୁଜୁ ହୋଇଥିବା ଲାଞ୍ଚ ଗ୍ରହଣ ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଗଜପତି ଜିଲ୍ଲାର ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ର ଇନଚାର୍ଜ ମେଡିକାଲ ଅଫିସର ଡାକ୍ତର ପତିତ ପାବନ ବାରିକଙ୍କୁ କୋର୍ଟ ଏହି ଲାଞ୍ଚ ଗ୍ରହଣ ମାମଲାରେ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କ ଉପରେ କୋର୍ଟ ୨୦ ହଜାର ଟଙ୍କାର ଜୋରିମାନା ମଧ୍ୟ କରିଛନ୍ତି। ଜୋରିମାନା ରାଶି ଅନାଦେୟ ପରିପ୍ରେକ୍ଷୀରେ ତାଙ୍କୁ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ କହିଛନ୍ତି।

ସୂଚନାନୁଯାୟୀ, ସୁନ୍ଦରଗଡ଼ର ଗୁରୁଣ୍ଡିଆ ସିଏଚସି ଇନଚାର୍ଜ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଥିବା ସମୟରେ ଡାକ୍ତର ବାରିକ ନିଯୁକ୍ତି ଦେୟ ପ୍ରକ୍ରିୟାକରଣ ପାଇଁ ଲଗ୍ ବୁକ୍ ଦସ୍ତଖତ ସକାଶେ ହସ୍ପିଟାଲରେ ନିୟୋଜିତ ଜନୈକ ଗାଡ଼ି ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଉକ୍ତ ଗାଡ଼ି ମାଲିକ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିବାରୁ ୨୦୧୫ ଡିସେମ୍ବର ୪ ତାରିଖରେ ଲାଞ୍ଚ ନେଉଥିବା ସମୟରେ ଡାକ୍ତର ବାରିକଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ଦୁର୍ନୀତି ନିବାରଣ (ପିସି) ଆଇନ, ୧୯୮୮ର ପ୍ରାସଙ୍ଗିକ ଧାରା ଅନୁଯାୟୀ ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର କୋର୍ଟରେ ଡାକ୍ତରଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା।

ସଂସଦ ରତ୍ନ ପୁରସ୍କାରରେ ସମ୍ମାନିତ ହେଲେ ୧୭ ସାଂସଦ

# ଓଡ଼ିଶାରୁ ସାମିଲ ଭର୍ତ୍ତୃହରି ମହତାବ




**ନୂଆଦିଲ୍ଲୀ,୨୬ା୭ :** ଦିଲ୍ଲୀରେ ଆଜି ୧୭ ଜଣ ସାଂସଦଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସଂସଦ ରତ୍ନ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି । ଏହି ସାଂସଦମାନେ ଲୋକସଭାରେ ଅମୂଲ୍ୟ ଅବଦାନ ଦେଇଛନ୍ତି । ଏହା ବ୍ୟତୀତ ୪ ଜଣ ସାଂସଦଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର ପ୍ରଦାନ କରାଯାଇଛି ।

ସଂସଦ ରତ୍ନ ପୁରସ୍କାର ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ରହିଛନ୍ତି ଗୋରଖପୁର ରବି କିଶନ, ଏନସିପି ଶରଦଙ୍କ ସୁପ୍ରିୟା ସୁଲେ, ବିଜେପି ସାଂସଦ ନିଶିକାନ୍ତ ଦୁବେ ଏବଂ ଶିବସେନା ୟୁବିଟି ସାଂସଦ ଅରବିନ୍ଦ ସାୱନ୍ତଙ୍କ ସମେତ ୧୭ ଜଣ ସାଂସଦ ଅଛନ୍ତି ।

୩ ଥର ସଂସଦୀୟ ଗଣତନ୍ତ୍ରରେ ନିରନ୍ତର ଅବଦାନ ରଖିଥିବା ୪ ଜଣ ସାଂସଦଙ୍କୁ ଚାରୋଟି ସ୍ୱତନ୍ତ୍ର ଜୁରି ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ଓଡ଼ିଶାର ବିଜେପି ସାଂସଦ ଭର୍ତ୍ତୃହରି ମହତାବ, ରିଭୋଲ୍ୟୁସନାରୀ ସମାଜବାଦୀ ପାର୍ଟି, କେରଳ ସାଂସଦ ଏନକେ ପ୍ରେମଚନ୍ଦ୍ରନ, ଏନସିପି ଶରଦ ସାଂସଦ ସୁପ୍ରିୟା ସୁଲେ, ଶିବସେନା ସାଂସଦ ଶ୍ରୀରଙ୍ଗ ଆପ୍ପା ବର୍ଣ୍ଣେ ପ୍ରମୁଖ ସାମିଲ ଅଛନ୍ତି ।ସଂସଦ ରତ୍ନ ପୁରସ୍କାର ପାଇଥିବା ସାଂସଦମାନଙ୍କ ମଧ୍ୟରେ ସ୍ମିତା ଉଦୟ ୱାଗ (ବିଜେପି), ନରେଶ ମାସକେ (ଶିବସେନା), ଭର୍ଷା ଗାଇକୱାଡ (କଂଗ୍ରେସ), ମେଧା କୁଲକର୍ଣ୍ଣି (ବିଜେପି), ପ୍ରବୀଣ ପଟେଲ (ବିଜେପି), ବିଦ୍ୟୁତ ବାରନ ମହତୋ (ବିଜେପି) ଏବଂ ଦିଲୀପ ସାଇକିଆ ରହିଛନ୍ତି ।

ସଂସଦୀୟ କମିଟି ବର୍ଗରେ ଭର୍ତ୍ତୃହରି ମହତାବଙ୍କ ନେତୃତ୍ୱରେ ଆର୍ଥିକ ସ୍ଥାୟୀ କମିଟି ଏବଂ ଡକ୍ଟର ଚରଣଜିତ ସିଂହ ଚନ୍ନୀଙ୍କ ନେତୃତ୍ୱରେ କୃଷି ସ୍ଥାୟୀ କମିଟିକୁ ସେମାନଙ୍କର ରିପୋର୍ଟର ଗୁଣବତ୍ତା ଏବଂ ବିଧାନସଭା ତଦାରଖରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ତେବେ ଆସନ୍ତୁ ଜାଣିନେବା ସଂସଦ ରତ୍ନ ପୁରସ୍କାର କ'ଣ? ସଂସଦ ରତ୍ନ ପୁରସ୍କାର ୨୦୧୦ ରେ ଆରମ୍ଭ ହୋଇଥିଲା ଏବଂ ଏହି ପୁରସ୍କାର ସେହି ସାଂସଦମାନଙ୍କୁ ପ୍ରଦାନ କରାଯାଏ। ଯେଉଁମାନେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସଂସଦରେ ସକ୍ରିୟ ରୁହନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ସାଂସଦମାନଙ୍କୁ ଉତ୍ସାହିତ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଂସଦୀୟ କାର୍ଯ୍ୟକୁ ଲୋକପ୍ରିୟ କରିବା । ଏହି ପୁରସ୍କାରଗୁଡ଼ିକ ସଂସଦରେ ସକ୍ରିୟତା, ବିତର୍କରେ ଅଂଶଗ୍ରହଣ, ପ୍ରଶ୍ନ ପଚାରିବା ଏବଂ ବିଧାନସଭା କାର୍ଯ୍ୟରେ ଅବଦାନ ଆଧାରରେ ପ୍ରଦାନ କରାଯାଏ। ଏହି ପୁରସ୍କାର ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍ ଦ୍ୱାରା ଆରମ୍ଭ କରାଯାଇଛି। ଏହି ବର୍ଷର ବିଜେତାମାନଙ୍କୁ ହଂସରାଜ ଅହିରଙ୍କ ନେତୃତ୍ୱରେ ଗଠିତ ଜୁରି କମିଟି ଦ୍ୱାରା ଚୟନ କରାଯାଇଥିଲା ।



## ଦୁଇ ଟ୍ରକ୍ ମୁହାଁମୁହିଁ: ୩ ମୃତ

**ଦଶପଲ୍ଲା,୨୬ା୭(ସଂଚାର ବ୍ୟୁରୋ):** ଦଶପଲ୍ଲାରେ ଭୟଙ୍କର ଦୁର୍ଘଟଣା । ଟ୍ରକ ସହ ଅନ୍ୟ ଏକ ଟ୍ରକର ମୁହାଁମୁହିଁ ଧକ୍କାରେ ୩ ମୃତ । ନୟାଗଡ଼ ଦଶପଲ୍ଲା ଥାନା ଟାକରା ନିକଟସ୍ଥ ଅସନିବେରେଣା ରାସ୍ତା ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଟ୍ରକକୁ ଅନ୍ୟ ଏକ ଟ୍ରକ ଧକ୍କା ଦେବାକୁ ଘଟାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଛି । ୨ଜଣ ଗୁରୁତରଙ୍କୁ ଉଦ୍ଧାର କରାଯାଇ ଦଶପଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି । ତେବେ ଆଉ ଜଣେ ଟ୍ରକ ମଧ୍ୟରେ ଚାପି ହୋଇ ରହିଥିବା ଅନୁମାନ କରାଯାଉଛି । ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

# ନଦୀକୁ ଖସିଲା କାର, ଅଳ୍ପକେ ବର୍ତ୍ତିଗଲେ ବିଡ଼ିଓ



**ଗୋପ,୨୬ା୭(ସଂଚାର ବ୍ୟୁରୋ):** କୋଣାର୍କ-ପୁରୀ ବେଳାମାର୍ଗରେ ନଦୀକୁ ଖସିଲା କାର। ନଈରେ ଭାସିଗଲା କାର୍। ଅଳ୍ପକେ ବର୍ତ୍ତିଲେ କଟକ ସଦର ବିଡିଓ ଏବଂ ତାଙ୍କ ପତ୍ନୀ। ଉଭୟ ଗୁରୁତର ହୋଇଛନ୍ତି। ପାର୍କିଙ୍ଗ ସ୍ଥଳରେ ଗାଡି ବୁଲାଇବା ବେଳେ ଅସାବଧନତା ଯୋଗୁ ଗାଡିଟି ନଦୀ ଭିତରକୁ ଖସି ପଡିଥିଲା। କଟକ ସଦର ବିଡିଓ ପ୍ରତୀକ ସାହୁ ଓ ସ୍ତ୍ରୀ ପୁରୀ, କୋଣାର୍କ ବୁଲିଯିବାକୁ ଆସିଥିଲେ। କୋଣାର୍କରୁ ୧୦ କିଲୋମିଟର ଦୂରରେ ଥିବା ଏକ ଘରୋଇ ହୋଟେଲକୁ ଖାଇବାକୁ ଯାଉଥିଲେ। ସେଠାରେ ଗାଡିକୁ ପାର୍କିଂରେ ରଖିବା ପାଇଁ ଓହ୍ଲାଇବା ବେଳେ କୁଶଭଦ୍ରା ନଦୀରେ ଖସି ପଡ଼ିଥିଲା। ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା କୋଣାର୍କ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ପୁରୀର ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ଭାବ୍ୟ ବନ୍ୟା ପାଇଁ ହେଡକ୍ୱାଟର ନ ଛାଡିବା ପାଇଁ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିଲା। ଏହା ଭିତରେ ବିଡିଓ କାହିଁକି ଚନ୍ଦ୍ରଭାଗା ଯାଇଥିଲେ ପ୍ରଶ୍ନ ଉଠିଛି।

With Best Compliments from :
A
Well Wisher

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ରିୟର ଆର୍ଥ ମ୍ୟାଗ୍ନେଟ୍ ସଂକଟ

# ବନ୍ଦ ହୋଇପାରେ ବଜାଜ ଚେତକ ସ୍କୁଟର

**ନୂଆଦିଲ୍ଲୀ,୨୬।୭:** ରିୟର ଆର୍ଥ ମ୍ୟାଗ୍ନେଟର ଘୋର ଅଭାବ ଯୋଗୁ ଆସନ୍ତା ମାସ ଠାରୁ(ଅଗଷ୍ଟ ୨୦୨୫) ଇଲେକ୍ଟ୍ରିକ ସ୍କୁଟର ଚେତକ ଓ ଇଲେକ୍ଟ୍ରିକ ଥ୍ରୀ ହ୍ୱିଲର ପ୍ରଡକ୍ସନ ବନ୍ଦ କରିପାରେ ବଜାଜ ଅଟୋ କମ୍ପାନୀ। ବିରଳ ଖଣିଜ ଚୁମ୍ବକ ରପ୍ତାନୀ ଉପରେ ଚୀନ ରୋକ ଲଗାଇବା ପରେ ବର୍ତ୍ତମାନ କମ୍ପାନୀ ପାଖରେ ଏହାର ଷ୍ଟକ୍ ସରିବା ଉପରେ ହେଲାଣି। ତେଣୁ ଆସନ୍ତା ମାସରେ କମ୍ପାନୀ ଏହି ବଡ଼ ପଦକ୍ଷେପ ନେଇପାରେ। କମ୍ପାନୀର ଏମ୍ ଡି ରାଜୀବ ବଜାଜ ଇକୋନୋମିକ୍ ଟାଇମ୍ସକୁ କହିଛନ୍ତି ଯେ ଜୁନ୍ ୨୦୨୫ରେ କମ୍ପାନୀ ଏହାର ପୂର୍ବ ଷ୍ଟକ୍ ରୁ ଇଭି ତିଆରି କରୁଥିଲା। କିନ୍ତୁ ଜୁଲାଇରେ ଏହା ଅଧା ହୋଇଗଲା। ଏବେ ଅଗଷ୍ଟରେ ଷ୍ଟକ୍ ଶେଷ ହେବାକୁ ବସିଛି। ଏଥିପାଇଁ ଇଭି ପ୍ରଡକ୍ସନ ଶୂନ୍ୟ ହୋଇପାରେ। ପ୍ରଡକ୍ସନ ବନ୍ଦ ହୋଇଗଲେ



ଗତ କିଛି ମାସ ମଧ୍ୟରେ ଇଭି ବଜାରରେ ଶୀର୍ଷରେ ଥିବା ଚେତକ ଏବଂ ଗୋଗୋ ଏହା ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେବେ। ବଜାଜ ଅଟୋ ଭାରତର ଦ୍ୱିତୀୟ ସର୍ବବୃହତ ଇଲେକ୍ଟ୍ରିକ୍ ସ୍କୁଟର ନିର୍ମାତା। ଜୁନ୍ ମାସରେ, କମ୍ପାନୀ ୨୩,୦୦୪ ୟୁନିଟ୍ ବିକ୍ରି କରିଛି, ଯାହା ଗତ ବର୍ଷ ତୁଳନାରେ ୧୫୪% ଅଧିକ। କିନ୍ତୁ, ବିରଳ ପୃଥିବୀ ଚୁମ୍ବକର ଅଭାବ ଯୋଗୁ, ଜୁଲାଇରେ ଉତ୍ପାଦନ ଅଧା କରିବାକୁ ପଡିଲା। ଏହା ନିଶ୍ଚିତ ଭାବରେ ବିକ୍ରୟକୁ ପ୍ରଭାବିତ କରିବ। ଯଦି ଅଗଷ୍ଟ ମାସରେ ଉତ୍ପାଦନ ବନ୍ଦ ହୋଇଯାଏ, ତେବେ କମ୍ପାନୀର ବଜାର ଅଂଶ, ରାଜସ୍ୱ ଏବଂ (ଲାଭ) ଉପରେ ଏକ ବଡ଼ ଆଘାତ ଲାଗିବ। ରାଜୀବ ସ୍ୱୀକାର କରିଛନ୍ତି ଯେ ଇଭି ପୋର୍ଟଫୋଲିଓ ଏବେ ଲାଭ ଦେବା ଆରମ୍ଭ କରିଛି, କିନ୍ତୁ ଏହି ସଙ୍କଟ ସମସ୍ତ କଠିନ ପରିଶ୍ରମକୁ ନଷ୍ଟ କରିପାରେ।

**୪ ମାସ ଧରି ବିରଳ ପୃଥିବୀ ଚୁମ୍ବକର ଅଭାବର ସମ୍ମୁଖୀନ ହେଉଛନ୍ତି କମ୍ପାନୀ**

ବଜାଜ ବ୍ୟତୀତ ଦେଶର ଶ୍ରେଷ୍ଠ ବୈଦ୍ୟୁତିକ ଦୁଇଚକିଆ କମ୍ପାନୀ, ଆଥର ଏନର୍ଜି ଏବଂ ଟିଭିଏସ ମୋଟର ମଧ୍ୟ ଉତ୍ପାଦନ ହ୍ରାସ କରିଛନ୍ତି। ଇଟିର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ କମ୍ପାନୀଗୁଡ଼ିକ ଗତ ୪ ମାସ ଧରି ଚୀନରୁ ଆମଦାନି ହୋଇଥିବା ବିରଳ ପୃଥିବୀ ଚୁମ୍ବକର ଅଭାବର ସମ୍ମୁଖୀନ ହେଉଛନ୍ତି। ଏହି ଚୁମ୍ବକଗୁଡ଼ିକ ବୈଦ୍ୟୁତିକ ମୋଟର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ବିନା, ବୈଦ୍ୟୁତିକ ଯାନ ତିଆରି କରିବାରେ ସମସ୍ୟା ହେଉଛି। ଉତ୍ପାଦନ ହ୍ରାସ ଯୋଗୁ, ବୈଦ୍ୟୁତିକ ଦୁଇଚକିଆ ଯାନର ମୂଲ୍ୟ ବୃଦ୍ଧି ପାଇପାରେ।

## ୟୁପିଆଇ ନିୟମରେ ବଡ ପରିବର୍ତ୍ତନ, ସୁରକ୍ଷିତ ହେବ ଦେଣନେଣ ପ୍ରକ୍ରିୟା




**ନୂଆଦିଲ୍ଲୀ,୨୬।୭:** ଅଗଷ୍ଟ ପହିଲାରୁ ୟୁପିଆଇ ନିୟମରେ ବଡ ପରିବର୍ତ୍ତନ । ୟୁଜରମାନଙ୍କ ପାଇଁ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି । ଦୈନିକ ଫୋନ୍ ପେ', ଗୁଗୁଲ୍ ପେ' କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍‌ରୁ ପେମେଣ୍ଟ କରୁଥିବା ୟୁଜରଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ବାଲାନ୍ସ ଚେକ୍ ଲିମିଟ୍ ଧାର୍ଯ୍ୟ କରାଯିବା ସହିତ ଟ୍ରାଞ୍ଜାକ୍ସନ୍ ଷ୍ଟାଟସ୍ ଚେକ୍ ନେଇ ବି ସୀମା ସ୍ଥିର କରାଯାଇଛି । ଦିନକୁ ବାଲାନ୍ସ ଚେକ୍ କରିବାର ଲିମିଟ୍ ୫୦ ରହିବ । ଏହିଭଳି ଆହୁରି ଅନେକ କିଛି ପରିବର୍ତ୍ତନ ଆସୁଛି । ନ୍ୟାସ୍‌ନାଲ ପେମେଣ୍ଟ୍ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଅର୍ଥାତ୍ ଏନ୍‌ପିସିଆଇ ୟୁପିଆଇକୁ ଅଧିକ ଦ୍ରୁତ, ସୁରକ୍ଷିତ ଏବଂ ଭରସାଯୋଗ୍ୟ କରିବା ପାଇଁ ଏହି ନୂଆ ନିୟମ ଲାଗୁ କରିବାକୁ ଯାଉଛି । ଏହି ପରିବର୍ତ୍ତନର ପ୍ରଭାବ ଲୋକଙ୍କ ଦୈନନ୍ଦିନ ଡିଜିଟାଲ ପେମେଣ୍ଟ ଉପରେ ପଡ଼ିବ । ଭାରତରେ ପ୍ରତି ମାସ ୟୁପିଆଇ ମାଧମରେ ୧୬୦୦ କୋଟିରୁ ଊର୍ଦ୍ଧ୍ୱ ଟ୍ରାଞ୍ଜାକ୍ସନ ହୋଇଥାଏ । କିନ୍ତୁ ଅନେକ ଥର ସର୍ଭରରେ ସମସ୍ୟା ତଥା ପେମେଣ୍ଟରେ ବିଳମ୍ବ ହେଉଥିବାର ଅଭିଯୋଗ ଆସେ । ଏହି ସମସ୍ୟାଗୁଡ଼ିକୁ କମ୍ କରିବା ପାଇଁ ଏନ୍‌ପିସିଆଇ ୟୁପିଆଇ ନିୟମରେ ୭ଟି ବଡ଼ ପରିବର୍ତ୍ତନ ଆଣିଛି । ପ୍ରଥମ ପରିବର୍ତ୍ତନ ହେଉଛି ବାଲାନ୍ସ ଚେକ୍ କରିବାର ଲିମିଟ୍ । ଏବେ ୟୁଜର ଦିନକରେ ନିଜ ୟୁପିଆଇ ଆପ୍ ଜରିଆରେ ମାତ୍ର ୫୦ ଥର ବାଲାନ୍ସ ଚେକ୍ କରିପାରିବେ । ବାରମ୍ବାର ବାଲାନ୍ସ ଚେକ୍ କରିବା ଦ୍ୱାରା ସର୍ଭର ଉପରେ ଚାପ ପଡ଼ିଥାଏ, ଯାହାଦ୍ୱାରା ଟ୍ରାଞ୍ଜାକ୍ସନ ଧୀମା ହୋଇଯାଏ । ତେଣୁ ଏହି ନିୟମ ଅଣାଯାଇଛି । ଉପଭୋକ୍ତା ନିଜ ମୋବାଇଲ ନମ୍ବର ସହ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଦୈନିକ ମାତ୍ର ୨୫ ଥର ଚେକ୍ କରିପାରିବେ। ଏହାଦ୍ୱାରା ସିଷ୍ଟମ୍‌ରେ ଅନାବଶ୍ୟକ ଚାପ କମ୍ ହେବ ଏବଂ ଜାଲିଆତି ଆଶଙ୍କା ବି ହ୍ରାସ ପାଇବ । ଅଟୋପେ' ଟ୍ରାଞ୍ଜାକସନ୍ ଯେପରି ନେଟ୍‌ଫ୍ଲିକ୍ସ କିମ୍ବା ମ୍ୟୁଚୁଆଲ ଫଣ୍ଡ୍ କିସ୍ତି ଏବେ ୩ଟି ଟାଇମ୍ ସ୍ଲଟ୍‌ରେ ପ୍ରୋସେସ୍ ହେବ । ଏହି ସମୟ ହେଲା ସକାଳ ୧୦ଟା ପୂର୍ବରୁ, ଅପରାହ୍ନ ୧ରୁ ୫ଟା ଏବଂ ରାତି ୯ ଟା ୩୦ ପରେ । ଏହାଦ୍ୱାରା ଭିଡ଼ ରହୁଥିବା ସମୟରେ ସର୍ଭର ଉପରେ ଚାପ କମ୍ ହେବ । ଚତୁର୍ଥ ପରିବର୍ତ୍ତନ ହେଉଛି, ଟ୍ରାଞ୍ଜାକ୍ସନ ଷ୍ଟାଟସ୍ ଚେକ୍ କରିବାର ସୀମା ।

## ଅକ୍ଷୟ ଶକ୍ତିରେ ୮୭୦ କୋଟି ନିବେଶ



**ଭୁବନେଶ୍ୱର,୨୬।୭ (ସଂଚାର ବ୍ୟୁରୋ):** ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ୮୬୯.୮ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି। ବୈଠକରୁ ଜଣାପଡ଼ିଛି ଯେ ସୁବର୍ଣ୍ଣପୁରର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ୍ ଏନର୍ଜି ଲିମିଟେଡ୍ ୬୯.୫ ମେଗାୱାଟ୍ ସୋଲାର୍ ପାର୍କ ସ୍ଥାପନ କରିବ। କେନ୍ଦୁଝରର ତେଲକୋଇରେ ଆଇନକ୍ସ୍ ସୋଲାର୍ ଲିମିଟେଡ୍ ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡାର ଲଖନପୁରରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ୧୦ ମେଗାୱାଟ୍ ସୋଲାର୍ ପ୍ରକଳ୍ପ ଏବଂ ନବରଙ୍ଗପୁରର ପାପଡାହାଣ୍ଡିରେ ଏନ୍‌ଏଲ୍‌ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ।

ଏହି ପ୍ରକଳ୍ପଗୁଡ଼ିକ ସମେତ ବର୍ତ୍ତମାନ ସୁଦ୍ଧା ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨, ୫୯୯.୭୯ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ଗୁଡିକ ରାଜ୍ୟରେ ନୂତନ ରୋଜଗାର ସୃଷ୍ଟି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିବାହ କରିବ। ଆଜିର ବୈଠକରେ ଗ୍ରିଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡ୍‌କୋ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ଆଇଇଏନ୍‌ଏ)ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ।

## ଏବେ ଶସ୍ତା ଇଲେକ୍ଟ୍ରିକ୍ କାର କିଣିଲେ ମଧ୍ୟ ମିଳିବ ସବସିଡି

**ନୂଆଦିଲ୍ଲୀ,୨୬।୭:** ଦିନକୁ ଦିନ ଏବେ ଇଭି ମାର୍କେଟ ବଢିବାରେ ଲାଗିଛି। ଏହାର କାରଣ ସରକାର ଏ ଦିଗରେ ଲୋକଙ୍କୁ ଉତ୍ସାହିତ କରିବାକୁ ପଦକ୍ଷେପ ନେଉଛନ୍ତି। ଇଲେକ୍ଟ୍ରିକ୍ ଗାଡ଼ି ଉପରେ କେନ୍ଦ୍ର ସରକାର ସହ ଅନେକ ରାଜ୍ୟ ମଧ୍ୟ ନିଜ ନିଜ କ୍ଷେତ୍ରରେ ସବସିଡି ଅଫର କରୁଛନ୍ତି। ଏହି ତାଲିକାରେ ହରିଆଣାର ନାମ ମଧ୍ୟ ଅନ୍ତର୍ଭୁକ୍ତ ଅଛି।

ଯଦି ଆପଣ ଏହି ରାଜ୍ୟ(ହରିଆଣା)ରେ ରହୁଛନ୍ତି , ତ ଆପଣଙ୍କୁ ଇଲେକ୍ଟ୍ରିକ୍ କାର କିଣିବାରେ ବଡ଼ ଫାଇଦା ମିଳିପାରେ। ପ୍ରକୃତ କଥା ହେଲା , ହରିଆଣା ସରକାର ୪୦ ଲକ୍ଷ ଟଙ୍କାରୁ କମ୍ ଦାମର ଇଲେକ୍ଟ୍ରିକ୍ ଗାଡ଼ି (ଇଭି)ରେ ପୁଣି ଥରେ ସବସିଡି ଦେବାକୁ ପ୍ରସ୍ତୁତି କରୁଛନ୍ତି। ଏବେ ରାଜ୍ୟରେ କେବଳ ୪୦ ଲକ୍ଷ ଟଙ୍କାରୁ ଅଧିକ ଦାମରେ ଇଲେକ୍ଟ୍ରିକ୍ କାର ଗୁଡ଼ିକରେ ସବସିଡି ମିଳୁଛି , ଯେଉଁଥି ପାଇଁ ସହର ଓ ଟାଉନରେ ରହୁଥିବା ଅନେକ ସାଧାରଣ ଲୋକ ଇଲେକ୍ଟ୍ରିକ୍ ଗାଡ଼ି କିଣୁ ନଥିଲେ। ଏବେ ନୂଆ ସବସିଡି ଲାଗୁ ହେଲେ , ଶସ୍ତା ଇଲେକ୍ଟ୍ରିକ୍ କାର ଗୁଡ଼ିକର ବିକ୍ରିରେ ମଧ୍ୟ ବୃଦ୍ଧି ହେବ। ମିଡ଼ିଆ ରିପୋର୍ଟ ମୁତାବିକ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ରାଓ ନରବୀର ସିଂହ ଏକ ବୈଠକ ବେଳେ ଅଧିକାରୀଙ୍କୁ ବର୍ତ୍ତମାନର ନିୟମରେ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ସବସିଡିର



ଫାଇଦା କେବଳ ମହଙ୍ଗା ଇଲେକ୍ଟ୍ରିକ୍ ଭାଇକଲ କିଣୁଥିବା ସେହି ଲୋକଙ୍କୁ ମିଳିବା ଉଚିତ୍ ଯିଏ ଅଧିକ ଗାଡ଼ି କିଣୁଛନ୍ତି। ହେଲେ , ସବସିଡି କେବେ ଠାରୁ ଆରମ୍ଭ ହେବ , ଏହାର ତାରିଖ କୁହାଯାଇ ନାହିଁ। ଆଶା କରାଯାଉଛି ଯେ, ଏହାର ଫାଇଦା ଶସ୍ତା ଇଲେକ୍ଟ୍ରିକ୍ ଗାଡ଼ି ଗୁଡ଼ିକୁ କିଣୁଥିବା ଲୋକଙ୍କୁ ମିଳିବ। ହରିଆଣା ଇଲେକ୍ଟ୍ରିକ୍ ଭାଇକଲ ପଲିସି ୨୦୨୨ ଅନୁସାରେ ,୧୫ ଲକ୍ଷରୁ ୪୦ ଲକ୍ଷ ଟଙ୍କା ମଧ୍ୟରେ ଥିବା ଇଲେକ୍ଟ୍ରିକ୍ ଭାଇକଲ ଉପରେ ୧୫ ପ୍ରତିଶତର ସବସିଡି ( ସର୍ବାଧିକ ୬ ଲକ୍ଷ ଟଙ୍କା ଯାଏ) ମିଳୁଥିଲା। ଏହି ପଲିସି ୩୧ ମାର୍ଚ୍ଚ ୨୦୨୪ରେ ଶେଷ ହୋଇ ଯାଇ ଥିଲା , ଯେଉଁଥିରେ କମ୍ ଓ ମଧ୍ୟମ ଦାମ୍‌ର ମଡେଲ ବିନା ସବସିଡିରେ ଥିଲା ଏବଂ ୪୦ ଲକ୍ଷ ଟଙ୍କାରୁ ଅଧିକ ଗାଡ଼ି ଉପରେ ସବସିଡି ଜାରି ରହିଛି। ଏବେ ଏମିତି ଲାଗୁଛି ଯେ, ଏହି ସବସିଡି ଖୁବ୍ ଶୀଘ୍ର ପୁଣି ଥରେ ଆରମ୍ଭ ହେବ। ସବସିଡିରେ ଏମିତି ପରିବର୍ତ୍ତନ ହେବ ଯାହା କମ୍ ମୂଲ୍ୟର ଇଲେକ୍ଟ୍ରିକ୍ ଟ୍ରାନ୍ସପୋର୍ଟ ଉପରେ ଅଧିକ ଧ୍ୟାନ ଦେବେ। ନୂଆ ଯୋଜନାରେ ଇଲେକ୍ଟ୍ରିକ୍ ସ୍କୁଟର ଓ ଥ୍ରୀ - ହ୍ୱିଲର ଭଳି ଭାଇକଲକୁ ଅଧିକ ପ୍ରାଧ୍ୟାନ୍ୟ ଦିଆଯାଇ ପାରେ। ଏହି ଭାଇକଲ ମହଙ୍ଗା ଇଲେକ୍ଟ୍ରିକ୍ କାର ଗୁଡ଼ିକର ତୁଳନାରେ ପ୍ରତିଦିନର ଟ୍ରାନ୍ସପୋର୍ଟେସନ ପାଇଁ ଅଧିକ ଜରୁରୀ। ଅର୍ଥାତ୍ ଲୋକେ ପ୍ରତିଦିନ ଯିବା ଆସିବା ପାଇଁ ଇଲେକ୍ଟ୍ରିକ୍ ସ୍କୁଟର ବା ଥ୍ରୀ - ହ୍ୱିଲରର ଅଧିକ ବ୍ୟବହାର କରନ୍ତି। ମହଙ୍ଗା କାର କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ସରକାର ଚାହାନ୍ତି ଯେ, ଏମିତି ନୀତି ସବୁ ତିଆରି ହେଉ, ଯେଉଁଥିରେ ସାଧାରଣ ଲୋକଙ୍କୁ ଲାଭ ମିଳୁ। ଅପ୍ରେଲ୍‌ରୁ ଜୁନ୍ ୨୦୨୫ ମଧ୍ୟରେ ଭାରତରେ ୫,୩୦,୩୮୬ ଇଲେକ୍ଟ୍ରିକ୍ ଗାଡ଼ିର ରେଜିଷ୍ଟ୍ରେସନ ହୋଇଥିଲା , ଯାହା ଗତ ବର୍ଷ ଅପେକ୍ଷା ୩୪ ପ୍ରତିଶତ ଅଧିକ। ଗତ ବର୍ଷ ଅପ୍ରେଲରୁ ଜୁନ୍ ମଧ୍ୟରେ ୩,୯୬,୭୧୯ ୟୁନିଟ୍‌ସ ବିକ୍ରି ହୋଇଥିଲା।

## ଆପଣଙ୍କ ପାନ୍ କାର୍ଡ ଜରିଆରେ କିଏ ଲୋନ୍ ନେଇନାହାଁନ୍ତି ତ ?




**ନୂଆଦିଲ୍ଲୀ ୨୬।୭:** ଆଜିକାଲି ବଢିବାରେ ଲାଗିଛି ଠକେଇ। ଋଣ ଠକେଇ ଓ ଜାଲ ପରିଚୟ ମାମଲା ଏବେ ଚିନ୍ତା ବଢ଼ାଉଛି। ଏଦିଗରେ ପାନ କାର୍ଡଧାରୀଙ୍କୁ ସତର୍କ ରହିବାକୁ ପଡିବ। ଏପରି ପରିସ୍ଥିତିରେ ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ହୋଇପିଡିଛି ଯେ, କେହି ଆପଣଙ୍କ ପାନ କାର୍ଡର ଅପବ୍ୟବହାର କରି ଆପଣଙ୍କ ନାମରେ ଋଣ ନେଉଛନ୍ତି କି ନାହିଁ। ଯେହେତୁ ଆପଣଙ୍କର ପାନ କାର୍ଡ ସିଧାସଳଖ ଆପଣଙ୍କ କ୍ରେଡିଟ୍ ରିପୋର୍ଟ ସହିତ ଲିଙ୍କ୍ ହୋଇଛି। କୌଣସି ପ୍ରକାରର ଜାଲ୍ ଋଣ ସିଧାସଳଖ ଆପଣଙ୍କ କ୍ରେଡିଟ୍ ସ୍କୋର ଏବଂ ଭବିଷ୍ୟତରେ ଋଣ ନେବାର କ୍ଷମତାକୁ ପ୍ରଭାବିତ କରିପାରେ। ତେବେ ଜାଣିଛନ୍ତି କି, ଆପଣଙ୍କର ପ୍ୟାନ୍ ସୁରକ୍ଷିତ କି ନାହିଁ ? କେହି ଏହାର ଅପବ୍ୟବହାର କରିଛନ୍ତି କି ? ତେବେ ଆପଣଙ୍କୁ କ'ଣ ପଦକ୍ଷେପ ନେବା ଉଚିତ ଆସନ୍ତୁ ଜାଣିବା। ଯାଞ୍ଚ କରନ୍ତୁ କ୍ରେଡିଟ୍ ରିପୋର୍ଟ: ସବୁଠୁ ସହଜ ଉପାୟ ହେଉଛି ସମୟ ସମୟରେ ଆପଣଙ୍କର କ୍ରେଡିଟ୍ ରିପୋର୍ଟ ଯାଞ୍ଚ କରି ରଖିବା । CIVIL, Experian, Equifax ଏବଂ CRIF High Mark ଭଳି କ୍ରେଡିଟ୍ ବ୍ୟୁରୋ କମ୍ପାନୀଗୁଡ଼ିକ ଆପଣଙ୍କ ନାମରେ ନିଆଯାଇଥିବା ସମସ୍ତ ଋଣ ଓ କ୍ରେଡିଟ୍ କାର୍ଡର ରେକର୍ଡ ରଖନ୍ତି। ଆପଣ ପ୍ରତିବର୍ଷ ସେମାନଙ୍କର ୱେବସାଇଟ୍ ପରିଦର୍ଶନ କରି ଆପଣଙ୍କର କ୍ରେଡିଟ୍ ରିପୋର୍ଟ ମାଗଣାରେ ଡାଉନଲୋଡ୍ କରିପାରିବେ । ଏଥିପାଇଁ, ଆପଣଙ୍କୁ ଓଟିପି ସହିତ ଆପଣଙ୍କର ପାନ୍ ଏବଂ ମୋବାଇଲ୍ ନମ୍ବର ଯାଞ୍ଚ କରିବାକୁ ପଡିବ। କୌଣସି ଅଜଣା ଆକାଉଣ୍ଟ କିମ୍ବା ଋଣ ଦେଖାଯାଉଛି କି ନାହିଁ ତାହା ଦେଖିବା ପାଇଁ ରିପୋର୍ଟ ଯାଞ୍ଚ କରନ୍ତୁ। ରିପୋର୍ଟରେ କ'ଣ ନଜର ରଖିବାକୁ ପଡିବ: ରିପୋର୍ଟ ଯାଞ୍ଚ କରିବା ସମୟରେ ମନେରଖନ୍ତୁ ଯେ ଏପରି କୌଣସି ଋଣ କିମ୍ବା କ୍ରେଡିଟ୍ କାର୍ଡ ଦେଖାଯାଉ ନାହିଁ ଯାହା ଆପଣ ନେଇ ନାହାଁନ୍ତି। ଏହା ବ୍ୟତୀତ, କୌଣସି ଅଜଣା ବ୍ୟାଙ୍କ କିମ୍ବା ଋଣଦାତାଙ୍କ ନାମ, ଭୁଲ ଆକାଉଣ୍ଟ ନମ୍ବର କିମ୍ବା କଠିନ ତଦନ୍ତ ଯାହା ପାଇଁ ଆପଣ ଆବେଦନ କରିନାହାଁନ୍ତି - ଏସବୁ ଠକେଇର ଲକ୍ଷଣ। ଯଦି ଏପରି ଅନେକ ଏଣ୍ଟ୍ରି ମିଳେ, ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଯଦି ଜାଲ୍ କରି ଋଣ ମିଳେ ତେବେ କ'ଣ କରିବେ? ଯଦି ଆପଣ ଜାଣିପାରନ୍ତି ଯେ କେହି ଆପଣଙ୍କ ପାନ୍ ରୁ ଜାଲ୍ କରି ଋଣ କରିଛି । ତେବେ ପ୍ରଥମେ ସେହି ବ୍ୟାଙ୍କ କିମ୍ବା ଋଣଦାତାଙ୍କୁ ଜଣାନ୍ତୁ। କ୍ରେଡିଟ୍ ବ୍ୟୁରୋରେ ଅଭିଯୋଗ ମଧ୍ୟ କରନ୍ତୁ। ଆପଣ ଅଧିକାଂଶ ବ୍ୟୁରୋର ୱେବସାଇଟରେ ଅନଲାଇନରେ ଏକ ବିବାଦ ପଞ୍ଜିକରଣ କରିପାରିବେ।

## ଚଳିତ ବର୍ଷ ୨୪ ହଜାର ଛଟେଇ କରିବ ଇଣ୍ଟେଲ୍




**ନୂଆଦିଲ୍ଲୀ,୨୬।୭:** ବଡ଼ଧରଣର ଛଟେଇ କରିବ ବିଶ୍ୱର ପ୍ରମୁଖ ସେମିକଣ୍ଡକ୍ଟର କମ୍ପାନୀ ଇଣ୍ଟେଲ୍। କମ୍ପାନୀ ଚଳିତ ବର୍ଷ ନିଜ ଶ୍ରମ ବଳର ଏକ ଚତୁର୍ଥାଂଶ ଅର୍ଥାତ ୨୪,୦୦୦ ରୁ ଅଧିକ କର୍ମଚାରୀ (୩୨.୬୬%) ଛଟେଇ କରିବ। ନୂଆ ସିଇଓ ଲିପ୍-ବୁ ତାନଙ୍କ ନେତୃତ୍ୱରେ ଖର୍ଚ୍ଚ କାଟ ଏବଂ ରିଷ୍ଟ୍ରକ୍ଚର ପାଇଁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି ବୋଲି ସୂଚନା ମିଳିଛି। ଏଥିସହିତ ଇଣ୍ଟେଲ୍, ଜର୍ମାନୀ ଏବଂ ପୋଲାଣ୍ଡରେ ଏହାର ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକୁ ମଧ୍ୟ ବାତିଲ କରିଛି। କାରଣ କମ୍ପାନୀ ଏହାର ଆର୍ଥିକ ସ୍ଥିତିକୁ ଉନ୍ନତ କରିବାକୁ ଏବଂ ବଜାରରେ ପ୍ରତିଯୋଗିତାକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଥିବାରୁ ଦେଖି ରଖି ପଦକ୍ଷେପ ନେଇଛି। ୨୦୨୪ ଶେଷ ସୁଦ୍ଧା, ଇଣ୍ଟେଲର ମୋଟ କର୍ମଚାରୀ ସଂଖ୍ୟା ୯୯,୫୦୦ ଥିଲା। ଛଟେଇ ପରେ, ୨୦୨୫ ଶେଷ ସୁଦ୍ଧା ଏହି ସଂଖ୍ୟା ୭୫,୦୦୦କୁ ହ୍ରାସ ପାଇବ। କର୍ମଚାରୀମାନଙ୍କୁ ଲେଖିଥିବା ଏକ ଚିଠିରେ, ସିଇଓ ତାନ୍ କମ୍ପାନୀର ନିଷ୍ପତ୍ତିକୁ ଏକ କଠିନ ଏବଂ ଆବଶ୍ୟକୀୟ ନିଷ୍ପତ୍ତି ବୋଲି ବର୍ଣ୍ଣନା କରିଛନ୍ତି। ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକରେ, କମ୍ପାନୀ ପରିଚାଳନା ସ୍ତରକୁ ଅଧା କରିସାରିଛି। ଏହାର ପୁନର୍ଗଠନ ପାଇଁ ଖର୍ଚ୍ଚ ୧.୯ ବିଲିୟନ ଅର୍ଥାତ୍ ୧୬,୪୫୦ କୋଟି ଟଙ୍କା ଖର୍ଚ୍ଚ ରେକର୍ଡ କରାଯାଇଛି।

## ଆଜିର ସୁନା ଦର



ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି କି ? ତେବେ ଆପଣଙ୍କ ପାଇଁ ଖୁସି ଖବର ଆସିଛି । ତେବେ ଆଜି ସୁନା କିଣିବାକୁ ଯାଉଥିଲେ ନଜର ପକାନ୍ତୁ ଆଜି ଓଡ଼ିଶାରେ କେତେ ରହିଛି ସୁନା ଦର? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୯,୯୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯,୯୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୬୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୬୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୦, ୦୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୭୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୯୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୬୦୦ ଟଙ୍କା ରହିଛି ।

## ଆଜିର ପେଟ୍ରୋଲ, ଡିଜେଲ ଦର



ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି । ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍ । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି ।

# ସୌନ୍ଦର୍ଯ୍ୟକରଣ ନାଁରେ ଚାଲିଛି ମନମାନୀ

◆ ଡ୍ରେନ ଅବରୋଧ କରି ମୁନିସିପାଲିଟି ଚଳାଇଛି ବେଆଇନ ନିର୍ମାଣ କାମ ◆ ରାସ୍ତା ଉପରେ ଜମି ରହୁଛି ଆଣ୍ଠୁଏ ପାଣି

**ବଲାଙ୍ଗିର, ୨ ୬।୭ (ସଂଚାର ବ୍ୟୁରୋ):** ସହରର ମଧ ଭାଗରେ ଥିବା ଭାଗିରଥି ଛକରୁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବଲାଙ୍ଗିର ମୁନିସିପାଲିଟି ଗତ ୧୧ମାସ ହେଲା ସହର ସୌନ୍ଦର୍ଯ୍ୟ କରଣ ନାଁରେ ବିଭିନ୍ନ ସ୍ଥାନରେ ଛୋଟଛୋଟ ବାଡଦେଇ ଉପରେ ଲୁହା ଲାଗାଇ ଅଧାକାମ କରି ଛାଡି ଦେଇଛି। ଏହା ଯୋଗୁଁ ସ୍ଥାନେ ସ୍ଥାନେ ପାଣି ଜମି ରହୁଛି ଏବଂ ଅନାବନା ଗଛ ଉଠି ସ୍ଥାନୀୟ ପରିବେଶକୁ ଖରାପ କରିବା ସହ ମଶାଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରୁଛି। ଯେହେତୁ ଏହି କାମ ଏନଏଚ-୨୬ ରାସ୍ତା କଡରେ ମୁନିସିପାଲିଟି କରିଛି ତେବେ ଏନଏଚ ବିଭାଗରୁ ଅନୁମତି ନେବା କଥା। କିନ୍ତୁ ବଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ଏହି କାମ ପାଇଁ ବଲାଙ୍ଗିର ମୁନିସିପାଲିଟି ଏନଏଚ ବିଭାଗରୁ କୌଣସି ଅନୁମତି ପାଇନାହିଁ। ଅନ୍ୟପଟେ ଡ୍ରେନ ଉପରେ ଏହି କାମ ହୋଇଥିବା ଏବଂ ଠିକାଦାର ମାଟି ପୋତି ଦେଇଥିବାରୁ ଅସରାଏ ବର୍ଷା ହେଲେ ଟିପିଡବ୍ଲୁଓଡିଏଲ ଓ ପୂର୍ତ୍ତ ବିଭାଗ ସମ୍ମୁଖ କାର୍ଯ୍ୟାଳୟରେ ଆଣ୍ଠୁଏ ପାଣି ଜମି ରହୁଛି। ଏହକୁ ଦେଖି ମୁନିସିପାଲିଟିର ଏହା ସହରର ସୌନ୍ଦର୍ଯ୍ୟ କରଣ କାମ ନୁହେଁ ବରଙ୍ଗ ଅସୁନ୍ଦରୀକରଣ ବୋଲି ଚର୍ଚ୍ଚା ହେଉଛି।




ପ୍ରକାଶ ଯେ, ବଲାଙ୍ଗିର ମୁନିସିପାଲିଟି ଭାଗିରଥି ଛକ ରୁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା କଡରେ ବିଭିନ୍ନ ସ୍ଥାନରେ ଦୀର୍ଘ ୧୧ମାସ ହେଲା ସୌନ୍ଦର୍ଯ୍ୟ କରଣ ନାଁରେ ବେଆଇନ ଭାବରେ ନିର୍ମାଣ କାମ ଚଳାଇଛି। ଯେହେତୁ ଏହି କାମ ଏନଏଚ-୨୬ ରାସ୍ତକୁ ଲାଗିକି ହେଉଛି ଏବଂ ଅନ୍ୟପଟେ ଚିଲ୍ଡରେନ୍ ପାର୍କ ଅଛି। ତେଣୁ ରାସ୍ତା ସଂକୋଚନ ହୋଇ ରାସ୍ତା ଛୋଟ ହୋଇଯିବାରୁ ପ୍ରତ୍ୟେକ ଦିନ ଛୋଟମୋଟ ଦୁର୍ଘଟଣାମାନ ହେଉଛି। ଏହି କାମ ଯୋଗୁଁ ରାସ୍ତା ସଂକୋଚନ ହେବା ଏବଂ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେବାରୁ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି। ତେଣୁ ଲୋକେ ଏନେଇ ଜିଲ୍ଲାପାଳ ଏବଂ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତା ପରେ ବି କୌଣସି ଲାଭ ନାହିଁ। କେବଳ ଠିକାଦାର ପୋସା ନିତି ଯୋଗୁଁ ବଲାଙ୍ଗିର ମୁନିସିପାଲିଟି ଏକ ସୁନ୍ଦର ସହରକୁ ଅସୁନ୍ଦର କରିବାରେ ଲାଗି ପଡ଼ିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେବା ସହ ତୁରନ୍ତ ଏହି ବେଆଇନ ନିର୍ମାଣକୁ ଭାଙ୍ଗିବାକୁ ଆଦେଶ ଦେବାକୁ ଦାବି ହେଉଛି।

## ପାଣିରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

**ବାଲିଆପାଳ, ୨ ୬।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିପାଳ ବ୍ଲକ ମହାବଳା ଗାଁ ରେ ଏକ ଅଭାବନୀୟ ଘଟଣା ଘଟିଛି। ପାଣିରେ ବୁଡି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି ଯୁବତୀଙ୍କ ମୃତ୍ୟୁକୁ ନେଇ ଆଖପାଖ ଗାଁ ରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନା ଅନୁସାରେ ମହାବଳା ଗାଁ ର ପ୍ରଦୀପ କୁମାର ସିଂ ଙ୍କ ସାନ ଝିଅ ବିନୟା ସିଂ(୩୮) ସକାଳୁ ଘରେ କାହାରିକୁ ନଜଣାଇ କୁଆଡେ ଚାଲିଯାଇଥିଲେ। କିଛି ଘଣ୍ଟା ପରେ ଘର ଲୋକେ ଖୋଜା ଖୋଜି କରିବାରୁ ବାଡ଼ି ପଟେ ଦେଇ ଯାଇଥିବା ନଦୀରେ ଝିଅଟି ଭାସୁ ଥିବାର ଦେଖିବାକୁ ପାଇଥିଲେ। ପାଣିରେ ଭାସୁଥିବା ଦେଖି ମା ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀଙ୍କ ସହଯୋଗ ରେ ଯୁବତୀଙ୍କୁ ପାଣିରୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, କିନ୍ତୁ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିଆପାଳ ପୋଲିସ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଥିଲେ। ବିନୟା ଘରର ସମସ୍ତ ଦାୟିତ୍ୱ ନିଜେ ବୁଝିବା ସହ ଗାଁ ଗାଁ ବୁଲି ବହୁ ଲୋକଙ୍କୁ ସରକାରୀ ଯୋଜନା ପାଇଁ ଆବଶ୍ୟକ ହେଉଥିବା ସରକାରୀ ପ୍ରମାଣପତ୍ର ପାଇବାରେ ସହଯୋଗ କରୁଥିଲେ ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଞ୍ଚଳର ବହୁ ସେବାକେନ୍ଦ୍ର ର ମାଲିକ ଏବଂ ଜନସାଧାରଣ ଦୁଃଖ ପ୍ରକାଶ କରିଛନ୍ତି

## ବରିଷ୍ଠ ସାମ୍ବାଦିକ ରାଜ କୁମାର ମାହାଣାଙ୍କ ବିୟୋଗ



**ସୁବର୍ଣ୍ଣପୁର, ୨ ୬।୭ (ସଂଚାର ବ୍ୟୁରୋ):** ଆଜି ସକାଳ ଭୋର ୫.୩୦ରେ ଖବର କାଗଜ ବିତରଣ ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକର ବରିଷ୍ଠ ସାମ୍ବାଦିକ (ପ୍ରମେୟ ପ୍ରତିନିଧି) ତଥା ଓଡ଼ିଶା ସାମ୍ବାଦିକ ସଂଘର ଜିଲ୍ଲା ଉପଦେଷ୍ଟା ରାଜ କୁମାର ମାହାଣା (୭୬) ଙ୍କ ବଲାଙ୍ଗୀର ମେଡିକାଲରେ ମୃତ୍ୟୁ ଘଟିଛି। ଏ ଖବରରେ ତରଭା ସୋନପୁର ବଲାଙ୍ଗୀର ଅଞ୍ଚଳ ସମେତ ସାରା ଓଡ଼ିଶାରେ ସାମ୍ବାଦିକ ମହଲରେ ଶୋକ ଖେଳି ଯାଇଛି। ସେ ଜଣେ ଅତି ଭଦ୍ର, ସରଳ, ନମ୍ର ସହ ଅମାୟିକ ବ୍ୟକ୍ତିତ୍ୱ ଖୁବ୍ ଲୋକ ପ୍ରୀୟତା ହାସଲ କରିଥିଲେ। ନିଷ୍ଠା ଓ ନିର୍ଭୀକତାର ସହିତ ସାମ୍ବାଦିକତା ବୃତ୍ତିରେ ଶେଷ ଦିନ ଶେଷ ନିଃଶ୍ୱାସ ଯାଏ କାର୍ଯ୍ୟ କରି ଆସିଥିଲେ। ଶ୍ରୀ ମାହାଣା ଚାରି ମାସ ପୂର୍ବରୁ ଗୁରୁତର ଅସୁସ୍ଥତା କାରଣରୁ ବିକାଶ ବରଗଡ଼ ମେଡିକାଲରେ ଦୀର୍ଘଦିନ ଚିକିତ୍ସିତ ହୋଇ ଜୀବନ ମରଣ ସହ ବହୁ ସଂଘର୍ଷ କରି ସୁସ୍ଥ ହୋଇ ଥିଲେ ଓ ପୁଣି ଏକ ନୂଆ ଜୀବନ ଯାପନ ଆରମ୍ଭ କରିଥିଲେ। ସଂଘ କର୍ମକର୍ତ୍ତା ଓ ସୁବର୍ଣ୍ଣପୁରର ପ୍ରାକ୍ତନ ଏସପି ରାମ ପ୍ରସାଦ ସାହୁ ତାଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ଯୋଗାଇ ଉତ୍ସାହିତ କରିଥିଲେ। ଆଜି ଏ ଖବରରେ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜ, ସମ୍ପାଦକ ଦୁର୍ଯୋଧନ ମହାରଣା ଉପ ସଭାପତି ଦୀପକ କୁମାର , ଓ ରମଣୀ ରଞ୍ଜନ ଦାସ ଗଭୀର ଶୋକ ପ୍ରକାଶ କରିଥିବା ବେଳେ ସୁବର୍ଣ୍ଣପୁର ସମେତ ସମସ୍ତ ଜିଲ୍ଲାର କର୍ମକର୍ତ୍ତା ଶୋକ ପ୍ରକାଶ କରିଛନ୍ତି। ତରଭା ବ୍ରିଜ ଶ୍ମଶାନ ଘାଟ ରେ ଶ୍ରୀ ମାହାଣା ଙ୍କ ଅନ୍ତିମ ସଂସ୍କାର କରା ଯାଇଥିବା ବେଳେ ବଡ ପୁଅ ଜିତେନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ।

## ଲୋକପ୍ରିୟ ଆଶାକର୍ମୀ ସୁକାନ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ



**ନୀଳଗିରି, ୨ ୬।୭ (ସଂଚାର ବ୍ୟୁରୋ):** ଗତ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ନୀଳଗିରି ବ୍ଲକ ଭଉଁରିଆଁବାଡ଼ ପଞ୍ଚାୟତ ଜଡ଼ିବାଲି ଗ୍ରାମର ଲୋକପ୍ରିୟ ଆଶାକର୍ମୀ ସୁକାନ୍ତି ନାୟକଙ୍କ ମୃତ୍ୟୁ ହୋଇଥିଲା। ଶନିବାର ମଧାହ୍ନରେ ମର ଶରୀର ଜଡ଼ିବାଲି ଗ୍ରାମର ପହଞ୍ଚିବା ପରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷ ଦର୍ଶନ ପାଇଁ ନୀଳଗିରି ବ୍ଲକ ସଜନାଗଡ ଓ ଅଯୋଧା ସେକ୍ଟର ର ସମସ୍ତ ଆଶା କର୍ମୀ, ନୀଳଗିରି ଅଞ୍ଚଳର ବରିଷ୍ଠ ସମାଜସେବୀ ଗୌରୀଶଙ୍କର ପଣ୍ଡା, ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ନିଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମି ମାଝୀ, ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ମଦନମୋହନ ମାଝୀ, ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ, ସ୍ଥାନୀୟ ସାହି ବାସିନ୍ଦା ତାଙ୍କ ଶେଷଦର୍ଶନ କରିବା ସହିତ ମରଶରୀରରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏପରି ଦୁଃଖଦ ସମୟରେ ଶୋକ ସନ୍ତପ୍ତ ପରିବାରବର୍ଗ ପ୍ରତି ସେ ସମବେଦନା ଜଣାଇଥିଲେ। ପରେ ସମାଜସେବୀ ଗୌରୀଶଙ୍କର ପଣ୍ଡା ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଏଭଳି ଦୁଃଖଦ ସମୟରେ ଧର୍ଯ୍ୟ ଧରିବାକୁ ସାନ୍ତ୍ୱନା ଦେବା ସହ ଶବସତ୍କାର ପାଇଁ ଆର୍ଥିକ ସାହାଯ୍ୟ କରିଥିଲେ। ଶେଷକୃତ୍ୟ ଗ୍ରାମ ମଶାଣିରେ ସମ୍ପନ୍ନ କରାଯାଇଥିବା ବେଳେ ପରିବାର ବର୍ଗ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ଗତ ଶୁକ୍ରବାର ସନ୍ଧ୍ୟା ସମୟରେ ଜଡ଼ିବାଲି ଗ୍ରାମର ଆଶାକର୍ମୀ ସୁକାନ୍ତି ନାୟକ (୪୦) ଓ ତାଙ୍କ ଝିଅ ନମିତା ନାୟକ (୨୪) ଏବଂ ଭଣଜା ସଞ୍ଜୟ କବାଟ (୩୧)ଙ୍କ ସହିତ ଏକ ବାଇକ ସାହାଯ୍ୟରେ ଜଣେ ସମ୍ପର୍କୀୟ ଘରକୁ ଯାଉଥିବା ସମୟରେ ପଥରେଶ୍ୱର ପୋଲ ନିକଟରେ ଏକ ମାଛବୋଝେଇ କଣ୍ଟେନର ଧକ୍କା ଦେଇଦେବା ଫଳରେ କଣ୍ଟେନରର ପଛ ଚକା ସୁକାନ୍ତିଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଇକ ଆରୋହୀ ସଞ୍ଜୟ ଓ ନମିତାଙ୍କୁ ଗୁରୁତର ଅବସ୍ଥାରେ ଲୋକମାନେ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ମୃତ ସୁକାନ୍ତି ନାୟକଙ୍କୁ ବାଲେଶ୍ୱର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ରାଜୀବ ରଞ୍ଜନ ସେନାପତି ବିଜେଡିର ବ୍ଲକ ସଭାପତି



**ବୈଶିଙ୍ଗା, ୨ ୬।୭ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନରେ ଇତି ମଧରେ ନିର୍ବାଚିତ ପ୍ରତିନିଧି ଙ୍କ ନାମ ପ୍ରକାଶ ପାଇଛି । ବିଜେଡି ର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା (୧) ର ନିର୍ବାଚନ ଅଧିକାରୀ ଅନନ୍ତ ଦାସ ୨୫ ତାରିଖ ସନ୍ଧ୍ୟାରେ ଏକ ପ୍ରେସ ବିଜ୍ଞପ୍ତି ମାଧମରେ ୧୫ ଗୋଟି ବ୍ଲକର ଦଳୀୟ ବ୍ଲକ ସଭାପତି ଙ୍କ ନାମ ଘୋଷଣା କରିଛନ୍ତି। ସେଥି ମଧରୁ ବେତନଟୀ ବ୍ଲକ ପାଇଁ ଉଦୀୟମାନ ଯୁବକ ରାଜୀବ ରଞ୍ଜନ ସେନାପତି (ଜିତୁ ଭାଇ)ଙ୍କ ନାମ ଘୋଷଣା କରାଯାଇଥିବାର ଚିଠି ଆମ୍ଭର ହସ୍ତଗତ ହୋଇଛି । ଶ୍ରୀ ସେନାପତି ଦୀର୍ଘ ଦିନ ଧରି ଦଳୀୟ କାର୍ଯ୍ୟକ୍ରମ ରେ ଭାଗ ନେଇ ନିଜର ପାରଦର୍ଶୀତା ପ୍ରତିପାଦନ କରି ପାରିଥିବାର ଜଣାଯାଇଛି । ଆଗକୁ ପଞ୍ଚାୟତ ନିର୍ବାଚନ ଆସୁ ଥିବାରୁ ଦଳର ବରିଷ୍ଠ କର୍ମକର୍ତ୍ତା, ଦଳୀୟ ପଞ୍ଚାୟତ ସଭାପତି ତଥା ନୂତନ କର୍ମୀଙ୍କୁ ନେଇ ସମନ୍ୱୟ ରଖିପାରିଲେ ନିର୍ବାଚନ ବୈତରଣୀ ପାରି ହୋଇ ପାରିବାର ଯଥେଷ୍ଟ ସମ୍ଭାବନା ରହିଛି । ବ୍ଲକ୍ ସଭାପତି ଦାୟିତ୍ୱ ନେବା ପରେ ଶ୍ରୀ ସେନାପତି ତାଙ୍କ ବକ୍ତବ୍ୟରେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଙ୍କୁ ଅଶେଷ ଅଶେଷ ଧନ୍ୟବାଦ୍ ଜଣାଇଛନ୍ତି । ଏଥି ସହିତ ଜିଲ୍ଲା ସଭାପତି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଏବଂ ଦଳକୁ ସୁସଙ୍ଗଠିତ କରିବାର ପ୍ରୟାସ ଜାରି ରଖିବାର ପ୍ରତିଶ୍ରୁତି ଦେଇଛନ୍ତି।

## ରୋଜଗାର ଆଶାରେ ଯାଇଥିବା ଯୁବକଙ୍କ ଫେରୁଛି ମୃତଦେହ



**ମ.ରାମପୁର, ୨ ୬।୭ (ସଂଚାର ବ୍ୟୁରୋ):** ଦାଦନ ସମସ୍ୟା ରୋକିବାକୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ ହେଁ ଅନେକ ସମୟରେ ଲୋକେ ରୋଜଗାର ଆଶାରେ ବିଭିନ୍ନ ରାଜ୍ୟ କୁ ଯାଇ କାମ କରିବା ସହ ନିଜ ଗୁଜୁରାଣ ମେଣ୍ଟାଇ ଥାଆନ୍ତି ତ କେହି କେହି ସେଠାକାର

**ଅସହ୍ୟ ଦାଦନ ଦୁଃଖ**

ମାଲିକଙ୍କ ନିର୍ଯାତନାର ଶିକାର ହୋଇ ଜୀବନ ହରେଇ ଥାନ୍ତି। ଏଭଳି ଏବେ ପୁଣି ଜଣେ ଦାଦନ ଖଟିବାକୁ ଯାଇଥିବା ଯୁବକଙ୍କ ପରଲୋକ ପରେ ଶବ ଗାଁ ଫେରୁଥିବା ଜଣାପଡ଼ିଛି।

ପ୍ରାପ୍ତ ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ମାଣିକେରା ଗ୍ରାମ ପଞ୍ଚାୟତ ଟାପରେଙ୍ଗ ଗ୍ରାମର ଜମଧର ନାଗ(୨୪) ଙ୍କ ପୁଅ ଥମାସ ନାଗ ଗତ ରଥଯାତ୍ରା ବେଳେ ତାମିଲ ନାଡୁକୁ କାମ କରିବାକୁ ଯାଇଥିବା ବେଳେ ସେଠାରେ ତାଙ୍କର ଏକ ଡ଼ାକ୍ତରଖାନାରେ ପରଲୋକ ହୋଇଯାଇଛି । ତେବେ ମୃତ୍ୟୁର କାରଣ ସ୍ପଷ୍ଟ ଜଣା ପଡ଼ିନାହିଁ । ଅନ୍ୟପଟେ ତାମିଲନାଡୁରୁ ତାଙ୍କ ଶବ ଏବେ ଗାଆଁକୁ ଫେରୁଛି। ଆସନ୍ତାକାଲି ଶବ ଗାଆଁରେ ପହଞ୍ଚିବ ବୋଲି ମୃତକଙ୍କ ଜଣେ ଦୂର ସମ୍ପର୍କୀୟ ସୂଚନା ଦେଇଛନ୍ତି । ଅବିବାହିତ ଯୁବକ ଥମାସଙ୍କ ଏମିତି ଅକାଳ ବିୟୋଗରେ ବନ୍ଧୁ ପରିଜନ ସହ ନିଜସ୍ୱ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବ୍ୟାସନଗର ବିକାଶରେ ଲାଗିଛି ବ୍ରେକ



**ଯାଜପୁର ରୋଡ଼, ୨ ୬।୭ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଆଗାଉ ନଥିବା ଯୋଗୁଁ ଏବେ ବିଭିନ୍ନ ମହଲରେ ଅସନ୍ତୋଷ ବଢୁଛି। ଏହାରି ଭିତରେ ଭିତରେ ଜିଲ୍ଲାପାଳଙ୍କ ବି ବଦଳି ହୋଇଗଲାଣି । ନିର୍ବାହୀ ଅଧିକାରୀ ବି ଛୁଟିରୁ ଫେରି କାର୍ଯ୍ୟରେ ଯୋଗଦେଲେଣି। ହେଲେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଟେଣ୍ଡର ହୋଇପାରୁନି। ଯାହାକୁ ନେଇ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନ ଦେଇଛନ୍ତି ଅଧକ୍ଷ ସୁବାସ ବଳଙ୍କ ସହ ପାରିଷଦ ବିଜୟ କୁମାର ଜେନା, ଶିବାନନ୍ଦ ନାୟକ, କୁନି ହାସଦା, ବୁଦୁନୀ ଦରାଇ, ମୋନାଲିସା ସାହୁ, ଅରୁନ୍ଧତୀ ପରିଡ଼ା, ସିଦ୍ଧାର୍ଥ ଶଙ୍କର ସାମଲ, ଅନ୍ନପୂର୍ଣ୍ଣା ଦରାଇ, ସରୋଜୀନୀ ନାୟକ, ସରିତା ଜେନା, ରଶ୍ମିତା ଖୁଂଟିଆ, ଉର୍ମିଳା ପରିଡ଼ା, ସୁଜାତା ପ୍ରୀୟଦର୍ଶନୀ ପରିଡ଼ା, ରବିନ୍ଦ୍ର ରାଉତ୍, ସରୋଜୀନୀ ନାୟକ, ଦିଲୀପ ସେଠୀ, ଅଶୋକ ଦାସ, ସନ୍ତୋଷ ବରାଳ, ପାର୍ଥସାରଥି ନାୟକ ପ୍ରମୁଖ।

ଖବରର ଆଧାରରୁ ମିଳିଥିବା ସୂଚନା ଅନୁସାରେ ୨୬/୬/୨୫ ତାରିଖରେ ଟେଣ୍ଡର ପ୍ରକ୍ରୀୟା ଉପରେ ଆଲୋଚନା ହୋଇଥିଲା ସପ୍ତାହ ଭିତରେ ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟକାରୀ ହେବାର ପ୍ରତିଶ୍ରୁତି ମିଳିଥିଲା। ହେଲେ ଇତିମଧରେ ମାସେ ହୋଇଯାଇଥିଲେ ବି ଟେଣ୍ଡର ଉପରେ କୌଣସି ନିଷ୍ପତି ନିଆଯାଉନି। କାଉନସିଲର ବୈଠକରେ ପାରିତ ଟେଣ୍ଡରକୁ କାର୍ଯ୍ୟକାରୀ ନକରିବା ଫଳରେ ବ୍ୟାସନଗର ବିକାଶ ଅଟକି ରହିଛି ବୋଲି ପାରିଷଦମାନେ ଆଲୋଚନା କରୁଥିବା କଥା ପଦାକୁ ଆସିଛି। ତେବେ ଆଗକୁ କ'ଣ ହେଉଛି ଓ ସହରର ବିକାଶ ଗାଡ଼ି କେମିତି ଚାଲିବ ତାହା ଜନସାଧାରଣ ମାନଙ୍କୁ ଦେଖିବାକୁ ବାକି ରହିଛି।

## ସିଆରପିଏଫ୍ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ




**ଲାଞ୍ଜିଗଡ଼, ୨ ୬।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ଆଦିବାସୀମାନେ ଜଙ୍ଗଲ କାଟି ପୋଡୁଚାଷ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ହେଲେ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି ହେବା ବଦଳରେ ଦିନକୁ ଦିଅ ଜଙ୍ଗଲ ନଷ୍ଟ ହେବା ସହ ବନ୍ୟପ୍ରାଣୀ ଖାଦ୍ୟ ଅନେଶ୍ୱଣ ପାଇଁ ଗାଁ ବସତି ମୁହାଁ ହେଉଥିବା ବେଳେ ଅନେକ ଲୋକଙ୍କ ଧନ ଜୀବନ ମଧ୍ ନଷ୍ଟ ହେଉଛି। ତେବେ ଅଧିକରୁ ଅଧିକ ଗଛ ଲଗାଇ ଅଞ୍ଚଳରେ ସବୁଜିମା ବୃଦ୍ଧି କରିବା ସହ ଲୋକଙ୍କ ମଧରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଇ/୦୪ ବାଟାଲିୟନ ପୋଲିସ୍ ବାହିନୀ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସିଆରପିଏଫ ୦୪ର୍ଥ ବାଟାଲିୟନ କମାଣ୍ଡେଣ୍ଟ ଫିରୋଜ କୁଜୁରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶନିବାର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ବିଜେପୁର ସ୍ଥିତ ସିଆର୍ ପିଏଫ୍ କ୍ୟାମ୍ପ ପରିସରରେ ଇ/୦୪ କମ୍ପାନୀ କମାଣ୍ଡର ଟି.ରାଧାକ୍ରିଷ୍ଣାଙ୍କ ନେତୃତ୍ୱରେ ପୋଲିସ ବାହିନୀ ଓ ଅଧିକାର ଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ୨୫୦ ରୁ ଉର୍ଦ୍ଧ ବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେପୁର ବନପାଳ ପଦ୍ମଲୋଚନ ଶବର,ବାଟାଲିୟନ୍ ପୋଲିସ ବାହିନୀର ସେକେଣ୍ଡ କମାଣ୍ଡର ପି.ଆପା ରାଓ, ବିଜେପୁର ହାଇସ୍କୁଲ ଶିକ୍ଷକ ଛାତ୍ର ଛାତ୍ରୀଙ୍କ ସମେତ ସମସ୍ତ ଯବାନ ମାନେ ଅଂଶଗ୍ରହଣ କରି ବୃକ୍ଷ ରୋପଣ ସହିତ ପରିବେଶ ସୁରକ୍ଷା ପ୍ରତି ସେମାନଙ୍କର ଦାୟିତ୍ୱ ପ୍ରଦର୍ଶନ କରିଥିଲେ । ଅଧିକ ରୁ ଅଧିକ ଗଛ ଲଗାଇ ଅଞ୍ଚଳରେ ସବୁଜିମା ବୃଦ୍ଧି କରିବା ଏବଂ ଲୋକଙ୍କ ମଧରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଇ/୦୪ କମ୍ପାନୀ ବାଟାଲିୟନ କମାଣ୍ଡର ଟି.ରାଧା କ୍ରିଷ୍ଣା ମତପ୍ରକାଶ କରିଥିବା ବେଳେ ବାଟାଲିୟନ ପୋଲିସ ବାହିନୀର ସମସ୍ତ ଯବାନ ସହଯୋଗ କରିଥିଲେ।

## ମର୍ଡରର ଜିଲ୍ଲା ପାଲଟିଛି ଗଞ୍ଜାମ: ରଜନୀ



**ହିଞ୍ଜିଳିକାଟୁ, ୨ ୬।୭ (ସଂଚାର ବ୍ୟୁରୋ):** ଶନିବାର ଅପରାହ୍ନରେ ହିଞ୍ଜିଳି କଂଗ୍ରେସର ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀ କରି ଗଞ୍ଜାମ ଜିଲ୍ଲା ବର୍ଷେ ଭିତରେ ମର୍ଡରର ଜିଲ୍ଲା ପାଲଟିଥିବା ନେଇ ବର୍ଷିଛନ୍ତି ।

ଖଲିଙ୍ଗିରେ ୫ବର୍ଷର ଝିଅକୁ ଦୁଷ୍କର୍ମ କରି ମର୍ଡର କରାଯାଇଥିବା ବେଳେ ଗୋପାଳପୁର ବେଳାଭୂମିରେ ଜଣେ ଝିଅକୁ କିଛି ଯୁବକ ଦୁଷ୍କର୍ମ କରାଯାଇଥିଲା । ପରେ କରାପଲ୍ଲୀରେ ଗୋଟେ ଝିଅକୁ ମୁସଲିମ ପୁଅ ମର୍ଡର କରିଥିଲା ପରେ ଜାହାଡ଼ା ପଞ୍ଚାୟତରେ କଙ୍ଗାରୁ କୋର୍ଟ ହୋଇଥିବା ବେଳେ ଗତ ୪-୫ ଦିନ ତଳେ ପୋଲସରା ଅଞ୍ଚଳରେ ବଜ଼ାର ଉପରେ ଜଣେ ଯୁବକଙ୍କୁ ମର୍ଡର ହୋଇଥିଲା । ପରେ ଶୁକ୍ରବାର ସନ୍ଧ୍ୟାରେ ଶେରଗଡ଼ ବ୍ଲକ ଅନ୍ତର୍ଗତ ସୁନାନ୍ତର ଗାଁରେ ବି ଗୁଳି ଏବଂ ବୋମା ଫୁଟିଥିଲା । କିଛି ମାସ ପୂର୍ବରୁ ଜଣେ ଯୁବକ ସୋସିଆଲ ମିଡିଆରେ ମୋତେ ମାଉଜର ଦେଖାଇ ଧମକ ଦିଆଯାଉଛି ନେଇ ପୋଷ୍ଟ କରିଥିଲେ । ପରେ ଯୁବକ ଜଣକ ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ହିଞ୍ଜିଳି ଥାନା ଅଧିକାରୀ ଏହି କଥାକୁ ଗୁରୁତ୍ୱ ଦେଇନଥିଲେ । ହିଞ୍ଜିଳି ଅଞ୍ଚଳରେ ଘରେ ଘରେ ମଦ ଦୋକାନ ଏବଂ ଆଖପାଖ ଅଞ୍ଚଳରେ ବାଲି ମାଫିଆ ମାନେ ଅଧିକ ସକ୍ରିୟ ହୋଇଛନ୍ତି ନେଇ କହିଛନ୍ତି ।

କଂଗ୍ରେସ ସବୁବେଳେ ସଜାଗ ରହିଛି ଓ ବହୁ ଶୀଘ୍ର ହିଞ୍ଜିଳିରେ ମଦ ବନ୍ଦ ହେବ ଏବଂ ଗୁଣ୍ଡା ମାନଙ୍କୁ ଚାଲିବାକୁ ଦିଆଯିବନି ନେଇ କହିଥିଲେ। ସରକାର ଗୁଣ୍ଡା ମାନଙ୍କୁ ଡରୁଥିବା ବେଳେ ଭିତିରି ପ୍ରିୟାପ୍ରୀତି ରହୁଥିବା ଯୋଗୁଁ ଦମନ କରିପାରୁନି ନେଇ କହିଥିଲେ। ଆଗାମୀ ଦିନରେ ସରକାର ଗୁରୁତ୍ୱ ଦେଇ ବେଆଇନ କାର୍ଯ୍ୟ ରୋକିବା କରନ୍ତୁ ନଚେତ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ନେଇ କଂଗ୍ରେସ ପ୍ରାଥି ଶ୍ରୀପାଢ଼ୀ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀ ଆଶିଷ କୁମାର ପାଢ଼ୀ, ରବୀନ୍ଦ୍ର ବୈଠାରୁ ଓ ଭୁବନେଶ୍ୱର ନାୟକ ଉପସ୍ଥିତ ଥିଲେ।

## ଗଜବନ୍ଧ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



**ସୁବର୍ଣ୍ଣପୁର, ୨ ୬।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗଜବନ୍ଧ ରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ କିଶୋର କୁମାର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମପୁର ସିଆରସିସି ପ୍ରଦୀପ୍ତ କିଶୋର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଭାବେ କଳିଙ୍ଗ ଉଚ୍ଚ ମାଧମିକ ବିଦ୍ୟାଳୟ ପଧାନପାଲିର ଅଧକ୍ଷ ଭାଗିରଥି ମେହେର ଯୋଗଦେଇ ବିଜ୍ଞାନ ଓ ଭାରତୀୟ ସଂସ୍କୃତିର ସମନ୍ୱୟ ଦ୍ୱାରା ବିଶ୍ୱର କଲ୍ୟାଣ ନିହିତ ବୋଲି ମତବ୍ୟକ୍ତ କରିଥିଲେ। ଭୀମଟିକ୍ରା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସ୍ୱାଗତିକା ବିଶି , ସାଲେପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପଦ୍ମାସିନୀ ପାଢ଼ୀ , ଚନ୍ଦଳୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବାସୁଦେବ ବିଶ୍ୱାଳ ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଗୁରୁମା ଗାୟତ୍ରୀ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଡୋଲାମଣି ସେଠ୍ କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ରାକ ଶିଶୁ ବର୍ଗରୁ ୬୫ ଟି ପ୍ରକଳ୍ପ, ଶିଶୁ ବର୍ଗରୁ ୧୮ ଟି ପ୍ରକଳ୍ପ ଓ ବାଳ ବର୍ଗରୁ ୧୪ ଟି ପ୍ରକଳ୍ପ ଶିଶୁ ଭାଇଭଉଣୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଗ୍ରହଣ କରିଥିବା ଶିଶୁ ଭାଇ ଭଉଣୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁବର୍ଗ ଓ ବାଳ ବର୍ଗ ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭାଇ ଭଉଣୀ ସଂକୁଳ ସ୍ତର ରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗଣିତ ପ୍ରମୁଖ ଗୌତମ ଭୋଇ ଗଣିତ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ପ୍ରମୁଖ କପିଳେଶ୍ୱର ପାଣ୍ଡେ ବିଜ୍ଞାନ ପ୍ରଶ୍ନମଞ୍ଚ ପରିଚାଳନା କରିଥିଲେ। ଏହାକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ. ଶିକ୍ଷୟିତ୍ରୀଙ୍କ ମେମତ ଅବିଭାବକ ସମିତି, ପୂର୍ବତନ ଛାତ୍ର ପରିଷଦ ଓ ବିଦ୍ୟାଳୟ ପରିଚାଳନା ସମିତିର କର୍ମକର୍ତ୍ତା ସହଯୋଗ କରିଥିଲେ।

## ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'କଇଁଫୁଲ' ଉନ୍ମୋଚିତ

**ବେତନଟୀ, ୨ ୬।୭ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ସଇତପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବେତନଟୀର ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ତ୍ରୈମାସିକ ଶିଶୁ କିଶୋର ପତ୍ରିକା କଇଁଫୁଲର ୨୧ତମ ସଂଖ୍ୟାର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମହାନ୍ତ ଅଧକ୍ଷତା କରିଥିବା ବେଳେ କଇଁଫୁଲର ବ୍ୟବସ୍ଥାପକ ଶିକ୍ଷକ ନୀରଦ ସୁନ୍ଦର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଜିଲ୍ଲା ଓଷ୍ଟାର ସଂପାଦକ ଶିକ୍ଷକ କିଶୋର କୁମାର ଆଚାର୍ଯ୍ୟ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ କଇଁଫୁଲର ସଂପାଦକ ପର୍ଶୁରାମ ସାହୁ ପତ୍ରିକା ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ କଇଁଫୁଲର ସଭାପତି କବି ଭାସ୍କର ଦ୍ୱିବେଦୀ, ମୁଖ୍ୟବକ୍ତା ରୂପେ କଇଁ ଫୁଲର ସଦସ୍ୟ ମୀନକେତନ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବରେ ଶିକ୍ଷକ ଗଜେନ୍ଦ୍ର ନାଥ ମହାନ୍ତ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଜଣେ ଛାତ୍ର ଓ ଜଣେ ଛାତ୍ରୀ କଇଁ ଫୁଲର ଏ ସଂଖ୍ୟାକୁ ଉନ୍ମୋଚନ କରିଥିଲେ । ଛାତ୍ର-ଛାତ୍ରୀ ମାନଙ୍କୁ କିଛି ପ୍ରଶ୍ନ ଓ ଢଗ ପଚାରି ଉତ୍ତର ଦାତା ମାନଙ୍କୁ ପୁରସ୍କୃତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ କୁଶଧର ମହାନ୍ତ, ଅନିଲ କୁମାର ମହାନ୍ତ, ସୁଶାନ୍ତ ମହାନ୍ତି, ଜଳଧର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ କିଶୋର କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।




## ଯୁବକକୁ ଛୁରୀରେ ଆକ୍ରମଣ ଅଭିଯୋଗ

**ବ୍ରହ୍ମପୁର, ୨ ୬।୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ହରଡ଼ାଖଣ୍ଡି ତୋଟା ସାହି ଛକ ନିକଟରେ ଉକ୍ତ ସାହିର ବିଚିତ୍ର ବିଷୋୟୀ(୩୬)କୁ ଆକ୍ରମଣ ହୋଇଛି । ଏ ନେଇ ବଡ଼ ବଜାର ଥାନାରେ ଅଭିଯୋଗ ହୋଇଛି ।ସୂଚନାଯୋଗ୍ୟ ଯେ, ଶୁକ୍ରବାର ସକାଳେ ଉକ୍ତ ସାହି ଛକରେ ବିଚିତ୍ର ବସିଥିବା ବେଳେ ଗଣେଶ ବିଷୋୟୀ ନାମକ ଜଣେ ବ୍ୟକ୍ତି ଆସି ତାଙ୍କୁ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏକ ଛୁରୀରେ ଆକ୍ରମଣ କରିଥିଲେ ।ଆକ୍ରମଣରେ ବିଚିତ୍ର ଆହତ ହୋଇ ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

# ସିନେମା





# 'ସୈୟାରା' ଯାଦୁ
## ସପ୍ତାହରେ ୧୭୫ କୋଟି

ବକ୍ସ ଅଫିସରେ ରାଜ୍ କରୁଛି ଫିଲ୍ମ 'ସୈୟାରା' । ଆହାନ ପାଣ୍ଡେ -ଅନିତ ପଡ୍ଡାଙ୍କ ଏହା ଡେବ୍ୟୁ ଫିଲ୍ମ ହୋଇଥିବା ବେଳେ ଫ୍ୟାନ୍ସ ଉଭୟଙ୍କ କେମେଷ୍ଟ୍ରିକୁ ବେଶ ପସନ୍ଦ କରିଛନ୍ତି । ଫିଲ୍ମ ଲୋକଙ୍କ ମନ ଜିତିବା ସହ ବେଶ ପ୍ରଶଂସା ସାଉଁଟୁଛି। ପ୍ରଥମ ଦିନରୁ ଥିଏଟର ସାମ୍ନାରେ ହାଉସ୍‌ଫୁଲ୍ ବୋର୍ଡ ଟଙ୍ଗାଇ ଦେଇଥିବା ଏହି ମ୍ୟୁଜିକାଲ୍ ଲଭ୍‌ଷ୍ଟାରୀ ନୂଆ ରେକର୍ଡ କରିଛି । ଗତ ଶୁକ୍ରବାର ମୁକ୍ତିଲାଭ କରିଥିବା 'ସୈୟାରା' ଓପ୍‌ନିଂ ଡେ' ରେକର୍ଡ କରିଥିଲା । ନବାଗତ କଳାକାରଙ୍କ ଫିଲ୍ମର ଓପ୍‌ନିଂ ଡେ' କଲେକ୍ସନ୍ ୨୦ କୋଟି ହେବ ବୋଲି ଦର୍ଶକ ଆଶା କରିନଥିଲେ। ଫିଲ୍ମଟି ଲଗାତାର ୬ ଦିନ ୨୦ କୋଟିରୁ ଅଧିକ କଲେକ୍ସନ୍ କଲା । ସେହିପରି ଗୁରୁବାର ବି ଜୋର୍‌ଦାର ବ୍ୟବସାୟ ସହିତ ଫିଲ୍ମର ପ୍ରଥମ ସପ୍ତାହ ସଫଳତାର ସହ ଶେଷ ହୋଇଛି। ୮୪ କୋଟି ଟଙ୍କାର ୱିକେଣ୍ଡ୍ କଲେକ୍ସନ୍ ପରେ ସୋମବାର ବି ବକ୍ସ ଅଫିସ୍‌ରେ ଦମ୍‌ଦାର କଲେକ୍ସନ୍ କଲା 'ସୈୟାରା' । ସୋମବାର-ମଙ୍ଗଳବାର ଫିଲ୍ମର ବକ୍ସ ଅଫିସ୍ କଲେକ୍ସନ୍ ଓପ୍‌ନିଂ ଡେ' କଲେକ୍ସନ୍‌ଠୁ ଅଧିକ ଥିଲା । ବୁଧବାର ପର୍ଯ୍ୟନ୍ତ ଲଗାତାର ୨୦ କୋଟିରୁ ଅଧିକ ବ୍ୟବସାୟ କଲା । ଗୁରୁବାର ଫିଲ୍ମ ୧୯.୫୦ କୋଟି କଲେକ୍ସନ୍ କଲା । ଗୋଟିଏ ସପ୍ତାହରେ ଫିଲ୍ମର ମୋଟ୍ କଲେକ୍ସନ୍ ୧୭୫.୨୫ କୋଟି ଛୁଇଁଛି । ଚଳିତ ବର୍ଷ ଗୋଟିଏ ସପ୍ତାହରେ ସର୍ବାଧିକ ଆୟର ରେକର୍ଡ ଭିକି କୌଶଲଙ୍କ ଫିଲ୍ମ 'ଛାବା' ନାଁରେ ରହିଛି, ଯାହାର ପ୍ରଥମ ସପ୍ତାହ କଲେକ୍ସନ୍ ୨୨୫ କୋଟିରୁ ଅଧିକ ଥିଲା । ତା'ପରେ ୧୧୩ କୋଟି ସହିତ ୨ୟରେ ଥିଲା 'ହାଉସ୍‌ଫୁଲ୍-୫' । ଏବେ ୨ୟ ସ୍ଥାନ ହାସଲ କରିଛି 'ସୈୟାରା' ।



# ୪ଶହ କୋଟିର ନେଟୱର୍ଥ ହେଲେବି
## ଭଡ଼ାଘରେ ରହୁଛନ୍ତି ଅନୁପମ

ବଲିଉଡ ଅଭିନେତା ଅନୁପମ ଖେର ତାଙ୍କ କ୍ୟାରିୟରରେ ଏ ପର୍ଯ୍ୟନ୍ତ ୫୦୦ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି ଓ ରିପୋର୍ଟ ଅନୁସାରେ ତାଙ୍କ ମୋଟ ନେଟୱର୍ଥ ୪୦୫ କୋଟି ଟଙ୍କାରୁ ମଧ ଅଧିକ। ସେ ଦୀର୍ଘ ୪ ଦଶନ୍ଧିରୁ ଅଧିକ କାଳ ହେଲା ଇଣ୍ଡଷ୍ଟ୍ରିରେ କାମ କରିଆସୁଛନ୍ତି। ଏହା ସତ୍ତ୍ୱେ ସେ ଏବେ ମଧ ଭଡ଼ା ଘରେ ରହୁଛନ୍ତି। ଏଥି ପାଇଁ ସେ ଏକ ତର୍କ ଦିଅନ୍ତି, ତାହା ବି କମ ଆଶ୍ଚର୍ଯ୍ୟଜନକ ନୁହେଁ। ସେ କହିଛନ୍ତି ଯେ ତାଙ୍କର ପରଲୋକ ପରେ ତାଙ୍କ ପରିବାର ସଦସ୍ୟ ଶାନ୍ତି ଓ ସଦଭାବରେ ରହନ୍ତୁ ଓ ଉତ୍ତରାଧିକାରକୁ ନେଇ ଯେଉଁ ଝଗଡ଼ା ହେଉଛି ସେଥିରୁ ଦୂରରେ ରହନ୍ତୁ। ୭୦ ବର୍ଷ ବୟସ୍କ ଅଭିନେତା ଏହି କଥା 'ଦି ପାୱାରଫୁଲ ହ୍ୟୁମ୍ୟାନ୍ସ' ପୋଡକାଷ୍ଟରେ କହିଛନ୍ତି। ଗୋଟିଏ କି ଦୁଇଟି ନୁହେଁ ଅନେକ ଘର କିଣିବାକୁ ପଇସା ଥିଲେ ବି ଭଡ଼ା ଘରେ ରହିବାକୁ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ପଚରା ଯାଇଥିଲା। ଏହାର ଜବାବରେ ଖେର ଏହି କଥା କହିଛନ୍ତି। ସେ କହିଛନ୍ତି ଯେବେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୁଏ ସେ ଛାଡିଯାଇଥିବା ସମ୍ପତ୍ତିକୁ ନେଇ ଅନେକ କ୍ଷେତ୍ରରେ ବାଦବିବାଦ ହୋଇଥାଏ। ତେବେ ଏଥିରେ ପଇସା ବଣ୍ଟାକୁଣ୍ଟା ଲାଗି ଏତେ ବିବାଦ ହୁଏନି। ଏଣୁ ସେ ପଛରେ କୌଣସି ସମ୍ପତ୍ତି ଛାଡିଯିବାକୁ ଚାହାନ୍ତିନି, ଯାହାକୁ ନେଇ ପରିବାରରେ ଭବିଷ୍ୟତରେ ବିବାଦ ହେବାର ସମ୍ଭାବନା ଥିବ। ଅନୁପମ ଖେର କହିଛନ୍ତି ଯେ ମୁଁ ଅନେକ ବୟସ୍କ ଲୋକଙ୍କୁ ଦେଖିଛି, ସେମାଙ୍କ ସହିତ କଥାବାର୍ତ୍ତା ବି ହୋଇଛି। ତେବେ ସେମାନଙ୍କ କାହାଣୀ ଅତ୍ୟନ୍ତ ଯନ୍ତ୍ରଣାଦାୟକ।



# ଫିଲ୍ମ 'ୱାର ୨' ଟ୍ରେଲର୍ ଆଉଟ୍

ଅପେକ୍ଷାର ହେଲା ଅନ୍ତ । ରିଲିଜ୍ ହେଲା ବହୁ ପ୍ରତିକ୍ଷୀତ ଫିଲ୍ମ 'ୱାର ୨' ଟ୍ରେଲର। ଟ୍ରେଲରରେ ହ୍ରିତିକ୍ ରୋଶନ, ଜୁନିଅର ଏନଟିଆର ଓ କିଆରା ଆଡଭାନୀଙ୍କୁ ଜବରଦସ୍ତ ଲୁକରେ ଦେଖିବାକୁ ମିଳିଛି । ହ୍ରିତିକ୍-ଜୁନିଅର ଏନଟିଆରଙ୍କୁ ଆକ୍ସନ ଲୁକ୍‌ରେ ଦେଖିବାକୁ ମିଳିଛି। ତେବେ ଏହି ଟ୍ରେଲର ରିଲିଜର କିଛି ସମୟ ମଧରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହାକୁ ଲୋକେ ପସନ୍ଦ କରିଥିବା ବେଳେ ଫିଲ୍ମ ରିଲିଜକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ତେବେ ଏହି ଫିଲ୍ମ ମାଧମରେ ଜୁନିଅର ଏନଟିଆର ବଲିଉଡରେ ଡେବ୍ୟୁ କରୁଛନ୍ତି । ଟ୍ରେଲରରେ ତାଙ୍କର ଷ୍ଟାଇଲ୍ ଏବଂ ଚରିତ୍ର ଦେଖି ଲାଗୁଛି ଯେ 'ୱାର ୨' ଜୁନିଅର ଏନଟିଆରଙ୍କ ପାଇଁ ବଲିଉଡରେ ଆରମ୍ଭ କରିବା ପାଇଁ ଏକ ଭଲ ବିକଳ୍ପ। 'ୱାର ୨' 'ୱାର'ର ଏକ ସିକ୍ୱେଲ ଅଟେ। ପ୍ରଥମ 'ୱାର' ୨୦୧୯ରେ ମୁକ୍ତିଲାଭ କରିଥିଲା, ଯାହାର ନିର୍ଦ୍ଦେଶନା ଦେଇଥିଲେ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ। କିନ୍ତୁ 'ୱାର ୨' ନିର୍ଦ୍ଦେଶକ ଅୟାନ ମୁଖାର୍ଜୀ ନିର୍ଦ୍ଦେଶନା ଦେଇଛନ୍ତି ଏବଂ YRF ଦ୍ୱାରା ନିର୍ମିତ ହେଉଛି । 'ୱାର ୨' ହେଉଛି ଯଶ ରାଜ ଫିଲ୍ମସ ସ୍ପାଏ ୟୁନିଭର୍ସର ୬ଷ୍ଠ ଫିଲ୍ମ । ପ୍ରଥମ 'ୱାର' ୨୦୧୯ରେ ମୁକ୍ତିଲାଭ କରିଥିଲା, ଯାହା ୧୫୦କୋଟି ଟଙ୍କା ବଜେଟରେ ପ୍ରସ୍ତୁତ ହୋଇଥିଲା । ତେବେ ଯଶ ରାଜ ସ୍ପାଏ ୟୁନିଭର୍ସର ଏହି ଫିଲ୍ମ ଅଗଷ୍ଟ ୧୪ରେ ସ୍ୱାଧୀନତା ଦିବସ ଅବସରରେ ସିନେମା ହଲରେ ମୁକ୍ତିଲାଭ କରିବ।

# ଚର୍ଚ୍ଚାରେ ସଲମାନ ଖାନ୍ ଓ ଧନଖଡ଼ଙ୍କ ଲିଙ୍କ୍



ନିକଟରେ ଭାରତର ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଛନ୍ତି ଜଗଦୀପ ଧନଖଡ଼ । ଇସ୍ତଫାର କାରଣ ସ୍ୱାସ୍ଥ୍ୟଗତ ବୋଲି ଧନଖଡ଼ ଦର୍ଶାଇଥିଲେ ମଧ ପ୍ରକୃତ କାରଣ ଭିନ୍ନ ବୋଲି କୁହାଯାଉଛି। ଆଉ ଏହାରି ମଧରେ ତାଙ୍କୁ ନେଇ ଏକ ଖବର ବେଶ ଚର୍ଚ୍ଚା ହେଉଛି। ୧୯୯୮ ମସିହାରେ କୃଷ୍ଣସାର ମୃଗ ଶିକାର ମାମଲାରେ ବଲିଉଡ୍ ଅଭିନେତା ସଲମାନ ଖାନ୍ ଓ ଅନ୍ୟ ଅଭିଯୁକ୍ତମାନଙ୍କର ପରାମର୍ଶଦାତା ଧନଖଡ଼ ଥିବା ନେଇ କୁହାଯାଉଛି । ସେମାନଙ୍କ ଜାମିନରେ ସେ ସାହାଯ୍ୟ କରିଥିଲେ। ତେବେ ସୂରଜ ବଡ଼ଜାତ୍ୟାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ହମ୍ ସାଥ୍ ସାଥ୍ ହେଁ'ର ସୁଟିଂ ସମୟରେ ରାଜସ୍ଥାନର ଯୋଧପୁର ନିକଟସ୍ଥ କନକାନି ଗାଁରେ କୃଷ୍ଣସାର ମୃଗ ଶିକାର ମାମଲା ସାମ୍ନାକୁ ଆସିଥିଲା । ଭାରତର ବନ୍ୟଜୀବ ସୁରକ୍ଷା ଅଧିନିୟମ-୧୯୭୨ ଅନ୍ତର୍ଗତ ଲୁପ୍ତପ୍ରାୟ ପ୍ରଜାତି ଭାବେ କୃଷ୍ଣସାର ମୃଗକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ସ୍ଥିତିରେ ସଲମାନ ଓ ତାଙ୍କ ସହ-କଳାକାରଙ୍କ ବିରୋଧରେ ଦୁଇଟି କୃଷ୍ଣସାର ମୃଗର ହତ୍ୟା ଅଭିଯୋଗ ହୋଇଥିଲା ।

# ବୋନି ବନିଲେ ଫ୍ୟାଟ ଟୁ ଫିଟ



ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ବୋନି କପୁର ତାଙ୍କର ଜବରଦସ୍ତ ଟ୍ରାନ୍ସଫରମେଶନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ହଁ, ସମ୍ପ୍ରତି ତାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ସେ ପୂର୍ବ ଅପେକ୍ଷା ବହୁତ ପତଳା ଏବଂ ଫିଟ ଦେଖାଯାଉଛନ୍ତି। ଏହି ଫଟୋ ଇଣ୍ଟରନେଟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି, ଏବଂ ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି ଯେ ବୋନି କପୁର ଏତେ ବଡ଼ ଟ୍ରାନ୍ସଫରମେଶନ କିପରି ହାସଲ କଲେ।

କିଛିଦିନ ଧରି ବୋନି କପୁର ତାଙ୍କ ଓଜନ ପାଇଁ ଚର୍ଚ୍ଚାରେ ଥିଲେ, କିନ୍ତୁ ଏବେ ସେ ସମ୍ପୂର୍ଣ୍ଣ ଭାବରେ ନିଜକୁ ପରିବର୍ତ୍ତନ କରିଛନ୍ତି। ସେ ପ୍ରାୟ ୨୬କିଲୋଗ୍ରାମ ଓଜନ ହ୍ରାସ କରିଛନ୍ତି, ଏବଂ ତାହା ମଧ କୌଣସି ଜିମ ତାଲିମ କିମ୍ବା ଭାରୀ ବ୍ୟାୟାମ ବିନା। ତାଙ୍କର ପରିବର୍ତ୍ତନ ଲୋକମାନଙ୍କୁ ବହୁତ ପ୍ରେରଣା ଦେଉଛି।

ରିପୋର୍ଟ ଅନୁସାରେ, ବୋନି କପୁର ନା ଜିମ ଯୋଗ ଦେଇଥିଲେ ନା କୌଣସି ପ୍ରଶିକ୍ଷକଙ୍କ ସାହାଯ୍ୟ ନେଇଥିଲେ। ସେ କେବଳ ତାଙ୍କର ଖାଇବା ଅଭ୍ୟାସ ପରିବର୍ତ୍ତନ କରି ଏହି ଫଳାଫଳ ହାସଲ କରିଛନ୍ତି। ବିଶେଷ କଥା ହେଉଛି ସେ ତାଙ୍କର ଦୈନନ୍ଦିନ ଖାଦ୍ୟକୁ ସରଳ ଏବଂ ସୁସ୍ଥ କରି ଏହି ପରିବର୍ତ୍ତନ ସମ୍ଭବ କରିଛନ୍ତି।

ବୋନି କପୁରଙ୍କ ଡାଏଟ ପ୍ଲାନ ବିଷୟରେ କହିବାକୁ ଗଲେ, ସେ ରାତ୍ରୀଭୋଜନକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରିଛନ୍ତି। ଏହା ବଦଳରେ, ସେ ଏବେ କେବଳ ହାଲୁକା ସୁପ ଖାଆନ୍ତି। ଜଳଖିଆରେ, ସେ ଏକ ଗ୍ଲାସ ଜୁସ ଏବଂ ଜୁଆର୍ ରୋଟି ମଧ ସାମିଲ କରନ୍ତି। ଏହା ସହିତ, ସେ ଦିନସାରା ହାଲୁକା ଖାଦ୍ୟ ଖାଆନ୍ତି, ଯାହା ଶରୀରକୁ ଆବଶ୍ୟକୀୟ ପୁଷ୍ଟି ଯୋଗାଇଥାଏ କିନ୍ତୁ ଚର୍ବି ଜମା ହୁଏ ନାହିଁ।

ଏବେ ବୋନି କପୁରଙ୍କ ଏହି ପରିବର୍ତ୍ତନ ସୋସିଆଲ ମିଡିଆରେ ଆଲୋଚନାର ବିଷୟ ପାଲଟିଛି। କେବଳ ପ୍ରଶଂସକ ନୁହେଁ, ଅନେକ ଫିଟନେସ ବିଶେଷଜ୍ଞ ମଧ ଏହାକୁ ପ୍ରଶଂସା କରୁଛନ୍ତି। ପୂର୍ବରୁ ଟିଭି ଅଭିନେତା ରାମ କପୁର ମଧ ତାଙ୍କ ପରିବର୍ତ୍ତନରେ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲେ, ଏବଂ ଏବେ ବୋନି କପୁରଙ୍କ ଏହି ଯାତ୍ରା ଅନେକ ଲୋକଙ୍କୁ ପ୍ରେରଣା ଦେଉଛି।



# ରାମ୍ପରେ ତାରା ସୁତାରିଆଙ୍କ ଜଲୱା



ନିକଟରେ ଅଭିନେତ୍ରୀ ତାରା ସୁତାରିଆ ଦିଲ୍ଲୀରେ ଆୟୋଜିତ ଇଣ୍ଡିଆ କାଉଚର ୱିକ୍ ୨୦୨୫ରେ ନିଜର ଜଲୱା ଦେଖାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସେ ଡିଜାଇନର ଈଶା ଜାଜୋଡିଆଙ୍କ ପାଇଁ ଶୋ'ଟପର ସାଜିଥିଲେ । ତାରା ଏକ ସୁନେଲି ରଙ୍ଗର ଗାଉନ୍ ପିନ୍ଧିଥିଲେ, ଯାହାର ମୁଖ୍ୟ ଆକର୍ଷଣ ଥିଲା ୧୮ କ୍ୟାରେଟ୍ ସୁନାରେ ତିଆରି ହୋଇଥିବା ଏକ କର୍ସେଟ୍ । ଏହି ଲୁକ୍‌ରେ ସେ କୌଣସି ରାଜକୁମାରୀଠାରୁ କମ୍ ଦେଖାଯାଉନଥିଲେ ।

ଏହି ସୁନ୍ଦର କର୍ସେଟକୁ ତିଆରି କରିବା ପାଇଁ ଚାରି ମାସ ସମୟ ଲାଗିଥିଲା ଏବଂ ଏଥିରେ ମୋତି ମଧ ଖଚିତ ହୋଇଛି । କର୍ସେଟରେ ଫୁଲ ଏବଂ ଲତାର ସୂକ୍ଷ୍ମ ମେଟାଲିକ୍ ସୂତା କାମ କରାଯାଇଥିଲା, ଯାହା ଏହାକୁ ଆହୁରି ଆକର୍ଷଣୀୟ କରିଥିଲା । ଏହି ପୋଷାକଟି ଈଶା ଜାଜୋଡିଆଙ୍କ 'ହ୍ୱିସପର୍ସ ଅଫ୍ ଲଭ୍ ଟୁ ମାଇସେଲ୍ଫ' ନାମକ ସଂଗ୍ରହର ଏକ ଅଂଶ ଥିଲା ।

# ସଞ୍ଜୟ କପୁରଙ୍କ ସମ୍ପତ୍ତି ପାଇଁ
## ହତ୍ୟା କରାଯାଇଥିବା ଅଭିଯୋଗ



ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁର। ଗତମାସରେ ତାଙ୍କ ପୂର୍ବତନ ସ୍ୱାମୀ ସଞ୍ଜୟ କପୁରଙ୍କ ମୃତ୍ୟୁ ହୋଇଥିଲା । ଇଂଲଣ୍ଡର ୱାରସିୟରରେ ପୋଲୋ ଖେଳୁଥିବା ସମୟରେ ହଠାତ୍ ଅଚେତ ହୋଇପଡିଥିଲେ । ରିପୋର୍ଟରେ କୁହାଯାଇଛି ଯେ ତାଙ୍କ ମୃତ୍ୟୁର କାରଣ ମହୁମାଛି କାମୁଡିବା ଯୋଗୁଁ ହୋଇଥିଲା । କିନ୍ତୁ ବର୍ତ୍ତମାନ ତାଙ୍କ ମାଆ ରାନୀ କପୁରଙ୍କ ଦାବି ଘଟଣାରେ ନୂଆ ମୋଡ ଆଣିଛି। ସେ କହିଛନ୍ତି ମୋ ପୁଅର ମୃତ୍ୟୁ ଯେଉଁ ପରିସ୍ଥିତିରେ ହୋଇଥିଲା ତାହା ପ୍ରାକୃତିକ ନୁହେଁ , ଅସ୍ପଷ୍ଟ ଥିଲା। ଏହାର ତଦନ୍ତ କରାଯିବା ଉଚିତ । ତାଙ୍କୁ ପୁଅର ମୃତ୍ୟୁ ନେଇ କୌଣସି କାଗଜପତ୍ର ଦିଆଯାଇନାହି। ପୁଅର ମୃତ୍ୟୁ ସଂପର୍କରେ ସେ ଯାହା ବି ଜାଣିଛନ୍ତି ମିଡିଆ ରିପୋର୍ଟରୁ ଜାଣିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ତାଙ୍କ ପାଖରେ ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସ ନାହିଁ କି କଂପାନୀରେ କୌଣସି ଅଧିକାରୀ ଦିଆଯାଇଛି। ଅସୁସ୍ଥ ଅବସ୍ଥାରେ ତାଙ୍କୁ କୌଣସି ସ୍ପଷ୍ଟୀକରଣ ବିନା କିଛି କାଗଜପତ୍ରରେ ଦସ୍ତଖତ କରିବାକୁ ବାଧ କରାଯାଇଥିଲା।

ସଞ୍ଜୟଙ୍କ ମାଆ କହିଛନ୍ତି ସେ ସମୟରେ ମୁଁ ଷ୍ଟ୍ରେସରେ ଥିଲି । ତଥାପି ତାଙ୍କୁ ବନ୍ଦ ରୁମ ଭିତରେ କାଗଜପତ୍ରରେ ଦସ୍ତଖତ କରିବାକୁ କୁହାଯାଇଥିଲା । ସେ ଦାବି କରିଛନ୍ତି ଯେ ସେବେଠାରୁ ତାଙ୍କୁ ଆକାଉଣ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଦଲିଲ ଗୁଡ଼ିକୁ ଜାଣିବାକୁ ଦିଆଗଲା ନାହିଁ । କହିବାକୁ ଗଲେ ସଞ୍ଜୟଙ୍କ ଅନ୍ତିମ ସଂସ୍କାର ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ଏଥିରେ ତାଙ୍କ ପୂର୍ବତନ ପତ୍ନୀ କରିସ୍ମା କପୁର, କରୀନା କପୁର ଏବଂ ସୈଫ୍ ଅଲ୍ଲୀ ଖାନ ସାମିଲ ହୋଇଥିଲେ ।

### ସରକାରଙ୍କ ସୁବିଧା ପାଇବାରୁ ବଞ୍ଚିତ ଅସହାୟ ପରିବାର

# ମା' ରୋଗୀଣାକୁ ଝିଅ ଭିନ୍ନକ୍ଷମ, ମିଳୁନି ଭତ୍ତା କି ଚାଉଳ

**ଫୁଲବାଣୀ,୨୬।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସୁମେରୁ ବନ୍ଧ ପଞ୍ଚାୟତ ର ଡମାଙ୍ଗ ପଦର ଗାଁରେ ଭିନ୍ନକ୍ଷମ ଅମୂଲ୍ୟା ଦିଗାଲ ବହୁ ଅସୁବିଧା ରେ ଅସହାୟ ଅବସ୍ଥାରେ ରହୁଛନ୍ତି। ଅମୂଲ୍ୟା ଙ୍କ ବାପା ମନୋରଞ୍ଜନ ଦିଗାଲ ମା ତପି ଦିଗାଲ କୁ ଛାଡି ଦୀର୍ଘ ଦଶ ବର୍ଷ ପୂର୍ବରୁ ଘର ଛାଡି କେଉଁ ଆଡେ ଚାଲି ଯାଇଛନ୍ତି ଜେ ଆଜି ପର୍ଯ୍ୟନ୍ତ ଫେରି ନାହାନ୍ତି। ମା ତପି ଦିଗାଲ ବର୍ତମାନ ରୋଗୀଣା ଓ ଅସହାୟ ଅବସ୍ଥାରେ ଠିକ ରେ ଚାଲି ବି ପାରୁ ନାହାନ୍ତି। ପରିବାରରେ ତପି ଦିଗାଲ ନିଜର ଅସହାୟ ୧୯ ବର୍ଷର ଭିନ୍ନକ୍ଷମ ଝିଅ ଏବଂ ୧୩ ବର୍ଷର ସାନ ପୁଅକୁ ଧରି ବହୁ କଷ୍ଟରେ ଚଳୁ ଛନ୍ତି। ଅମୂଲ୍ୟା ଛୋଟ ବେଳେ ଭଲ ଥିବା ବେଳେ ଅଖି ମଧ୍ୟ ଦେଖୁଥିଲେ କିନ୍ତୁ ୨ ରୁ ୩ ବର୍ଷ ବୟସ ରେ ଅଖି ଖରାପ ହେବାରୁ ପରିବାର ଲୋକେ ବିଭିନ୍ନ ମେଡିକାଲ ରେ ଦେଖାଇ ଥିଲେ ମଧ୍ୟ ଆଉ ଭଲ ହେଲା ନାହିଁ ଅଖି ୨ ଟି ନଷ୍ଟ ଠିକ୍ ଭାବେ ଦେଖାଯାଉ ନାହିଁ ବର୍ତମାନ ୧୯ ବର୍ଷ ହୋଇଥିଲେ ମଧ୍ୟ ଅମୂଲ୍ୟା କୁ କୌଣସି ଭିନ୍ନକ୍ଷମ ପ୍ରମାଣ ପତ୍ର ହୋଇ ନଥିବାରୁ ସରକାରଙ୍କ କୌଣସି ସୁବିଧା ପାଇ ପାରିନାହାନ୍ତି।



ବର୍ତମାନ ପରିବାରରେ କେବଳ ମା ତପି ଦିଗାଲ କୁ ସରକାରଙ୍କ ତରଫରୁ ୫ କିଲୋ ଚାଉଳ ମିଳୁଛି କିନ୍ତୁ ଭିନ୍ନକ୍ଷମ ଝିଅ କିମ୍ବା ପୁଅକୁ ଚାଉଳ ମିଳୁ ନାହିଁ ଅସହାୟ ଓ ଅଶିକ୍ଷିତ ହୋଇଥିବାରୁ ପୁଅ ଝିଅ ର କୌଣସି କାଗଜ ପତ୍ର ମଧ୍ୟ ହୋଇ ପାରି ନାହିଁ। ପୂର୍ବରୁ ୩୫ ହଜାର ଟଙ୍କାର ଆବାସ ଗୃହ ମନୋରଞ୍ଜନ ଙ୍କ ନାମରେ ଆସିଥିବା ବେଳେ ବର୍ତମାନ ଭଙ୍ଗା ଅବସ୍ଥାରେ ରହିଛି। ନିଜେ ଅସହାୟ ଏବଂ ଝିଅ ମଧ୍ୟ ଭିନ୍ନକ୍ଷମ ଓ ଛୋଟ ପୁଅ ଥିବାରୁ କୌଣସି ରୋଜଗାର ନଥିବାରୁ ବହୁ ଅସୁବିଧା ହେଉଥିବାରୁ ଛୋଟ ୧୩ ବର୍ଷର ପୁଅ ମୁଲ ଲାଗି ପରିବାର ଚଳାଉଛି ତେଣୁ ତୁରନ୍ତ ଏହି ସମସ୍ୟାକୁ ହୃଦୟଙ୍ଗମ କରି ଭିନ୍ନକ୍ଷମ ଭତ୍ତା, ଚାଉଳ ଓ ରହିବା ପାଇଁ ଆବାସ ଗୃହ ଖଣ୍ଡିଏ ଯୋଗାଇ ଦେବାକୁ ଅସହାୟ ପରିବାର ଦାବି କରିଛନ୍ତି ଅନ୍ୟପଟେ ଦାୟିତ୍ୱ ରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ କୁମାର ପାତ୍ର କୁ ପଚାରିବାରୁ ତୁରନ୍ତ ସମସ୍ତ ବ୍ୟବସ୍ଥା କିଭଳି ହୋଇ ପାରିବ ଚେଷ୍ଟା କରାଯିବ ବୋଲି କହିଛନ୍ତି ।

# ନାଖରା ପୋଲର ସ୍ଥିତି ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ଓ ଏସପିଙ୍କ ସମୀକ୍ଷା



**ବୈଶିଙ୍ଗା,୨୬।୭ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ସହିତ ବୈଶିଙ୍ଗା ଥାନା ଅର୍ନ୍ତଗତ ପାଟଲିପୁରା ପଞ୍ଚାୟତ ମଧ୍ୟଦେଇ ବୋହି ଯାଇ ଥିବା ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବଢ଼ିଛି। ବନ୍ୟା ପରିସ୍ଥିତିକୁ ଆକଳନ କରି ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳର ଗ୍ରାମବାସୀ ମାନଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ମାତ୍ର ବୈଶିଙ୍ଗା ବଡ଼ସାହି ମୁଖ୍ୟ ରାସ୍ତାର ନାଖରା ପୋଲ ର ତଳ ପାର୍ଶ୍ୱରେ ଗତ ବନ୍ୟା ସମୟରେ ଅତଡା ଖସି ସୃଷ୍ଟି ହୋଇଥିବା ଘାଇ ନିକଟରେ ନଦୀଜଳ ଭଉଁରୀ କାଟି ପ୍ରବାହିତ ହେଉଥିବା ଯୋଗୁଁ ଚିନ୍ତାରେ ଅଛନ୍ତି ଅଞ୍ଚଳବାସୀ। ଏଥି ପାଇଁ ଗତବର୍ଷ ପାଟଲିପୁରା, ଦାରିହା, କାଠପାଳ, ସିଙ୍ଗଲାମୁଣ୍ଡିଳି, ଶାଳଗାଁ, ଦେବସ୍ଥଳୀ, ଡେଁଫଉଦା, ଖଣ୍ଡଦେଉଳା ଆଦି ତଳିଆ ଅଞ୍ଚଳର ଗ୍ରାମବାସୀ ମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଆଖି ଆଗରେ ରଖି ଶନିବାର ଦିନ ତିନିଟା ସମୟରେ ଜିଲ୍ଲାପାଳ ହେମକାନ୍ତ ସଏ, ଏସ୍ ପି ବରୁଣ ଗୁଣ୍ଟୁପାଲି, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ସହିତ ଜରୁରୀକାଳୀନ ଅଧିକାରୀ ମାନେ ନାଖରା ସେତୁ ନିକଟରେ ସ୍ଥିତି ଅନୁଧ୍ୟାନ କରିବା ସହିତ ସତର୍କ ରହିବା ପାଇଁ ସ୍ଥାନୀୟ ପାଟଲିପୁରା ସରପଞ୍ଚ ମମତା ନାଏକ, ରାଜସ୍ୱ ନିରୀକ୍ଷକ, ବେତନଟୀ ଓ ବଡ଼ସାହି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବାର ସୂଚନା ମିଳିଛି।

ତେବେ ମାଟି ଅତଡା ଖସି ସେତୁ ପ୍ରତି ବିପଦ ଥିବା ନେଇ ସରପଞ୍ଚ ମମତା ନାଏକଙ୍କୁ ପଚାରିବାରୁ ସ୍ଥିତି ସେତେବେଶି ବିପଦଜନକ ନୁହେଁ ବରଂ ପାଣି କମିଯିବା ପରେ ବାଉଁଶ ରେ ଫ୍ରେମ୍ ଲଗାଇ ବାଲିବସ୍ତା ଦିଆଗଲେ ଏହା ଅଧିକ ସୁରକ୍ଷିତ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବେତନଟୀ ଆର୍ ଆଣ୍ଡ ବି ର ଉପଖଣ୍ଡ ଅଧିକାରୀ (ଏସଡିଓ) ଅରବିନ୍ଦ ମହାନ୍ତିଙ୍କୁ ପଚାରିବାରୁ ସେ ମଧ୍ୟ ସେତୁ ପ୍ରତି ବିପଦ ନଥିବା କହିଛନ୍ତି। ତେବେ ନଦୀର ଉଭୟ ପାଖ ଆଡ଼ିବନ୍ଧ ସୁରକ୍ଷା ପ୍ରକୃତପକ୍ଷେ ଜଳସେଚନ ବିଭାଗର ଦାୟିତ୍ୱ ହୋଇଥିବା ବେଳେ ତାଙ୍କ ବିଭାଗ ପକ୍ଷରୁ ଜରୁରୀକାଳୀନ ପଦକ୍ଷେପ ନିଆଯାଇ ମାଟି ଧସିଥିବା ସ୍ଥାନରେ ବାଲିବସ୍ତା ଦିଆଯାଉଥିବା ବେଳେ ଏହା ରହୁନାହିଁ ବୋଲି ଉପଖଣ୍ଡ ଅଧିକାରୀ ଜଣାଇଛନ୍ତି। ତେବେ ବର୍ଷା ଋତୁ ପରେ ଏହି ଘାଇ ର ସ୍ଥାୟୀ ସମାଧାନ ପାଇଁ ଗଭୀର କଙ୍କ୍ରୀଟ ପିଲାର ନିର୍ମାଣ ହେବା ଜରୁରୀ ହୋଇ ପଡ଼ିଛି ବୋଲି ନଦୀ କୂଳ ବାସିନ୍ଦା ପ୍ରକାଶ କରିଛନ୍ତି।

# ବିପଦ ସୃଷ୍ଟି କରୁଛି ପୋଖରୀବନ୍ଧ, ରାସ୍ତା ପାର୍ଶ୍ୱରେ ଶୁଖିଲା ଗଛ



**ଲାଞ୍ଜିଗଡ଼,୨୬।୭(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ରହିଛି ଶୁଖିଲା ଗଛ। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ଶୁଖିଲା ଗଛଗୁଡ଼ିକ କେତେବେଳେ ଯେ କାହା ଉପରେ ପଡ଼ିବ ତାହା କହିହେବ ନାହିଁ। ଏହି ରାସ୍ତା ଦେଇ ଶତାଧିକ ଯାନବାହାନ ଚଳାଚଳ ସାଙ୍ଗକୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ଯାତାୟାତ କରୁଛନ୍ତି। ଶୁଖିଲା ଗଛ ଗୁଡ଼ିକ ପବନରେ ଦୋହଲୁଥିବା ବେଳେ କୌଣସି ପରିସ୍ଥିତିରେ ଭାଙ୍ଗିବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ରାସ୍ତାରେ ଯିବା ଆସିବା କରୁଥିବା ଯାନବାହନ, ଛାତ୍ରଛାତ୍ରୀ ଓ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରକୁ ବିଭିନ୍ନ କାମରେ ଆସୁଥିବା ଜନସାଧାରଣ ବିପଦର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି। ଗଛଗୁଡ଼ିକୁ କଟାଯିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ଏଣୁ କୌଣସି ଏକ ବଡ଼ ଦୁର୍ଘଟଣା ଅପେକ୍ଷାରେ ପ୍ରଶାସନ ରହିଛି କି ବୋଲି ଆଲୋଚନା ହେଉଛି। ଏବେ ବର୍ଷାପାଣି ପାଇ ଗଛଡାଳ ପଚିଯାଇ ବିଭିନ୍ନ ସମୟରେ ପଡୁଥିବା ବେଳେ ଯଥାଶୀଘ୍ର ଏଥିପ୍ରତି ପୂର୍ତ୍ତ ବିଭାଗ, ବନବିଭାଗ ଏବଂ ପ୍ରଶାସନ ଏଭଳି ଗଛଗୁଡ଼ିକୁ ରାସ୍ତାରୁ ହଟାଇବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

● ବନ୍ୟାର ସମ୍ଭାବନା ଥିବାରୁ ବନ୍ଧବାଡ ସୁରକ୍ଷା ଦିଗରେ

# ପୁରୀ ଓ ଖୋର୍ଦ୍ଧା ଜଳସେଚନ ବିଭାଗ ସଜାଗ

**କଣାସ,୨୬।୭(ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାହାର ଶାଖା ନଦୀ ରାଜୁଆ, ମକରାରେ ବନ୍ୟାଜଳ ଆସିଲେ ପ୍ରତିବର୍ଷ ପୁରୀ ଓ ଖୋର୍ଦ୍ଧା ଡିଭିଜନ ଜଳସେଚନ ବିଭାଗର ଅଧିକାରୀମାନଙ୍କୁ ନାକେଦମ ହେବାକୁ ପଡ଼ିଥାଏ। ଏପରିକି ପୁରୀର ଜିଲ୍ଲା ମୁଖ୍ୟ ଅଧିକାରୀମାନେ କଣାସରେ ଡେରାପକାନ୍ତି। ପ୍ରତି ବନ୍ୟା ସମୟରେ ଦୟାନଦୀ ବାମପାର୍ଶ୍ୱ ବନ୍ଧ ନୂଆହାଟ, ତ୍ରିଲୋଚନପୁର, ଭାଟପଡ଼ା, ବସନ୍ତପୁର, ଡାହଣପାର୍ଶ୍ୱ ବନ୍ଧ ମାଟିଆପଡ଼ା, ଯୋରକଣି ଓ ଅନେକ ସ୍ଥାନରେ ଗଳିଆପଡ଼ି ହଇଚଇ ସୃଷ୍ଟିକରେ। ଚଳିତ ବର୍ଷ ବନ୍ୟାର ମୁକାବିଲା ପାଇଁ ପୁରୀ ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା କୁହନ୍ତି ବିଭିନ୍ନ ସ୍ଥାନରେ ବାଲି, ଖାଲିଅଖା, ବହଲା ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖାଯାଇଛି। ସେହିପରି ଖୋର୍ଦ୍ଧା ଡିଭିଜନ କନିଷ୍ଠ ଯନ୍ତ୍ରୀ ଶ୍ରୀମଲ୍ଲିକ କୁହନ୍ତି ଦୟାନଦୀର ଡାହଣ ପାର୍ଶ୍ୱ, ରାଜୁଆନଦୀର ବାମପାର୍ଶ୍ୱ, ଡାହଣପାର୍ଶ୍ୱ, ମକରାନଦୀର ବାମପାର୍ଶ୍ୱ ଓ ଡାହଣପାର୍ଶ୍ୱ ନଦୀବନ୍ଧର ସୁରକ୍ଷା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ବାଲି ଖାଲିବସ୍ତା ଓ ବହଲା ଗଚ୍ଛିତ ରଖାଯାଇଛି।

## ଏମସିଏଲ ବସୁନ୍ଧରା ସିକ୍ୟୁରିଟି ସଂଘ ଓଏସଏସୟୁ ପକ୍ଷରୁ କନିକା ୟୁନିଟଠାରେ ଏକ ବୈଠକ ଅନୁଷ୍ଠିତ

**ସୁନ୍ଦରଗଡ଼,୨୬।୭(ସଂଚାର ବ୍ୟୁରୋ):** ଶନିବାର ଦିନ ହେମଗିରି ଓ କନିକା ୟୁନିଟର ଏମସିଏଲ ବସୁନ୍ଧରା ଅଧିନସ୍ଥ ଏସଆଇଏସ ସିକ୍ୟୁରିଟି ଗାର୍ଡ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଘର ନୂତନ ସଭାପତି ଶୁଶିଲ ବାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ଅବସର ପ୍ରାପ୍ତ ସୁରକ୍ଷ୍ୟା ପ୍ରହରିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇ ଥିଲା। ଉକ୍ତ ବୈଠକରେ ସୁଶୀଲ ବାଗ ସଭାପତି ଥିବାବେଳେ ସମ୍ମାନିତ ଅତିଥି ରୂପେ କନିକା ସରପଞ୍ଚ ଶାନ୍ତ ଧୂଆ, ସମିତି ସଭ୍ୟ ଡିସେମ୍ବର ବାଗ, ସହ ସଭାପତି ନିମାଇଁ କୁସୁମ, ନରେଶ କୁଆ, ହେମଗିର ୟୁନିଟ୍



ସୁପରଭାଇଜର ସୁବଳ ସେଠ, ମହେଶ ସତପଥି, ସାମ୍ବାଦିକ ସଞ୍ଜୀବ ପତି, କନିକା ସୁପରଭାଇଜର ହରି କିଶାନ ପ୍ରମୁଖ ଉପସ୍ଥିତ ଥିଲେ। ହେମଗିର ଓ କନିକା ୟୁନିଟର ଅବସରପ୍ରାପ୍ତ ଗାର୍ଡ ବିଷ୍ଣୁ ସୌଲିଆ, ପୂର୍ଣ୍ଣ ବଗାର, ହେମସାଗର ବଗାର ଓ ଅଶୋକ ମିଶ୍ରଙ୍କୁ ପୁଷ୍ପମାଲ୍ୟ, ଉତ୍ତରୀୟ ଓ ଛତା ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ଗାର୍ଡ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଦୃଷ୍ଟାନ୍ତମୂଳକ ସମାଧାନ ପାଇଁ ତଥା କୌଣସି ଗାର୍ଡ ଙ୍କ ପାରିବାରିକ ଦୁଃଖ ସମୟରେ ଆର୍ଥିକ ସାହାଯ୍ୟ ପାଇଁ ପ୍ରତି ମାସ ଗାର୍ଡ ମାନଙ୍କ ତରଫରୁ ଏକ ଶହ ଟଙ୍କା ଲେଖାଏଁ ଦାନ ଅର୍ଥ ଜମା କରାଯିବା ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ କରାଯାଇ ଥିଲା। ଓଏସଏସୟୁ ରାଜ୍ୟ ସମ୍ପାଦକ ଅନିଲ କୁମାର ଯାଦବ ମଞ୍ଚ ପରିଚାଳନା କରିଥିଲେ ।

## ଶଙ୍କରାଖୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ



**ଫୁଲବାଣୀ,୨୬।୭(ସଂଚାର ବ୍ୟୁରୋ):** ଚକାପାଦ ବ୍ଲକ ଶଙ୍କରାଖୋଲ ରେ ଥିବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ରେ ଏକାଦଶ ଶ୍ରେଣୀ ର ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇଛି । ଏହି ଉତ୍ସବ ରେ ବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ ସନ୍ତୋଷ କୁମାର ପ୍ରଧାନ ଅଧକ୍ଷତା କରିବା ସହ ସମସ୍ତ ଅଧ୍ୟାପକ ତଥା ଅଧ୍ୟାପିକା ମାନେ ନିଜ ନିଜ ର ପରିଚୟ ଦେଇଥିଲେ । ବିଦ୍ୟାଳୟ ର ନୀତିନିୟମ, ସମସ୍ତ ସୁବିଧା, ଅଧ୍ୟୟନ, ଶୃଙ୍ଖଳା, କ୍ରୀଡା, ସଂସ୍କୃତିକ କାର୍ଯ୍ୟକ୍ରମ, ଶ୍ରେଣୀ ର ୭୫ ପ୍ରତିଶତ ଉପସ୍ଥାପନ ରହିବା ପାଇଁ ଜଣେଇଥିଲେ ଏବଂ ବିଦ୍ୟାଳୟ ପରିସରରେ ରାଗିଙ୍ଗ, ନିର୍ଯ୍ୟାତନା, ଅଶ୍ଳୀଳତା, ଆଦି ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସୂଚନା ଦେଇଥିଲେ । ଉତ୍ସବ ରେ ନୂତନ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିବା ବେଳେ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହିଥିଲେ । ଏଥିରେ ଅଧ୍ୟାପକ ଡ଼ଃ ବାବୁଲା ପଟ୍ଟଯୋଶୀ ଉତ୍ସବ ର ବିବରଣୀ ପଠନ କରିଥିବା ବେଳେ ଅଧ୍ୟାପକ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରସାମ୍ୟ ହରାଇ ବାଇକ ଆରୋହୀଙ୍କ ମୃତ୍ୟୁ

**ହିଞ୍ଜିଳିକାଟୁ,୨୬।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ କଞ୍ଚୁରୁ - ଦୁର୍ବନ୍ଧ ମଧ୍ୟବର୍ତ୍ତୀ ରାସ୍ତାରେ ବାଇକ ଦୁର୍ଘଟଣା ଘଟି ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ହିଞ୍ଜିଳିକାଟୁ ସହର ସ୍ଥିତ କେଉଟ ସାହିର ଶଙ୍କର ବେହେରା (୩୦)। ପ୍ରକାଶ ଯେ, ଯୁବକ ଜଣକ ଦୁର୍ବନ୍ଧ ଗ୍ରାମରୁ ମୋଟର ସାଇକେଲ ଯୋଗେ ହିଞ୍ଜିଳିକାଟୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗଛକୁ ପିଟି ହୋଇ ଡ୍ରେନରେ ପଡ଼ିଯାଇ ମୃତ୍ୟୁ କରିଥିଲେ । ବେଲ ଗାଁ ପୋଲିସ ଘଟଣାସ୍ଥଳରେ ପହଁଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ନଂ ୧୪୯/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ



**ସୁନ୍ଦରଗଡ଼,୨୬।୭(ସଂଚାର ବ୍ୟୁରୋ):** ହେମଗିରି ବ୍ଲକ ଅନ୍ତର୍ଗତ କନକତୁରା ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ପାଳନ ହୋଇଯାଇଛି। ସର୍ବ ପ୍ରଥମେ ଅଗ୍ରପୂଜ୍ୟଙ୍କୁ ପୂଜା ଅର୍ଚ୍ଚନା କରି କାର୍ଯ୍ୟକ୍ରମକୁ ଆରମ୍ଭ କରା ଯାଇଥିଲା। ପ୍ରଧାନ ଶିକ୍ଷକ ତେଜରାମ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଲାଲ ଓରାମ, ମୁଖ୍ୟବକ୍ତା ଭାବେ ଲିଙ୍ଗରାଜ ପ୍ରାଧନ, ସମ୍ମାନିତ ଅତିଥି ଭାବରେ ଲୋଭାରାମ ପଟେଲ ଓ ଅସକୁରା ଧୂଆ ଯୋଗଦେଇ ନବାଗତ ଛାତ୍ର ଛାତ୍ରୀ ଙ୍କୁ ସ୍ୱାଗତ କରିବା ସହିତ ଉଜ୍ଜଳ ଭବିଷ୍ୟତ ଗଠନ କ୍ଷେତ୍ରରେ ଆଗେଇଯିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ସୁସମା ଭୋଇ, ରାଜେଶ୍ୱର ସୁନାନୀ, ପ୍ରତିଭା ତନ୍ତି, ଗୋବିନ୍ଦ ରଣା, ନନ୍ଦିତା ମାଝୀ ନବାଗତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବା ସହ ମାର୍ଗଦର୍ଶନ ଦେଇଥିଲେ। ଏଠାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ରୀତାରାଣୀ ନାଏକ, ରୋଜାଲିନ ଶତପଥୀ, ଯାଞ୍ଜସେନୀ ସା, ପ୍ରଶାନ୍ତ ସାହୁ, ସଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ସୁଶୀଲ ପୋଢ କାର୍ଯ୍ୟକ୍ରମକୁ ପରିଚାଳନ କରିଥିବା ବେଳେ ସଂସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଦ୍ୱାଦଶ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା ।

● ପୁଅର ଅପହରଣକୁ ବିତିଲାଣି ଅଢ଼େଇ ମାସ

# ଏସ୍‌ପିଙ୍କୁ ଗୁହାରି କରି ବି ନିରାଶ ବାପା

**ରାୟଗଡ଼ା,୨୬।୭(ସଂଚାର ବ୍ୟୁରୋ):** ଦୀର୍ଘ ଅଢ଼େଇ ମାସ ହେଲାଣି ମଝିଆ ପୁଅର କୌଣସି ପତ୍ତା ମିଳୁନାହିଁ। ପୁଅକୁ ଖୋଜିବା ପାଇଁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ବାପା ବଳ ଜାନି । କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ମେଡ଼ିପୁଟ ଗାଁର ସୋମନାଥ ଜାନି। ଗତ ମେ' ମାସ ୨୫ ତାରିଖରେ କେହି ତାଙ୍କୁ ଅପହରଣ କରିନେଇଥିବା ଅଭିଯୋଗ କରିଛନ୍ତି ତାଙ୍କ ବାପା ବଳ ଜାନି । ରାୟଗଡ଼ା ଜିଲ୍ଲା କୁମ୍ଭିକୋଟା ଗାଁର କିଛି ଲୋକ ମିଶି ପୁଅକୁ ଅପହରଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ସେ ଏନେଇ କୋରାପୁଟ ଏସ୍‌ପିଙ୍କୁ ମଧ୍ୟ ଜଣାଇଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ପୁଲିସ ପକ୍ଷରୁ କୌଣସି ସୂଚନା ମିଳିନାହିଁ । ପୁଅର ପତ୍ତା ମିଳୁନଥିବାରୁ ଆଶା ଓ ଆଶଙ୍କାରେ ବାପା । ଘରର ମୁରବି ନଥିବାରୁ ଘର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି । ପିଲାଙ୍କୁ ବୁଝାଇ ତାଙ୍କ ପାଇଁ ଦାନା ଯୋଗାଡ଼ କରିବା କାଠିକର ପାଠ ହୋଇଛି । ଏପରି ପରିସ୍ଥିତିରେ ପୁଲିସ ପ୍ରଶାସନ ଉପରେ ଭରସା ତୁଟିଯାଉଛି । ତେଣୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ପୁଅକୁ ଖୋଜି ଆଣିବାକୁ ଅନୁରୋଧ କରିଛନ୍ତି ପରିବାର ଲୋକ । ସେପଟେ ନନ୍ଦପୁର ଥାନା ଅଧିକାରୀ ମମତା ପଣ୍ଡା କହିଛନ୍ତି, ନିଖୋଜ ମାମଲା ରୁଜୁ ହୋଇଛି। ରାୟଗଡ଼ାର ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି ଚାଲିଛି। ନିଖୋଜ ବ୍ୟକ୍ତିଙ୍କ ଫୋନ ସ୍ୱିଚ୍‌ଡ ଅଫ୍ ଥିବାରୁ ସିଡିଆର୍ ଯାଞ୍ଚ କରାଯାଉଛି ।

# ଗ୍ରାମର ଭିତର ଗଳି ରାସ୍ତାରେ ଆଣ୍ଠୁଏ ପାଣି

**ସୁନ୍ଦରଗଡ଼,୨୬।୭(ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ଯୋଗୀମାଲ ପଞ୍ଚାୟତ ଅନ୍ତର୍ଗତ ଡ଼ମବାହାଲ ଭିତର ଗଳି ରାସ୍ତା ପାଣି ଘେରରେ ରହିଛି । ଡ଼ମବାହାଲ ଭିତର ଗଳି ରାସ୍ତା ଗତ ୨୦୨୪/୨୦୨୫ ଆର୍ଥିକ ବର୍ଷରେ ଉକ୍ତ ଗଳିରେ କଂକ୍ରିଟ ରାସ୍ତା ତିଆରି ହୋଇଛି ହେଲେ ଉକ୍ତ ରାସ୍ତାଟି ଉପର ପଟରୁ ତିଆରି ହେବା ପରିବର୍ତ୍ତେ ତଳ ପଟୁ ଉପରକୁ ହେବାରୁ ପାଣି ସବୁ ଜମା ହୋଇ ଘର ମାନଙ୍କୁ ପ୍ରବେଶ କରୁଛି, ଯଦ୍ୱାରା ୭/୮ ଟି ଘର ପାଣି ଘେରରେ ରହିଛନ୍ତି । ତତ୍ ସଙ୍ଗେ କଂକ୍ରିଟ ରାସ୍ତାଟି ଘର ଠାରୁ ଉଚ୍ଚ ହେବାରୁ ଘର ମାନଙ୍କ ଠାରୁ ପାଣି ବାହାରି ପାରୁ ନାହିଁ । ଉକ୍ତ ଆଣ୍ଠୁଏ ପାଣିରେ ସ୍କୁଲ ଛାତ୍ର ଛାତ୍ରୀ ଯିବା ଆସିବା କରିବା ଦ୍ୱାରା ଅନେକ ଘା ଗନ୍ଧା ହେଉ ଥିବାର ଗ୍ରାମବାସୀ କହିଥିଲେ । ଗତ ୦୨/୦୪/୨୦୨୫ ଦିନ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ



ଅଧିକାରୀ ଟାଙ୍ଗରପାଲିକୁ ଲିଖିତ ଅଭିଯୋଗ କରିଥିଲେ । କୌଣସି ସୁଫଳ ନ ମିଳିବାରୁ ଗତ ୧୩/୦୫/୨୦୨୫ ଦିନ ମଧ୍ଯ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି, ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ହୋଇନାହିଁ ବୋଲି ଗ୍ରାମବାସୀ ଆମ ପ୍ରତିନିଧିଙ୍କୁ କହିଛନ୍ତି । ଏହାକୁ ନେଇ ଆମ ପ୍ରତିନିଧି ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ୍ ବେହେରାଙ୍କୁ ଫୋନ ଯୋଗ ଯୋଗାଯୋଗ କରିଥିବାରୁ ବିଡ଼ିଓ ପ୍ରତିକ୍ରିୟାରେ କହିଥିଲେ ସେଠାରେ ଡ୍ରେନ ତିଆରି କରିବା ପାଇଁ ତହସିଲଦାରଙ୍କୁ ଜମି ଚିହ୍ନଟ କରିବା ପାଇଁ ଲିଖିତ ଜଣାଇ ଦିଆଯାଇଛି । ଜମି ଚିହ୍ନଟ ହୋଇ ସାରିଲା ପରେ ଉକ୍ତ ରାସ୍ତାରେ ଅତିଶିଘ୍ର ପାଣି ନିଷ୍କାସନ ପାଇଁ ଡ୍ରେନ ତିଆରି କରାଯିବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି ।

## ସୁଶାନ୍ତ ପଲାଇଙ୍କ ସ୍ମୃତିଚାରଣ



**କଣାସ,୨୬।୭(ସଂଚାର ବ୍ୟୁରୋ):** କଣାସ ବ୍ଲକ୍ ବଡାଳଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଓଗାଳପୁରଠାରେ ସୁଶାନ୍ତ ପଲାଇଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ସର୍ବେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ଧନେଶ୍ୱର ଲେଙ୍କା, ବିଦୁର ସାହୁ, ପ୍ରଭାସିନୀ ସାମନ୍ତରାୟ, ଦାଶରଥି ସାହୁ, ପ୍ରଫୁଲ୍ଲ ସ୍ୱାଇଁ, ସତ୍ୟବ୍ରତ ସାହୁ, ଘନଶ୍ୟାମ ଜେନା, ସୁଶିଲ ପ୍ରଧାନ, ଅର୍ଜୁନ ସାମନ୍ତରାୟ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। କାଦୁଆ, ଗୋପିନାଥପୁର, ବଡାଳ ପ୍ରଭୃତି ଗ୍ରାମ ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ପୁରାତନ ସହପାଠୀ ଯୋଗଦେଇଥିଲେ। ଗଣେଶ ସାହୁ, ଗୋପବନ୍ଧୁ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଜନୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯୭୦ ବୋତଲ କଫ ସିରପ ସହ ନିଶାବଟିକା ଜବତ, ୩ ଗିରଫ



**ବରଗଡ଼,୨୬।୭(ସଂଚାର ବ୍ୟୁରୋ):** ବରଗଡ଼ ପୋଲିସ ନିଶା କାରବାର ଧରପଗଡ଼ ଅଭିଯାନକୁ ଜୋରଦାର କରିଛି। ଶନିବାର ସକାଳେ ବରଗଡ଼ ଟାଉନ ଥାନା ପୋଲିସ ବରଗଡ଼ ସହରରୁ ୧୯୭୦ ବୋତଲ କଫ ସିରପ ଏବଂ ୧ହଜାର ନିଶା ବଟିକା ଜବତ କରିଛି। ଏହା ସହିତ ଗୋଟିଏ ବାଇକ, ଗୋଟିଏ ସ୍କୁଟି ଏବଂ ୨ଟି ମୋବାଇଲକୁ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗତ କିଛିଦିନ ପୂର୍ବରୁ ମଧ୍ୟ ବରଗଡ଼ ସହରରୁ ବିପୁଳ ପରିମାଣରେ କଫ ସିରପ ଏବଂ ବ୍ରାଉନସୁଗାର ଜବତ ହୋଇଥିଲା। ନିଶା କାରବାର ଦମନରେ ପୋଲିସର ଏହି ଅଭିଯାନ ପରେ ଏଭଳି କାରବାର ଚଳାଇଥିବା ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ଛତ୍ରପୁର ଧାଇଁ ଲୋକେ ହଇରାଣ: ହିଞ୍ଜିଳିକାଟୁକୁ ଉପଖଣ୍ଡ ମାନ୍ୟତା କେବେ?

**ହିଞ୍ଜିଳିକାଟୁ,୨୬।୭ (ସଂଚାର ବ୍ୟୁରୋ):** ଦିନ ଥିଲା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି କହିଲେ ତୃତୀୟ ମହଲାର ବାବୁ ତତ୍ପରତା ଦେଖାଉଥିଲେ।ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ହିଞ୍ଜିଳିକାଟୁ, ୨୦୧୮ ମସିହାରେ ୨୧ଟି ୱାର୍ଡକୁ ନେଇ ଏନଏସିରୁ ପୌରପାଳିକା ମାନ୍ୟତା ମିଳିଲା।ଚଳିତ ବର୍ଷ ସାଧାରଣ ନିର୍ବାଚନ ଆଗରୁ କଥା ଉଠିଲା କିନ୍ତୁ ପରବର୍ତ୍ତୀ ସମୟରେ ଏହା ଶୀଥିଳ ପଡ଼ିଲା। ଅନ୍ୟପଟେ ଦେଖିବାକୁ ଗଲେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜନବସତି ତା 'ସହ ଉତ୍ତର ଓ ଦକ୍ଷିଣ ଓଡିଶାକୁ ଯୋଗାଯୋଗ ପାଇଁ ଏଠାରୁ ସବୁପ୍ରକାର ସୁବିଧା ରହିଛି। ହେଲେ ବି ସରକାରୀ ଓ ରାଜସ୍ୱ କାର୍ଯ୍ୟ ପାଇଁ ଦୂର ସଦରମହକୁମା ଛତ୍ରପୁର ଯା 'ଆସ ୮୦କିଲୋମିଟର ପଡୁଛି। ଖର୍ଚ୍ଚାନ୍ତ ସହ ଦୁଇଟି ବସ୍ ବଦଳ କରିବାକୁ ପଡୁଛି।ସବୁଠୁ ମୂଲ୍ୟବାନ ସମୟ ବି ନଷ୍ଟ ହେଉଛି। ପ୍ରକାଶ ଥାଉ କି, ଶିକ୍ଷା ବ୍ୟବସ୍ଥା ଉପରେ ଟିକେ ଆଖି ବୁଲେଇଲେ ଏଠାରେ ପ୍ରାଥମିକ ସ୍ତରରୁ ହାଇସ୍କୁଲ ଯାଏଁ ବୃନ୍ଦାବନ ବିଦ୍ୟାପୀଠ ଓ ଏନଏସି ଉଚ୍ଚ ବିଦ୍ୟାଳୟ ରହିଛି। ଯୁକ୍ତ ଦୁଇ, ଯୁକ୍ତ ୩ ଓ ପିଜି ପଢା ନିମନ୍ତେ ପ୍ରତିଷ୍ଠିତ ହିଞ୍ଜିଳି ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ରହିଛି।ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରାୟ ୩୧ କୋଟି ଟଙ୍କା ବ୍ୟୟରେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ ରହିଥିବାରୁ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଗାଁର ଲୋକେ ଉନ୍ନତମାନର ଚିକିତ୍ସା ପାଇଁ ଏଠାରେ ନିର୍ଭର କରିଥା'ନ୍ତି। ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହ ସିନିୟର ଡିଭିଜନ ସିଭିଲ କୋର୍ଟର ନିଜସ୍ୱ କୋଠା ରହିଛି। ତା 'ସହ ଆଇନଶୃଙ୍ଖଳା ନିମନ୍ତେ ଅତ୍ୟାଧୁନିକ କୌଶଳରେ ନିର୍ମିତ ହିଞ୍ଜିଳି ଓ ବେଲଗାଁ ଥାନା ରହିଛି। କ୍ରୀଡାର ବିକାଶ ପାଇଁ ଇଣ୍ଡୋର ଷ୍ଟାଡିୟମ ସହ ସ୍ମାର୍ଟ ପାର୍କର ସୌନ୍ଦର୍ଯ୍ୟକରଣ କାମ ତ୍ୱରାନ୍ୱିତ ହୋଇଛି। ଶେରଗଡ଼, ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର ଓ ହିଞ୍ଜିଳିକାଟୁ ବ୍ଲକକୁ ନେଇ ରାଜସ୍ୱ ଉପଖଣ୍ଡ ଗଠନ ପାଇଁ ବିଭିନ୍ନ ସଂଗଠନ ମାଧ୍ୟମରେ ଦାବି ରଖିଥିଲେ କିନ୍ତୁ ପରେ ତାହା ଥଣ୍ଡା ପଡ଼ିଗଲା। ଶେରଗଡ଼ ବାସୀ ଭଂଜନଗର, କବିସୂର୍ଯ୍ୟନଗରବାସୀ ଛତ୍ରପୁର, ପୁରୁଷୋତ୍ତମପୁରବାସୀ ଛତ୍ରପୁର ଓ ସାନଖେମୁଣ୍ଡିବାସୀ ବ୍ରହ୍ମପୁର ଉପରେ ନିର୍ଭର କରୁଛନ୍ତି। ଭୌଗୋଳିକ ଦୃଷ୍ଟି କୋଣରୁ ହିଞ୍ଜିଳି ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇଁ ସମସ୍ତ ମାନଦଣ୍ଡ ପୂରଣ କରୁଛି। ରାଜସ୍ୱ ଉପଖଣ୍ଡ ଗଠନ ପାଇଁ ଆଗାମୀ ଦିନରେ ଜନସଚେତନତା ସୃଷ୍ଟି କରାଯିବ ଏବଂ ଏହା ହେଲେ ଲୋକଙ୍କ ବହୁ ସୁବିଧା ହେବ ବୋଲି ଓକିଲ ସଂଘ ପ୍ରାକ୍ତନ ସଭାପତି ଦ୍ୱିତୀକୃଷ୍ଣ ସାବତ କହିଛନ୍ତି। ସେତେବେଳେ ସରକାର ଏହାକୁ ଗୁରୁତ୍ୱ ଦେଇ ନ ଥିଲେ କିନ୍ତୁ ନୂତନ ସରକାର ଦୃଷ୍ଟି ଦେବାର ସମୟ ଆସିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ନଚେତ ଏଭଳି ଦଣ୍ଡ ଲୋକେ ଭୋଗିବାକୁ ପଡ଼ିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

## ଲଙ୍କାଧୂଆଁ ଦେଇ ନାଗସାପକୁ ଜଗିଲେ ୮ ଘଣ୍ଟା

**ଭଞ୍ଜନଗର,୨୬।୭ (ସଂଚାର ବ୍ୟୁରୋ):** ବର୍ଷାଋତୁରେ ଗାତଗୁଡ଼ିକରେ ପାଣି ଭର୍ତ୍ତି ହୋଇଯାଉଛି। ଫଳରେ ସାପମାନେ ଗାତ ଭିତରୁ ବାହାରି ଏଣେତେଣେ ଘୂରି ବୁଲୁଛନ୍ତି। ଏହି ସମୟରେ ସେମାନଙ୍କ ଆକ୍ରମଣରେ ଲୋକେ ମୃତ୍ୟୁବରଣ କରୁଛନ୍ତି। ଏଥିସହ ଲୋକେ ମଧ୍ୟ ସାପକୁ ବାଡ଼ାଇ ମାରିଦେଉଛନ୍ତି। ତେଣୁ ଅନ୍ୟ ଋତୁ ଅପେକ୍ଷା ବର୍ଷାଋତୁରେ ସାପ ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ଏହିଭଳି ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର କର୍ମଚାରୀ କାଳୀପ୍ରସାଦ ତ୍ରିପାଠୀଙ୍କ ସ୍କୁଟିରେ ଏକ ନାଗସାପ ଶନିବାର ସକାଳ ୧୦ଟାରେ ପଶିଯାଇଥିଲା। ଏନେଇ ଛାତ୍ରମାନେ ଦେଖି ହୋ-ହଲ୍ଲା କରିବା ପରେ କାଳୀପ୍ରସାଦ ଆସି ସାପକୁ ଗାଡ଼ିରୁ ବାହାର କରିବା ପାଇଁ ଅନେକ ଚେଷ୍ଟା କରିଥିଲେ। କିନ୍ତୁ ସାପ ଗାଡିରୁ ବାହାରି ନ ଥିଲା। ସାପକୁ ଗାଡ଼ିରୁ ବାହାର କରିବା ପାଇଁ ଗାଡ଼ିକୁ ଲଙ୍କାଧୂଆଁ ଦେଇ ଫିନାଇଲ ପକାଇଥିଲେ। ପାଣି ଢାଳିଥିଲେ। ତଥାପି ସାପ ବାହାରି ନ ଥିଲା।